

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୨୯ ଏପ୍ରିଲ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 29 APRIL 2023
Vol.No. 34 ■ No. 112 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ସୁଦାନରୁ ଫେରିଲେ ୬ଜଣ ଓଡ଼ିଆ

## ବଖାଣିଲେ ଗୃହଯୁଦ୍ଧ ଭିତରୁ ମୁକୁଳି ଆସିବାର ଛାତିଥରା ଅନୁଭୂତି



ଭୁବନେଶ୍ୱର, ୨୮/୦୪ (ନି.ପ୍ର): ମୁଣ୍ଡ ଉପରେ ବନ୍ଧୁକ, ସୁଦାନରେ ଦିନକୁ ଦିନ ଭୟଙ୍କର ହେଉଥିବା ଗୃହଯୁଦ୍ଧ ଭିତରେ ପ୍ରତିମୁହୂର୍ତ୍ତରେ ରହିଥିଲା ମୃତ୍ୟୁର ଭୟ । କେବେ କଣ ଘଟିବ, ତାକୁ ଆକଳନ କରିବା ଥିଲା ମୁସ୍କିଲ୍ । ୮ଘଂଟା ଧରି ଗନ୍ ପଏଣ୍ଟରେ ରହିଥିଲେ ବାଲେଶ୍ୱର ସୋର ଅଞ୍ଚଳର ଶିବପ୍ରସାଦ ଜେନା । ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚି ପରେ ବଖାଣିଛନ୍ତି ଅଙ୍ଗେଲିଭା କାହାଣୀ । ଏକ ଷ୍ଟିଲ୍ କମ୍ପାନୀରେ କାମ କରୁଥିଲେ ଶିବପ୍ରସାଦ । ୮ଘଂଟାରୁ ଅଧିକ ସମୟ ଗନ୍ ପଏଣ୍ଟରେ ରଖିବା ସହ ତାଙ୍କ ଠାରୁ ଟଙ୍କା ଆଉ ମୋବାଇଲ୍ ଲୁଟି ନେଇଥିଲେ ବିଦ୍ରୋହୀ । ସୁଦାନରେ ହିଂସା ଲାଗି ରହିଥିବା ବେଳେ ସେଠାରେ ରହୁଥିବା ଭାରତୀୟଙ୍କ ସମସ୍ୟା ମଧ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଥିଲା । ଦିନକୁ ଗୋଟିଏ ଓଳି ଖାଇବା ବି ମୁସ୍କିଲ ହେଇ ପଡିଥିଲା । ଯାହା ଟଙ୍କା ଆଉ ଖାଇବା ସାମଗ୍ରୀ ଥିଲା, ତାହା ମଧ୍ୟ ଲୁଟି ନେଇଥିଲେ ଆକ୍ରମଣକାରୀ । କେନ୍ଦ୍ର ସରକାରଙ୍କ ଅପରେସନ କାବେରୀ ଜରିଆରେ ସେମାନଙ୍କୁ ଉଦ୍ଧାର କରାଯାଇଛି । ସ୍ୱତନ୍ତ୍ର ବିମାନ ଯୋଗେ ଦିଲ୍ଲୀ ଅଣାଯାଇଥିବା ବେଳେ ଆଜି ସକାଳେ ବିମାନ ଯୋଗେ ଦିଲ୍ଲୀରୁ ଭୁବନେଶ୍ୱରରେ ପହଞ୍ଚିଛନ୍ତି ୬ ଜଣ ଓଡ଼ିଆ । ଗୁଳିଗୋଳା ବର୍ଷଣ, ଗ୍ରେନେଡ୍ ବିସ୍ଫୋରଣର ଛାତିଫଟା ଶବ୍ଦ ଯେତେବେଳେ କାନରେ ବାଜୁଥିଲା, ସେତେବେଳେ ଆହୁରି ବଢୁଥିଲା ଭୟ । ଏବେ ଭାରତ ଫେରି ଆସିବା ପରେ ସେମାନଙ୍କ ଦେହରେ ଜୀବନ ପସିଛି । ପାଖାପାଖି ଅଢ଼େଇ ହଜାର ଭାରତୀୟଙ୍କୁ ଫେରାଇ ଅଣାଯାଇଛି । ପ୍ରାୟ ୫ ହଜାର ଭାରତୀୟ ସୁଦାନରେ ଫସି ରହିଥିଲେ । ପର୍ଯ୍ୟାୟକ୍ରମେ ସମସ୍ତଙ୍କୁ ଫେରାଇ ଅଣାଯିବ ବୋଲି କହିଛି ବୈଦେଶିକ ମନ୍ତ୍ରାଳୟ ।

# ବ୍ରିଜଭୂଷଣଙ୍କ ନାମରେ ଦିଲ୍ଲୀ ପୋଲିସ ରୁଜୁ କରିବ ମାମଲା



ନୂଆଦିଲ୍ଲୀ,୨୮/୦୪ : ଭାରତୀୟ କୁସ୍ତିସଂଘର ପ୍ରମୁଖ ବ୍ରିଜଭୂଷଣ ଶରଣ ସିଂଙ୍କ ବିରୋଧରେ ଯୌନ ଉତ୍ପୀଡନ ଅଭିଯୋଗ ଆଣିଥିବା ମହିଳା କୁସ୍ତିଯୋଦ୍ଧାଙ୍କ ଆବେଦନ ଉପରେ ସୁପ୍ରିମକୋର୍ଟ ଶୁକ୍ରବାର ଦିନ ଶୁଣାଣି କରିଛନ୍ତି । ମୁଖ୍ୟ ବିଚାରପତି ଜଷ୍ଟିସ ଡି.ୱାଇ ଚନ୍ଦ୍ରଚୁଡ ଓ ଜଷ୍ଟିସ ପି.ଏସ ନରସିହ୍ମାଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ । ସେପଟେ କେନ୍ଦ୍ର ସରକାରଙ୍କ ପକ୍ଷ ରଖିଥିବା ସଲିସିଟର ଜେନରାଲ ତୁଷାର ମେହେଟ୍ଟା ସୁପ୍ରିମକୋର୍ଟଙ୍କୁ ସୂଚିତ କରିଛନ୍ତି କି, ମହିଳା କୁସ୍ତିଯୋଦ୍ଧାଙ୍କ ଦ୍ୱାରା କରାଯାଇଥିବା ଅଭିଯୋଗ ଉପରେ ଯାଂଚ କରି ବ୍ରିଜଭୂଷଣଙ୍କ ବିରୋଧରେ ଦିଲ୍ଲୀ ପୋଲିସ ମାମଲା ରୁଜୁ କରିବ । ଏହାସହ ଏହି ମାମଲାରେ ଆଜି ବ୍ରିଜ ଭୂଷଣଙ୍କ ବିରୋଧରେ ଦିଲ୍ଲୀ ପୋଲିସ ମାମଲା ରୁଜୁ କରିବ ବୋଲି ସଲିସିଟର ଜେନରାଲ କୋର୍ଟଙ୍କୁ ସୂଚନା ଦେଇଛନ୍ତି । ସେପଟେ ଅଭିଯୋଗକାରୀ ମହିଳା କୁସ୍ତିଯୋଦ୍ଧାଙ୍କ ମଧ୍ୟରେ ଜଣେ ନାବାଳିକା ରହିଛନ୍ତି । ତାଙ୍କ ଅଭିଯୋଗର ଶୁଣାଣି କରି କୋର୍ଟ ଦିଲ୍ଲୀ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି ନାବାଳିକାଙ୍କୁ ଜୀବନ ପ୍ରତି ବିପଦ ଥିବାରୁ ତାଙ୍କୁ ତୁରନ୍ତ ସୁରକ୍ଷା ପ୍ରଦାନ କରାଯାଉ । ଏହାସହ ଏହି ମାମଲା ଉପରେ ଆସନ୍ତା ଶୁକ୍ରବାର ଦିନ ପୁଣି ଶୁଣାଣି କରାଯିବ ବୋଲି ଖଣ୍ଡପୀଠ କହିଛନ୍ତି । ଅନ୍ୟପଟେ ଧାରଣାରେ ବସିଥିବା ମହିଳା କୁସ୍ତିଯୋଦ୍ଧାମାନେ ଦାବି କରିଛନ୍ତି କି, ଏହି ମାମଲାର ଯାଂଚ ଏସଆଇଟି ଦ୍ୱାରା କରାଯାଉ ଓ ଏହା ଉପରେ ଅବସରପ୍ରାପ୍ତ ବିଚାରପତି ନଜର ରଖନ୍ତୁ । ସେପଟେ ସରକାରଙ୍କ ତରଫରୁ ମାମଲା ଲଢୁଥିବା ସଲିସିଟର ଜେନରାଲ ତୁଷାର ମେହଟ୍ଟା କହିଛନ୍ତି ଏହି ଘଟଣାକ୍ରମକୁ ଦେଖିବା ପରେ ଏହା ପଛରେ ଅନ୍ୟ କିଛି କାରଣ ଥାଇପାରେ ବୋଲି ଆକଳନ କରିଛନ୍ତି । ଏହାସହ ଏହା ଏକ ଗମ୍ଭୀର ମାମଲା ବୋଲି ତୁଷାର ମେହଟ୍ଟା କହିଛନ୍ତି ।

## ୨ ତାରିଖ ଯାଏଁ କାଳବୈଶାଖୀ ସମ୍ଭାବନା

ଭୁବନେଶ୍ୱର,୨୮ ଏପ୍ରିଲ - ରାଜ୍ୟରେ ଆସନ୍ତା ୨ ତାରିଖ ଯାଏଁ କାଳବୈଶାଖୀ ବର୍ଷା ସମ୍ଭାବନା ରହିଥିବା ଆକଳନ କରିଛି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ୨୪ ଘଂଟା ପାଇଁ ୨୧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ କରିଛି ପାଣିପାଗ ବିଭାଗ। ସମସ୍ତ ଉପକୂଳ ଜିଲ୍ଲା ସହ ପଶ୍ଚିମ ଓଡ଼ିଶାର କିଛି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ଏହି ଜିଲ୍ଲାଗୁଡିକ ହେଲା ବାଲେଶ୍ୱର ,ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ , ଖୋର୍ଦ୍ଧା, ନୟାଗଡ, ଗଂଜାମ, ଗଜପତି, କେନ୍ଦୁଝର, ମୟୁରଭଂଜ, ଅନୁଗୁଳ, ଢେଙ୍କାନାଳ, କଳାହାଣ୍ଡି, କନ୍ଧମାଳ, ରାୟଗଡା, କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର। ଏହିସବୁ ଜିଲ୍ଲାରେ ଘଡ଼ଘଡ଼ି ସହ ବର୍ଷା ଏବଂ ୩୦/୪୦ କିମି ବେଗରେ ପବନ ସମ୍ଭାବନା ରହିଛି। ଏହାବ୍ୟତୀତ କୋରାପୁଟ, ଗଂଜାମ, ଗଜପତି, ମୟୁରଭଂଜ ଓ ବାଲେଶ୍ୱର ଜିଲ୍ଲାରେ କୁଆପଥର ବର୍ଷା ସମ୍ଭାବନା ଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଆସନ୍ତାକାଲି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଂଜାମ, ଗଜପତି , ମୟୁରଭଂଜ, ଅନୁଗୁଳ, ଢେଙ୍କାନାଳ ଓ କନ୍ଧମାଳ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘଡଘଡି ବର୍ଷା ସହ ୩୦ରୁ ୪୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। ଏଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

## ଅମିତ ଶାହାଙ୍କ ନାଁରେ ଏତଲା ଦେଲା କର୍ଣ୍ଣାଟକ କଂଗ୍ରେସ



ନୂଆଦିଲ୍ଲୀ,୨୮/୦୪ : ଗୃହମନ୍ତ୍ରୀ ଅମିତ ଶାହାଙ୍କ ନାଁରେ ଏତଲା ଦେଇଛି କର୍ଣ୍ଣାଟକ କଂଗ୍ରେସ । ରାଜ୍ୟ କଂଗ୍ରେସ ମୁଖ୍ୟ ଡି.କେ ଶିବକୁମାର ଶାହାଙ୍କ ବିରୋଧରେ ବେଙ୍ଗାଲୁରର ହାଇ ଗ୍ରାଉଣ୍ଡ ଥାନାରେ ଏତଲା ଦେଇଛନ୍ତି । ଉସୁକାଇବା ଭଳି ଭାଷଣ, ଶତ୍ରୁତା ବଢାଇବା, ଘୃଣା ଭାଷଣ ନେଇ ଥାନାରେ ଅଭିଯୋଗ କରିଛନ୍ତି । ଯଦି କଂଗ୍ରେସ ସରକାରକୁ ଆସେ, ତେବେ ସାମ୍ପ୍ରଦାୟିକ ଦଙ୍ଗା ହେବ ବୋଲି କହିଥିଲେ । ତେବେ କିପରି ଶାହା ଏପରି କହିପାରୁଛନ୍ତି ବୋଲି ପ୍ରଶ୍ନ କରିଛି କଂଗ୍ରେସ । ଏନେଇ ନିର୍ବାଚନ କମିଶନଙ୍କ ନିକଟରେ ଅଭିଯୋଗ କରିବେ ବୋଲି କହିଛନ୍ତି କର୍ଣ୍ଣାଟକ କଂଗ୍ରେସ ମୁଖ୍ୟ । ନିକଟକରେ କର୍ଣ୍ଣାଟକର ଏକ ରାଲିରେ ଶାହ ଭୋଟରଙ୍କୁ ସତର୍କ କରି କହିଥିଲେ ଯେ କଂଗ୍ରେସ ଯଦି କ୍ଷମତାକୁ ଆସିବ, ତେବେ ରାଜ୍ୟରେ ଦଙ୍ଗା ହେବ ।

## ପଶ୍ଚିମ ବଙ୍ଗରେ ୯୪ ହଜାର ଟଙ୍କାର ଜାଲି ନୋଟ ଜବତ, ଜଣେ ଗିରଫ

କୋଲକାତା, ୨୮/୦୪ :ପଶ୍ଚିମ ବଙ୍ଗ ପୋଲିସର ଅପରାଧ ଜାଂଚ ଶାଖା ୯୪ ହଜାର ଟଙ୍କାର ଜାଲ ନୋଟ ଜବତ କରିଛି । ମୁର୍ସିଦାବାଦ ଜିଲ୍ଲାର ଜଣେ ବ୍ୟକ୍ତିଙ୍କ ଠାରୁ ଏହି ଜାଲ ନୋଟ ଜବତ କରା ଯାଇଛି । ଉକ୍ତ ବ୍ୟକ୍ତିକୁ ମଧ୍ୟ ପୋଲିସ ଗିରଫ କରିଛି । ସମସ୍ତ ନୋଟ ୫୦୦ ଟଙ୍କିଆ ନୋଟ ରହିଛି ବୋଲି ପଶ୍ଚିମ ବଙ୍ଗ ପୋଲିସ ପକ୍ଷରୁ କୁହାଯାଇଛି ।

## ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଲେ ପ୍ରିୟଙ୍କା ଗାନ୍ଧୀ

ନୂଆଦିଲ୍ଲୀ,୨୮/୦୪ : କଂଗ୍ରେସ ମହାସଚିବ ପ୍ରିୟଙ୍କା ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛନ୍ତି । ସୁସାଇଡ୍ ସମ୍ବନ୍ଧୀୟ ଏକ ଜୋକକୁ ନେଇ ପ୍ରଧାନମନ୍ତ୍ରୀଙ୍କୁ ଘେରିଛନ୍ତି ପ୍ରିୟଙ୍କା । କହିଛନ୍ତି, ପ୍ରଧାନମନ୍ତ୍ରୀ ଓ ଯେଉଁମାନେ ତାଙ୍କ ଜୋକକୁ ନେଇ ହସୁଛନ୍ତି, ସେମାନେ ମାନସିକ ସ୍ୱାସ୍ଥ୍ୟ ପ୍ରସଙ୍ଗକୁ ନେଇ ଉପହାସ କରିବା ବଦଳରେ ନିଜକୁ ଅଧିକ ଶିକ୍ଷିତ କରିବା ଆବଶ୍ୟକ । ବୁଧବାର ଏକ ଟିଭି ଚ୍ୟାନେଲରେ ମୋଦୀ କହିଥିଲେ, ଜଣେ ପ୍ରଫେସର ତାଙ୍କ ଝିଅର ସୁସାଇଡ୍ ନୋଟ୍ ପଢ଼ିବା ବେଳେ ମନ୍ତବ୍ୟ କରିଥିଲେ ଯେ ସେଥିରେ ଗୋଟିଏ ବନାନ ଭୁଲ୍ ରହିଯାଇଛି । ଏତେ ବର୍ଷ ଧରି ଝିଅକୁ ପଢ଼ାଇବାରେ ସେ କଠିନ ପରିଶ୍ରମ କରିଥିଲେ ମଧ୍ୟ ତାଙ୍କ ଝିଅ ବନାନ ଭୁଲ୍ କରୁଛି ।



ପ୍ରଧାନମନ୍ତ୍ରୀଙ୍କ ଏଭଳି ଜୋକକୁ ବିରୋଧ କରି ପ୍ରିୟଙ୍କା ଟ୍ୱିଟ୍ କରିଛନ୍ତି ।

# ପାଖଉଛି କର୍ଣ୍ଣାଟକ ବିଧାନସଭା ନିର୍ବାଚନ : ସରଗରମ ହେଉଛି ରାଜ୍ୟ ରାଜନୀତି



ନୂଆଦିଲ୍ଲୀ,୨୮/୦୪ : ଭୋଟ ପାଇଁ ଏହାକୁ ନାଟକ କହିପାରିବା କିମ୍ୱା ଭୋଟ ପାଇଁ ଏହା ବଳକଷାକଷି ହୋଇପାରେ । କର୍ଣ୍ଣାଟକ ବିଧାନସଭା ନିର୍ବାଚନ ଯେତିକି ପାଖଉଛି ସେତିକି ବିଗୁଡୁଛି ବରିଷ୍ଠ ରାଜନେତାଙ୍କ ବୟାନ । ପୂର୍ବରୁ କୁଜିନେତାଙ୍କ ବିବାଦୀୟ ବୟାନ ଶୁଣିବାକୁ ମିଳୁଥିଲା ଏବେ କିନ୍ତୁ ଦଳର ବରିଷ୍ଠ ନେତା ସୀମା ଲଘିଂ ଦେଉଛନ୍ତି ବୟାନ ଯାହା ହୁଏତ ପୂର୍ବରୁ ନା କେହି କହିଥିବେ ନା କେହି ଶୁଣିଥିବେ । ନିର୍ବାଚନକୁ ଆଉ କେଇଟା ଦିନ ବାକି ଥିବା ବେଳେ ଦୁଇ ପ୍ରମୁଖ ରାଜନୈତିକ ଦଳ ବିଜେପି ଓ କଂଗ୍ରେସ ଜୋରଦାର ପ୍ରଚାର ଚଳାଇଛନ୍ତି । ପ୍ରଚାର ସମୟରେ ନେତାମାନଙ୍କ ମୁହଁରୁ ଏମିତି କିଛି ଶବ୍ଦ ବାହାରୁଛି, ଯାହା ସବୁ ସୀମା ଟପିଯାଉଛି । ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୋଧରେ ବିବାଦୀୟ ବୟାନ ଦେଇଥିଲେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ । ମୋଦୀଙ୍କୁ ବିଷାକ୍ତ ସାପ କହି ସମ୍ବୋଧନ କରିଛନ୍ତି ଖଡଗେ । ସେପଟେ ନିର୍ବାଚନୀ ରାଲିରେ କଂଗ୍ରେସକୁ ଟାର୍ଗେଟ କରିଥିଲେ ଗୃହମନ୍ତ୍ରୀ ଅମିତ ଶାହା । ରାଜ୍ୟରେ ଯଦି କଂଗ୍ରେସ ସରକାର ଆସେ ତେବେ ପୂରା କର୍ଣ୍ଣାଟକରେ ଦଙ୍ଗା ହୋଇଯିବ ବୋଲି ଶାହା କହିଥିଲେ । ଏହା ପୂର୍ବରୁ ଏକ ଘରୋଇ ଟିଭି ଚ୍ୟାନେଲର କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନମନ୍ତ୍ରୀ ମୋଦୀ ସୁଇସାଇଡ ନୋଟ ସମ୍ବନ୍ଧୀୟ ଏକ କଥା ଉଠାଇ ଜୋକ କରିଥିଲେ । ଏହାକୁ ଏକ ବିବାଦୀୟ ବୟାନ କହି ମୋଦୀଙ୍କୁ ସମାଲୋଚନା କରିଥିଲେ କଂଗ୍ରେସ ମହାସଚିବ ପ୍ରିୟଙ୍କା ଗାନ୍ଧ ଭଦ୍ରା। ଇକ୍ଷ୍ପ୍ରେସ ୨୮, ୨୦୨୩ ବର୍ତ୍ତମାନ ଦଳଗୁଡିକର ଟାର୍ଗେଟରେ ରହିଛି କର୍ଣ୍ଣାଟକ । ନିର୍ବାଚନରେ କଳେବଳେ କୌଶଳରେ ଅଧିକରୁ ଅଧିକ ଭୋଟ ହାତେଇ କିଭଳି କର୍ଣ୍ଣାଟକର କ୍ଷମତା ନିଜ ହାତକୁ ଆସିବ ସେନେଇ ଦଳଗୁଡିକ କସରତ କରୁଛନ୍ତି । କିନ୍ତୁ ଏହା ଭିତରେ ଯେ ସୀମାଟପି ଏମାନେ ଦେଉଥିବା ବିବାଦୀୟ, ଆପତିଜନ ବୟାନ ଏବେ ଚର୍ଚ୍ଚାର ଶିରୋନାମା ପାଲଟିଛି । ଅମିତ ଶାହାଙ୍କ ବୟାନ ପାଇଁ କଂଗ୍ରେସ ଇସିଙ୍କ ଦ୍ୱାରସ୍ଥ ହେବା ସହ ଏତଲା ରୁଜୁ କରିଛି । ▶▶ପୃଷ୍ଠା ୭

## ସହିଦଙ୍କ ପରିବାର ପ୍ରତି ସମ୍ବେଦନଶୀଳ ହୁଅନ୍ତୁ ରାଜ୍ୟ ସରକାର

ଭୁବନେଶ୍ୱର,୨୮/୦୪ : ଗତ ୨୨ତାରିଖରେ ପୁରୀ ଜିଲ୍ଲା ସାକ୍ଷୀଗୋପାଳ ଅଂଚଳର ସହିଦ ଦେବାଶିଷ ବିଶ୍ୱାଳଙ୍କର ମୁଖ୍ୟମନ୍ତ୍ରୀ ଶେଷ ଦର୍ଶନ ନକରିବା ଅତ୍ୟନ୍ତ ଦୁଃର୍ଭାଗ୍ୟର ବିଷୟ। ସହିଦ ଦେବାଶିଷଙ୍କ ୩ମାସର ଝିଅ ଅଛି ହେଲେ ମୁଖ୍ୟମନ୍ତ୍ରୀ ମାତ୍ର ୨୫ଲକ୍ଷ ଟଙ୍କା ପରିବାରକୁ ସହାୟତା ରାଶି ଘୋଷଣା କରିଛନ୍ତି। କିନ୍ତୁ ଆଉ ୪ଜଣ ସହିଦଙ୍କ ପରିବାରକୁ ପଞ୍ଜାବ ସରକାର ଭେଟି ସମବେଦନା ଜଣାଇବା ସହ ୧କୋଟି ଟଙ୍କା ଲେଖାଏଁ ସହାୟତା ରାଶି ଦେବେ ବୋଲି ଘୋଷଣା କରିଛନ୍ତି। ଏଥିସହ ସହିଦ ପରିବାରର ଜଣେ ବ୍ୟକ୍ତିଙ୍କୁ ସରକାରୀ ନିଯୁକ୍ତି ଦେବେ ବୋଲି ପଞ୍ଜାବ ସରକାର ପ୍ରତିଶ୍ରୁତି ଦେଇଥିବା ବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ସହିଦ ଦେବାଶିଷଙ୍କ ପ୍ରାର୍ଥୀବ ଶରୀରକୁ ଶ୍ରଦ୍ଧାଞ୍ଜଳୀ ନଦେବା ଯବାନଙ୍କ ପ୍ରତି ଉଦାସିନତା ମନୋଭାବ ଦର୍ଶାଉଛି ବୋଲି ଅବସରପ୍ରାପ୍ତ କର୍ଣ୍ଣେଲ ମୋହନ ନନ୍ଦ କହିଛନ୍ତି। ରାଜ୍ୟ ସରକାର ସହିଦଙ୍କ ପରିବାର ପ୍ରତି ସମ୍ବେଦନ ହେଲେ ଆଗାମୀ ଦିନରେ ଓଡ଼ିଶାରୁ ଦେବାଶିଷଙ୍କ ଭଳି ଅନେକ ଲଢୁଆ ପୁଅ ଦେଶ ପାଇଁ ଲଢ଼ିବାକୁ ଆସିବେ ବୋଲି ପରାମର୍ଶ ଦେଇଛନ୍ତି।

# ୨ ନାବାଳକଙ୍କ ସମେତ ୬ ଜଣଙ୍କୁ ବଞ୍ଚାଇବା ପରେ ଭାସିଗଲେ ନାଉରିଆ ସୁଦର୍ଶନ ସ୍ୱାଇଁ



କେନ୍ଦ୍ରାପଡା୨୮/୦୪ :(ନି.ପ୍ର) ସୁଦର୍ଶନ ସ୍ୱାଇଁ । ପେଶାରେ ନାଉରିଆ । ଯିଏ ପ୍ରତିଦିନ ଲୋକଙ୍କୁ ଡଙ୍ଗାରେ ପାରିକରନ୍ତି, ସେ ଅନ୍ୟର ଜୀବନ ବଞ୍ଚାଇବାକୁ ଯାଇ ନିଜର ଜୀବନ ଦେଇଛନ୍ତି, ଆଉ ତାଙ୍କୁ ଝୁରି ଝୁରି ଲୋକଙ୍କ ଆଖିରୁ ଲୁହ ଝରିଯାଉଛି । ସେ ଏମିତି କିଛି ମହତ କାମ କରିଯାଇଛନ୍ତି, ଯେତେବେଳେ ତାଙ୍କ ନାମ ଆସିବ ଲୋକଙ୍କ ମନରେ କେବଳ ସମ୍ମାନ ଓ ତ୍ୟାଗର କଥା ଆସିବ । ଅନ୍ୟକୁ ବଞ୍ଚାଇବାକୁ ଯାଇ ନିଜ ଜୀବନ ଦେଇ ଅମର ହୋଇଯାଇଛନ୍ତି ସୁଦର୍ଶନ । ଗତକାଲି ୨୦ ଜଣ ଯାତ୍ରୀଙ୍କୁ ନେଇ ବ୍ରାହ୍ମଣୀ ନଈ ଛାତିରେ ଡଙ୍ଗା ଆଗକୁ ବଢୁଥିଲା । ହେଲେ ହଠାତ୍ ନଈରେ ପାଣି ପଶିବା ଆରମ୍ଭ କଲା, ଆଉ ଡଙ୍ଗାଟି ଓଲଟି ପଡ଼ିଲା । କିଛି କ୍ଷଣ ମଧ୍ୟରେ ସବୁ କିଛି ଓଲଟପାଲଟ ହୋଇଗଲା । ଯାତ୍ରୀମାନେ ପାଣିରେ ପଡ଼ିଯାଇଥିଲେ । ସ୍ଥିତି ସଙ୍ଗୀନ ହୋଇ ଉଠିଥିଲା । ଆଉ ଏହା ଦେଖି ନିଜକୁ ରୋକି ପାରିନଥିଲେ ସୁଦର୍ଶନ । ପାଣି ଭିତରକୁ ଡେଇଁପଡ଼ି ଅନ୍ୟର ଜୀବନ ବଞ୍ଚାଇବାକୁ ଆରମ୍ଭ କରିଦେଇଥିଲେ । ପ୍ରଥମେ ପାଣିରେ ବୁଡ଼ି ଯାଇଥିବା ୨ ଜଣ ପିଲାଙ୍କ ଜୀବନ ବଞ୍ଚାଇଥିଲେ ସୁଦର୍ଶନ । ଏହା ପରେ ଗୋଟିଏ ପରିବାରର ୪ ଜଣଙ୍କ ମଧ୍ୟ ଜୀବନ ବଞ୍ଚାଇଥିଲେ । ହେଲେ ପ୍ରଖର ସ୍ରୋତରେ ଆଉ ଜଣେ ନାବାଳକ ଭାସି ଯାଉଥିବା ଦେଖି ତାଙ୍କୁ ବଞ୍ଚାଇବାକୁ ଡେଇଁ ପଡ଼ିଥିଲେ ସୁଦର୍ଶନ, ଆଉ ସେହି ନାବାଳକଙ୍କ ସହ ଭାସି ଯାଇ ନିଖୋଜ ହୋଇଯାଇଥିଲେ । ଗତକାଲି ନାବାଳକଙ୍କ ମୃତଦେହ ଉଦ୍ଧାର ହୋଇଥିବା ବେଳେ ଆଜି ସୁଦର୍ଶନଙ୍କ ମୃତଦେହ ଉଦ୍ଧାର ହୋଇଛି । ସେପଟେ ସୁଦର୍ଶନଙ୍କ ମୃତଦେହ ମିଳିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଅନ୍ୟର ଜୀବନ ବଞ୍ଚାଇବାକୁ ଯାଇ ସୁଦର୍ଶନଙ୍କ ଜୀବନ ଚାଲିଯିବା ସମସ୍ତଙ୍କୁ ଦୁଃଖ ଦେଇଛି । କାହିଁକି ଏକମାଣିଆକୁ ଏଯାଏଁ ପୋଲ ଯୋଗେ ସଂଯୋଗ ହୋଇନାହିଁ, ତାକୁ ନେଇ ସ୍ଥାନୀୟ ଲୋକ ପ୍ରଶ୍ନ କରିବା ସହ ପ୍ରତିବାଦ କରିଛନ୍ତି ।

## ଭୂତ ଛଡ଼ାଇଦେବାକୁ କହି ୬୨ ଲକ୍ଷ ଟଙ୍କାର ଚୂନ ଲଗାଇଲା ତାନ୍ତ୍ରିକ



କଟକ,୨୮/୦୪ : ଚୂନ ଲଗାଇଦେଲା ତାନ୍ତ୍ରିକ । ଘରେ ଭୂତପ୍ରେତର ପ୍ରଭାବ ଥିବା କହି ୬୨ ଲକ୍ଷ ଟଙ୍କା ଠକେଇ କରୁଥିବା ଅଭିଯୋଗ ହୋଇଛି । ଅଭିଯୋଗରେ କଟକ ମଙ୍ଗଳାବାଗ ଅଂଚଳର କୈଫିକ ଖାନଙ୍କୁ ଗିରଫ କରାଯାଇଛି । ଗୁଣି ଗାରେଡି ଜରିଆରେ ଠକେଇ କରି ମହିଳାଙ୍କ ଠାରୁ ଲକ୍ଷାଧିକ ଟଙ୍କା ଚୂନ ଲଗାଇଥିବା ଅଭିଯୋଗ ହୋଇଛି । ଅଭିଯୁକ୍ତଙ୍କ ନିକଟରୁ ନଗଦ ୨ଲକ୍ଷ ୭୬ ଟଙ୍କା ଓ ବିଭିନ୍ନ ସାମଗ୍ରୀ ଜବତ କରିଛି ପୋଲିସ ।

# ଚାରିଛକ ମେଡିକାଲର ପୂର୍ବତନ ଡାକ୍ତର ବାଚସ୍ପତି ଦାଶଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡ

ନିମାପଡା, ୨୮/୦୪ (ନି.ପ୍ର): ସାଢେ ୧୧ଟା ସମୟରେ ଚାରିଛକ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ପୂର୍ବତନ ଡାକ୍ତର ବାଚସ୍ପତି ଦାଶଙ୍କୁ କୋର୍ଟଙ୍କୁ ଭୁଲ୍ ତଥ୍ୟ ପ୍ରଦାନ କରିବା ମାମଲାରେ ୨ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି ନିମାପଡା କୋର୍ଟ । ସୂଚନା ମୁତାବକ, ଗତ ୨୦୦୧ ମସିହାରେ ସରକାରୀ ଜାଗାକୁ କେନ୍ଦ୍ରକରି ଗୋପ ଥାନା ଅନ୍ତର୍ଗତ ଆମ୍ବପଡା ଗ୍ରାମର ରବିନ୍ଦ୍ର ଘଡେଇଙ୍କୁ ସେହି ଗ୍ରାମର କେତେକ ବ୍ୟକ୍ତି ମରଣାନ୍ତକ ଆକ୍ରମଣ କରିଥିଲେ । ଆକ୍ରମଣରେ ରବିନ୍ଦ୍ରଙ୍କ ମୁଣ୍ଡ ଗୋଡ ସହ ଶରିରର ବିଭିନ୍ନ ସ୍ଥାନରେ ଗୁରୁତର ଆଘାତ ଲାଗିଥିଲା ବେଳେ ରବିନ୍ଦ୍ରଙ୍କୁ ଚାରିଛକ ଡାକ୍ତରଖାନାରେ ଚିକିତ୍ସା କରାଯାଇଥିବା ନେଇ ସେ ସମୟରେ ରବିନ୍ଦ୍ରଙ୍କ ପତ୍ନୀ ପ୍ରତିମା ଘଡେଇ ଗୋପ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ଗୋପ ପୁଲିସ ପକ୍ଷରୁ ଥାନାରେ ୫୯/୨୦୦୧ରେ ମାମଲା ରୁଜୁ କରାଯାଇଥିଲା । କୋର୍ଟ ତରଫରୁ ଡାକ୍ତରଙ୍କୁ ଚିକିତ୍ସା ରିପୋର୍ଟ ମଗାଯିବାରେ ଡାକ୍ତର ବାଚସ୍ପତି ଦାଶ ରବିନ୍ଦ୍ରଙ୍କର କେବଳ ମୁଣ୍ଡରେ ଆଘାତ ଲାଗିଥିବା ନେଇ କୋର୍ଟଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ । ଫଳରେ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ରବିନ୍ଦ୍ରଙ୍କୁ ପୁନର୍ବାର ଅନ୍ୟ ଡାକ୍ତରଙ୍କ ନିକଟରେ ଚିକିତ୍ସା କରାଯିବାରେ ତାଙ୍କର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିବା ଜଣାପଡିଥିଲା । ଏହି ଘଟଣାରେ ଡାକ୍ତର ଶ୍ରୀ ଦାଶ କୋର୍ଟଙ୍କୁ ଭୁଲ୍ ତଥ୍ୟ ଦେଇଥିବାରୁ ତାଙ୍କୁ ମୁଦଲା କରାଯାଇ ମାମଲାର ବିଚାର ଚାଲିଥିଲା । ସମସ୍ତ ତଥ୍ୟ ପ୍ରମାଣକୁ ଭିତିକରି ନିମାପଡା ସହକାରୀ ଦୈାରାଜଜ ନିଳିମା ପଣ୍ଡା ଆଜି ଦଫା ୩୨୩, ୩୦୭, ୨୦୧ରେ ପ୍ରମାଣ ନଷ୍ଟ କରିଥିବାରୁ ଓ ଭୁଲ୍ ତଥ୍ୟ ପ୍ରଦାନ କରିଥିବାରୁ ବାଚସ୍ପତି ଦାଶଙ୍କୁ ଦୋଷୀ ସାବ୍ୟସ୍ତ କରି ୨ ବର୍ଷ ସଶ୍ରମ କାରାଦଣ୍ଡ ସହ ୩ ହଜାର ଟଙ୍କା ଜୋରିମାନା କରିଛନ୍ତି । ଜୋରିମାନା ଅନାଦେୟ ପାଇଁ ୬ ମାସ ଜେଲଦଣ୍ଡ ଶୁଣାଇଛନ୍ତି । ଏହି ମାମଲାକୁ ଅତିରିକ୍ତ ପି.ପି. ବ୍ରହ୍ମାନନ୍ଦ ପଣ୍ଡା ସରକାରଙ୍କ ତରଫରୁ ପରିଚାଳନା କରୁଥିଲେ ।

# ଉତ୍ତର ଘୁମୁସର ବନଖଣ୍ଡରୁ ପୁରୀ ଗଲା ରଥକାଠ

ଗଞ୍ଜାମ, ୨୮/୦୪ (ନି.ପ୍ର): ବିଶ୍ୱ ପ୍ରସିଦ୍ଧ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ନିମନ୍ତେ ରଥ ନିର୍ମାଣ ପାଇଁ ଗଞ୍ଜାମ ଜିଲ୍ଲା ଉତର ଘୁମୁସର ବନଖଣ୍ଡରୁ ଚଳିତ ବର୍ଷ ଦ୍ୱିତୀୟ ପର୍ଯ୍ୟାୟରେ କାଠ ପୁରୀ ଅଭିମୁଖେ ଯାତ୍ରା କରିଛି । କେନ୍ଦ୍ରିୟ ବନାଚଂଳର ପୁରୁଣାପାଣି ଜଙ୍ଗଲରୁ ସଂଗୃହୀତ କାଠ ଏକ ଟ୍ରକ୍ ରେ ପୁରୀ ଅଭିମୁଖେ ପଠାଯାଇଛି । ପ୍ରଥମ ପର୍ଯ୍ୟାୟରେ ୨୦ଟି ଧଉରା କାଠ ଯାଇଥିବା ବେଳେ ଆଜି ୧୦ ଖଣ୍ଡ କାଠ ଯାଇଥିବା ବନାଚଂଳ ଅଧିକାରୀ କୁମର ବେହେରା ସୂଚନା ଦେଇଛନ୍ତି । ପୁରୁଣାପାଣି ଗ୍ରାମ ନିକଟରେ କଟାଯାଇଥିବା ସମସ୍ତ କାଠକୁ ଏକାଠି କରାଯିବା ପରେ ପୂଜାର୍ଚ୍ଚନା କରାଯାଇଥିଲା । ଟ୍ରକ୍ ରେ କାଠ ନିଆଯାଉଥିବା ସମୟରେ ବୁଦୁଲି, ମଳାଶପଦର ଓ ଜିଲୁଣ୍ଡି ଗ୍ରାମ ରାସ୍ତାରେ ଶତାଧିକ ଲୋକ ଭଜନ କୀର୍ତନ ବନ୍ଧାପନା ସହ ଧୂପ ଦେଇ ଏହାକୁ ପୂଜାର୍ଚ୍ଚନା କରିଥିଲେ । ଏହାପରେ ଏହି ରଥକାଠ ବୋଝେଇ ଟ୍ରକ୍ ପୁରୀ ଅଭିମୁଖେ ଯାତ୍ରା କରିଛି । ଉତର ଘୁମୁସର ବନଖଣ୍ଡର ବିଭିନ୍ନ ସ୍ଥାନରୁ ୨୯ଟି ଗଛ ଚିହ୍ନଟ ହୋଇଥିବା ବେଳେ ସେଥିମଧ୍ୟରୁ ବାଇବାଲି ଜଙ୍ଗଲରୁ ୨୦ଟି ଧଉରା ଗଛ କଟାଯାଇ ପଠାଯାଇଛି ।

# ୪ ଘଂଟା ବିଦ୍ୟୁତ ସରବରାହ ବନ୍ଦ

ଜୟପୁର, ୨୮/୦୪ (ନି.ପ୍ର): ଜୟପୁର ସହରରେ ଗୁରୁବାର ଅଧିକାଂଶ ଅଂଚଳରେ ବିଦ୍ୟୁତ ସରବରାହ ବନ୍ଦ ଥିଲା । ଜୟନଗର ଗ୍ରୀଡରେ ମରାମତି କାର୍ଯ୍ୟ ହୋଇଥିଲା । ଗୁରୁବାର ସକାଳ ୮ ଠାରୁ ୧୨ଟା ଯାଏ ବିଦ୍ୟୁତ ସରବରାହ ବନ୍ଦ ରହିଥିଲା । ଜୟପୁର ସହରର ମୁଖ୍ୟ ରାସ୍ତା, ନୁଆସାହି ଅଂଚଳ, ବାଇପାସ ରୋଡ, ପାର୍କ ଲାଇନ, ଜେଜେ ରୋଡ, ମହାରଣିପେଟା, ପୁଲାରେଡି ପେଟ୍ଟା, ଚନ୍ଦନ ବାଡ ସାହି, ଦଳ ମଣ୍ଡପ ସାହି, ସୌରା ସାହି, ରାଜୁ ସାହି, ମୁଖ୍ୟ ବଜାର ଅଂଚଳରେ ବିଦ୍ୟୁତ ସରବରାହ ବନ୍ଦ ରହିଥିଲା ।

# ନବୀନ ପଟ୍ଟନାୟକଙ୍କ କୁଶପୁତଳିକା ଦାହ କଲା ଏବିଭିପି

ଖୋର୍ଦ୍ଧା, ୨୮/୦୪ (ନି.ପ୍ର): ଓଡିଶାର ବିପର୍ଯ୍ୟସ୍ତ ଆଇନ୍ ଶୃଙ୍ଖଳା ପରିସ୍ଥିତି ଓ ଶିକ୍ଷା ସ୍ଥିତି ବିରୋଧରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଖୋର୍ଦ୍ଧା ଜିଲ୍ଲା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଓଡିଶାର ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ଭାବେ ଭୁଷୁଡି ସାରିଲାଣି ଓ ଶିକ୍ଷା ବ୍ୟବସ୍ଥାର ବି ବିଭିନ୍ନ ବ୍ୟତିକ୍ରମ ଦେଖା ଦେଲାଣି । ଓଏସସସି ପରୀକ୍ଷାରେ ପ୍ରଶ୍ନପତ୍ର ମୁଦ୍ରଣ ତ୍ରୁଟି ଏବଂ ପରୀକ୍ଷା ବାତିଲ କରିବା, ମାଟ୍ରିକ୍ ପରୀକ୍ଷାରେ ୧୫୦୦୦ ରୁ ଉର୍ଦ୍ଧ ପିଲା ପରୀକ୍ଷା ନ ଦେବା, ରାଜ୍ୟରେ ମାଳ ମାଳ ଅଧାପକ ପଦବୀ ଖାଲି ରାଜ୍ୟର ବିପର୍ଯ୍ୟସ୍ତ ଶିକ୍ଷା ସ୍ଥିତିକୁ ଦର୍ଶାଉଛି । ବିଜେବି କଲେଜ, ମହର୍ଷି କଲେଜ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ସମେତ ରାଜ୍ୟର ବିଭିନ୍ନ କ୍ୟାମ୍ପସ ପରିସରରର ଅଣଛାତ୍ରଙ୍କ ପ୍ରବେଶ ଏବଂ ଶିକ୍ଷା ପରିସରକୁ ଅଶାନ୍ତ କରିବା ସରକାରଙ୍କ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଏବଂ ଗୃହ ବିଭାଗର ସୁରକ୍ଷା ବଳୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ମହିଳା ଅସଦାଚରଣ ଭଳି ଘଟଣା ଦିନକୁ ଦିନ ବଢିବାରେ ଦେଖିବାକୁ ମିଳୁଛି । ହକି ବିଶ୍ୱକପ ସମୟରର ଜରଣ ଦିବ୍ୟାଙ୍ଗ ଛାତ୍ରୀଙ୍କୁ ପଟିଆ ରେଳ ଷ୍ଟେସନରେ ଗଣ ଦୁଷ୍କର୍ମ କରିବା ହେଉ କି ବିଜେବି କଲେଜ ରୁଚିକାକୁ ଆଜି ଯାଏଁ ନ୍ୟାୟ ନ ଦେବା ଘଟଣା ଭଳି ରାଜ୍ୟରେ ମହିଳା ଜନିତ ଅପରାଧରର ସରକାରଙ୍କ ଫେଲ୍ ନୀତି ପୋଲିସ ସୁରକ୍ଷା ଫେଲ କାରଣରୁ ଘଟୁଛି । ତେଣୁ ଦାୟିତ୍ୱବାନ ଛାତ୍ର ସଂଗଠନ ହିସାବରେ ଏବିଭିପି ଏହାକୁ ତୀବ୍ର ବିରୋଧ କରୁଛି । ରାଜ୍ୟର ମୁଖିଆ ଯେତେବେଳେ ଏହି ସବୁ ବିଷୟରେ ଚୁପ୍ ବସିଛନ୍ତି ତାଙ୍କର କୁଶପୁତଳିକା ଦାହ କରାଯାଉଛି । ଏହି ଆନ୍ଦୋଳନର ପ୍ରମୁଖ ବିନ୍ଦୁ ହେଉଛି - ଓଡିଶାରେ ଖାଲି ପଡିଥିବା ଅଧାପକ ପଦ ତୁରନ୍ତ ପୂରଣ କରାଯାଉ । - ମହର୍ଷି କଲେଜ, ବିଜେବି କଲେଜ ଓ ବିଭିନ୍ନ କ୍ୟାମ୍ପସରେ ଅଣଛାତ୍ରଙ୍କଦ୍ୱାରା ବିଦ୍ୟାର୍ଥୀଙ୍କ ଉପରେ ଆକ୍ରମଣ କରିଥିବା ଅପରାଧିଙ୍କ ତଦନ୍ତ ଓ ସେ ସମସ୍ତ କ୍ୟାମ୍ପସର ସୁରକ୍ଷା, ଓଡିଶାର ଦିନକୁ ଦିନ ବୃଦ୍ଧି ପାଉଥିବା ମହିଳା ଅପରାଧରେ ସମ୍ପୂର୍ଣ୍ଣ ଲଗାମ୍ ଲଗାନ୍ତୁ ଓଏସସସି, ମାଟ୍ରିକ ପରୀକ୍ଷାରେ ତ୍ରୁଟିକୁ ସୁଧାରନ୍ତୁ ଓ ଉଚ୍ଚ ସ୍ତରୀୟ ତଦନ୍ତ କରନ୍ତୁ । ଏପରିକି ଓଡିଶାରର ବିପର୍ଯ୍ୟସ୍ତ ଆଇନ ପରିସ୍ଥିତି ବିରୋଧରେ, ଓଡିଶାରେ ଖାଲି ପଡିଥିବା ୨.୨୬ ଲକ୍ଷ ସରକାରୀ ପଦବୀର ତୁରନ୍ତ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରନ୍ତୁ ସରକାର । ତୁରନ୍ତ ଏହି ସବୁ ବିଷୟ କୁ ନିଜେ ମୁଖ୍ୟମନ୍ତ୍ରୀ ଧାନ ଦେଇ ସମାଧାନ କରନ୍ତୁ ନହେଲେ ଗାଦି ଛାଡିଦିଅନ୍ତୁ । ଏହି ସବୁ ସମସ୍ୟାକୁ ନେଇ ଆଗାମୀ ଦିନରେ ଏବିଭିପି ଜବାବ ମାଗିବାକୁ ନବୀନ ନିବାସ ପର୍ଯ୍ୟନ୍ତ ଯିବ । ରାଜ୍ୟର ଭୁଷୁଡି ପଡିଥିବା ଆଇନ ଶୃଙ୍ଖଳା ପରିସ୍ଥିତି ଏବଂ ଶିକ୍ଷା ସ୍ଥିତିକୁ ବିରୋଧ କରି ଏହି ବିକ୍ଷୋଭ ରେ ଖୋର୍ଦ୍ଧା ଜିଲ୍ଲା ର କାର୍ଯ୍ୟକର୍ତା ତଥା ଜିଲ୍ଲା ସଂଯୋଜକ ସାଗର ପରିଡ଼ା, ଜିଲ୍ଲା ସହ ସଂଯୋଜିକା ଦିପ୍ତିମୟୀ ପ୍ରତିହାରୀ, ବିଶ୍ୱଜିତ୍ ଦାସ, ଶୈଳେଶ ସାମନ୍ତରାୟ, ଅଂଶୁମାନ ଆଚାର୍ଯ୍ୟ, ବିଭୁପ୍ରକାଶ , ସରସ୍ୱତୀ ଚିନାରା, ପ୍ରଭୁ , ଶୁଭମ୍ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଜୁନିୟର ରେଡକ୍ରସ୍ ତରଫରୁ ଜଳଛତ୍ର ଆୟୋଜିତ

ସୁବର୍ଣ୍ଣପୁର, ୨୮/୦୪ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ଜୁନିଅର ରେଡକ୍ରସ୍ର ଆହ୍ୱାନ କ୍ରମେ ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ଗୋପାଲଜୀ ସରକାରୀ ଉଚ୍ଚ ବିଦ୍ୟାଳୟ, ତମାମୁରାର ଜୁନିୟର ରେଡକ୍ରସ୍ ୟୁନିଟ ତରଫରୁ ଡୁଙ୍ଗୁରିପାଲି ସ୍ଥିତ ଆରଏମସି ସାପ୍ତାହିକ ବଜାର ପରିସରରେ ଏକ ଜଳଛତ୍ରର ଆୟୋଜନ କରି ଜନସାଧାରଣଙ୍କୁ ଗ୍ରୀଷ୍ମ ପ୍ରବାହରୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ପାନୀୟ ଜଳ, ଦହି ସରବତ, ଜଳଜିରା ପାଣି, ବେଲ ପଣା ବଂଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇ ଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ଙ୍କ ନେତୃତ୍ୱରେ ଆୟୋଜିତ ହୋଇଯାଇଥିବା କାର୍ଯ୍ୟକ୍ରମ ରେ ଡୁଙ୍ଗୁରିପାଲି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବଟକୃଷ୍ଣ ପାଢୀ ଅଧକ୍ଷତା କରିଥିଲେ । ସ୍ଥାନୀୟ ପୋଲିସ ଷ୍ଟେସନ୍ର ଇନଚାର୍ଜ ସତ୍ୟନାରାୟଣ ପଧାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜୁନିୟର ରେଡକ୍ରସ୍ର ମାନବୀୟ ସେବା ବେଶ୍ ସମୟ ଉପଯୋଗି ଏବଂ କ୍ରମାଗତ ହିଟୱେଭ୍ରୁ ଜନସାଧାରଣ ନିଜକୁ ସୁରକ୍ଷିତ ରଖନ୍ତୁ ବୋଲି ମତବ୍ୟକ୍ତ କରିଥିଲେ । ଡୁଙ୍ଗୁରିପାଲି ସରପଂଚ ଚିତରଂଜନ ମିଶ୍ର, ପ୍ରାକ୍ତନ ରେଡକ୍ରସ୍ ସାଧନକର୍ମୀ ସୁରେଶ ପଧାନ, ସମାଜସେବୀ ବିପ୍ରଚରଣ ସାହୁ, ଜଗନ୍ନାଥ ଦ୍ୱିବେଦୀ, ବାମଦେବ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଜିଲ୍ଲା ଜୁନିୟର ରେଡକ୍ରସ୍ ଅଫିସର ରବିଚନ୍ଦ୍ର ପଶାୟତ ପରିଚାଳନା କରିଥିବା ବେଳେ ବିସିସି ନିମାଇଁ ଚରଣ ମଲ୍ଲୀକ ସଂଯୋଜନା କରିଥିଲେ । ଗୋପାଲଜୀ ଉଚ୍ଚ ବିଦ୍ୟାଳୟର ଜୁନିଅର ରେଡକ୍ରସ୍ ପରାମର୍ଶଦାତା ଧ୍ରୁବଚରଣ ବାରିକ ଜଳଛତ୍ର ଆୟୋଜନ କରାଯିବାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଗ୍ରୀଷ୍ମ ପ୍ରବାହ ସମୟରେ ସନଷ୍ଟ୍ରୋକରୁ ସୁରକ୍ଷିତ ରହିବାର ଉପାୟ ଓ ଏହାର ପ୍ରାଥମିକ ଚିକିତ୍ସାର କୌଶଳ ବିଷୟ ରେ ସାଧନକର୍ମୀ ଏବଂ ପରାମର୍ଶଦାତା ମାନେ ଡେମୋ ମାଧ୍ୟମରେ ବଜାରକୁ ଆସିଥିବା ଜନ ସାଧରଣଙ୍କୁ ତାଲିମ ଦେଇଥିଲେ । ବରିଷ୍ଠ ସାଧନକର୍ମୀ ହୃଷିକେଶ ଡାଙ୍ଗ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ସାଧନକର୍ମୀ ତପସ୍ୱିନୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଚତୁର୍ଭଜ ସାହୁ, ସିଆରସିସି ନରେଶ ପୁରୋହିତ, ଖଲିଆପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ପରାମର୍ଶଦାତା ଦୁର୍ଯ୍ୟୋଧନ ପଶାୟତ ଏବଂ ବ୍ଲକର ବିଭିନ୍ନ ସ୍କୁଲର ଜୁନିୟର ରେଡକ୍ରସ୍ ପରାମର୍ଶଦାତା ଦୌଲତ ସା, କୁମୁଦ କୁମାର ମଟାରୀ, ଦେବକୀ ବାଘ, ଅମ୍ଲାନ ପଣ୍ଡିଆ, ଶୋଭାଚନ୍ଦ୍ର ବାରିକ, ରିଙ୍କୁ ଦରଜୀ ପ୍ରମୁଖ ସହଯୋଗ କରିଥିଲେ ।

# ମାନବିକତା ହରାଇଲେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର

କେନ୍ଦୁଝର, ୨୮/୦୪ (ନି.ପ୍ର): ମାନବ ସେବା ହେଉଛି ମାଧବ ସେବା । ଅନୁରୁପ ଭାବେ ସାଧାରଣରେ ଡାକ୍ତର ମାନଙ୍କୁ ଭଗବାନଙ୍କ ଅବତାର ବୋଲି ମନେକରାଯାଇଥାଏ । କିନ୍ତୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ଡାକ୍ତରଙ୍କ ନିଜର ସାମାନ୍ୟ ମାନବିକତାକୁ ଭୁଲିଯିବା ଘଟଣାକୁ ନେଇ ଚର୍ଚ୍ଚା ଜୋର ଧରିଛି । ସଂପୃକ୍ତ ଡାକ୍ତର ଜଣଙ୍କ ଜଣେ ଗରିବ ଆଦିବାସୀ ମହିଳାଙ୍କ ଛୋଟ ଝିଅର ଗୋଟିଏ ଛୋଟ ଅପରେସନ୍ ପାଇଁ ୪୦ ହଜାର ଟଙ୍କା ଦାବୀ କରିଛନ୍ତି । ଏହି ଘଟଣାକୁ ସାଧାରଣରେ ତୀବ୍ର ନିନ୍ଦା କରାଯିବା ସହ ଡାକ୍ତରଙ୍କର ଏତାଦୃଶ୍ୟ ଲାଂଚ ଖିଆ ମନୋବୃତିକୁ ବିରୋଧ କରାଯାଇଛି । ପ୍ରାପ୍ତ ସୂଚନାନୁଶାରେ କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ମେଦିନପୁର ଅଂଚଳରନିରୀହ ଗରିବ ଆଦିବାସୀ ସୌଦାମିନୀ ମୁଣ୍ଡା ତାଙ୍କର ଚାରି ବର୍ଷର ଝିଅର ଆଙ୍ଗୁଠିରେ ଅସ୍ତ୍ରୋପ୍ରଚାର ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଆସିଥିଲେ । ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅସ୍ତିଶଲ୍ୟ ବିଭାଗ ଦାୟିତ୍ୱରେ ଥିବା ଡାକ୍ତର ଅନୀଲ କୁମାର ପଣ୍ଡାଙ୍କୁ ଦେଖାଇଥିଲେ । କିନ୍ତୁ ସେହି ସେହି ଭଗବାନରୂପି ଡାକ୍ତର ଙ୍କ ମନରେ ଯେପରି ସୈତାନୀ ମନୋଭାବ ଉଙ୍କି ମାରିଲା । ଅର୍ଥ ଲୋଭରେ ଏକ ଘରୋଇ ନର୍ସିଂହୋମର ଦଲାଲ ସାଜି ସେଠାରେ ଆଙ୍ଗୁଠିରେ ଅପରେସନ କରିବାକୁ ମହିଳାଙ୍କୁ ପ୍ରବର୍ତାଇବା ସହ ଏଥିପାଇଁ ତାଙ୍କ ଠାରୁ ୪୦ ହଜାର ଟଙ୍କା ଦାବୀ କରିଥିଲେ । ଏତେ ପରିମାଣର ଅର୍ଥ କଥା ଶୁଣି ମହିଳାଙ୍କ ପାଦ ତଳୁ ଯେପରି ମାଟି ଖସିଯିବା ପରିସ୍ଥିତି ସୃଷ୍ଟି ହୋଇଥିଲା । ଡାକ୍ତରଙ୍କର ଏଭଳି ଅମାନବିତା କାର୍ଯ୍ୟ ସଂପର୍କରେ ସମାଜସେବୀ ଓ ଓକିଲ ସଙ୍ଘ କର୍ମକର୍ତାଙ୍କ ଦୃଷ୍ଟିକୁ ଆସିବା ପରେ ଓକିଲ ସଙ୍ଘ ସଭାପତି ଆଶିଷ ଚକ୍ରବର୍ତୀଙ୍କ ନେତୃତ୍ୱରେ ସ୍ୟମାନେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଚିଂବା ସହ ଜିଲ୍ଲା ମୁଖ୍ୟ ଚିତ୍ସାଧିକାରୀଙ୍କୁ ଘେରିଥିଲେ । ଫଳରେ କିଛି ସମୟ ପାଇଁ ଚିକିତ୍ସାଳୟରେ ଉତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର କିଶୋର ପୃଷ୍ଟି ସଂପୃକ୍ତ ଅସ୍ତିଶଲ୍ୟ ଡାକ୍ତରଙ୍କର ଟଙ୍କା ଦାବୀ କରିବା ଘଟଣାକୁ ସ୍ୱୀକାର କରିବା ସହ ଦୁଖଃ ପ୍ରକାଶ କରିଥିଲେ । ଏବଂ ଶେଷରେ ଡାକ୍ତର ସଂପୃକ୍ତ ଗରିବ ଝିଅଟିର ଆଙ୍ଗୁଠିର ଅସ୍ତ୍ରୋପ୍ରଚାର ମାଗଣାରେ କରିବେ ବୋଲି ନିଷ୍ପତି ହୋଇଥିଲା । କିନ୍ତୁ ଚିକିତ୍ସାଳୟରେ କିଛି ଚିକିତ୍ସକଙ୍କର ଏତାଦୃଶ୍ୟ ଲାଂଚଖୋର ମନୋବୃତିର କିପରି ବିଲୋପ ହେବ ଏଦିଗରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଗୁରୁତର ସହ ବିଚାର କରିବାର ଆବଶ୍ୟକ ରହିଛି ବୋଲି ମତ ପ୍ରକାଶ ପାଇଛି ।

# ୭ଗୋଟି ଏଟିଏମରେ ଶୀତତାପ ନିୟନ୍ତ୍ରଣ ଯନ୍ତ୍ର କାମ କରୁନି

ଧର୍ମଶାଳା, ୨୮/୦୪ (ନି.ପ୍ର): ଯାଜପୁର ଜିଲାରେ ଧର୍ମଶାଳା ବ୍ଲକ ଏକ ସ୍ୱତନ୍ତ୍ରତା ରହିଛି । ଏଠାକୁ ସବୁ ଦିନ ଶହଶହ ଲୋକେ ଆସିଥାନ୍ତି । ଧର୍ମଶାଳା ବ୍ଲକର ଜାରକା, ଧର୍ମଶାଳା ଓ କାଳଏ ବଜାର ବେଶ ପରିଚିତ ରହିଛି । ବ୍ୟବସାୟିକ ଦୃଷ୍ଟି କୋଣରୁ ଜିଲାର ଶହଶହ ଗ୍ରାହକ ଏଠାକୁ ଆସି ସପିଙ୍ଗ କରିଥାନ୍ତି । ଏହି ଦୃଷ୍ଟି କୋଣରୁ ରାଷ୍ଟ୍ରାୟତ ବ୍ୟାଙ୍କ ପକ୍ଷରୁ ଜାରକା ସମେତ ଧର୍ମଶାଳା, ଜାରକା ଓ କାଏମା ଆଦି ସ୍ଥାନରେ ୭ଗୋଟି ଏଟିଏମ୍ କାଉଁଟର ପ୍ରତିଷ୍ଠିତ କରାଯାଇଛି । ହେଲେ ଚଳିତ ବର୍ଷ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅନ୍ୟ ପକ୍ଷେ ଜନସାଧାରଣ ଏଟିଏମକୁ ଆସି ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସମସ୍ତ କାଉଁଟରରେ ଶୀତତାପ ନିୟନ୍ତ୍ରଣ ଯନ୍ତ୍ର କାମ କରୁ ନ ଥିବା ଦେଖିବାକୁ ମିଳିଛି । ଅନେକ ସମୟ ଗରମରେ ଲୋକେ ଟଙ୍କା ଉଠାଣ ପାଇଁ ଅପେକ୍ଷା କରିବାରୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅନ୍ୟପକ୍ଷେ ମେସିନର ସୁରକ୍ଷା ନିମନ୍ତେ ଏହି ଯନ୍ତ୍ରର ଆବଶ୍ୟକତା ମଧ୍ୟ ରହିଛି । ତେବେ ଏଭଳି ଗରମ ହେବା ଫଳରେ ମେସିନ ଅଚଳ ହୋଇ ପଡୁଛି । ଯାହାକି ଲୋକେ ଖରାରେ ଆସି ଫେରିଯାଉଥିବା ଦେଖିବାକୁ ମିଳିଛି । ଏହି ସମସ୍ତ ଏଟିଏମ୍ ପ୍ରତି ବିଭାଗୀୟ ଉଚ୍ଚ କର୍ତୃପକ୍ଷ ଦୃଷ୍ଟି ଦେବାକୁ ଗ୍ରାହକ ମହଲରେ ଦୃଢ ଦାବି ହେଉଛି ।

## ସାମ୍ୟବାଦୀ ନେତାଙ୍କ ସ୍ମରଣ ସଭା

କେନ୍ଦ୍ରାପଡ଼ା, ୨୮/୦୪ (ନି.ପ୍ର):ବିଶିଷ୍ଟ କମ୍ୟୁନିଷ୍ଟ ନେତା ତଥା ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ପୂର୍ବତନ ଜିଲ୍ଲା ସଂପାଦକ ବଳରାମ ପାଇକରାୟଙ୍କ ଅଠରତମ ସ୍ମରଣ ସଭା ଜିଲ୍ଲା ବିକାଶ ସାମୁଖ୍ୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଥୀ ବିକାଶ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମରଣ ସଭାରେ ଅଧାପକ ଅଜୟ ସାମଲ, ରମଣୀ ରଞ୍ଜନ ରାଉତରାୟ, ଆଦିକନ୍ଦ ରାଉଳ, ଫକିର ଚରଣ ଖଟୁଆ, ଗୟାଧର ଧଳ, ମୁକ୍ତାର ଖାନ, ଭାଗିରଥୀ ଜେନା, ସୁରେଶ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ପ୍ରାୟାତଃ ନେତାଙ୍କ ପ୍ରତି ଶ୍ରଦ୍ଧା ନିବେଦନ କରିବା ଅବସରରେ ତାଙ୍କର ତ୍ୟାଗପୁତ ସରଳ ଜୀବନ ତଥା ନିର୍ବାଚିତ ଜନ ପ୍ରତିନିଧି ଭାବରେ ତାଙ୍କର ସ୍ୱଚ୍ଛ ଜୀବନ ଓ ଜନ କଲ୍ୟାଣ ମୂଳକ କାର୍ଯ୍ୟ ପରପିଢିର ମନୁଷ୍ୟମାନଙ୍କ ପାଇଁ ଆଲୋକବର୍ତିତା ହୋଇ ରହିବ ବୋଲି ଉପସ୍ଥିତ ଥିବା ବ୍ୟକ୍ତିମାନେ ମତ ପ୍ରକାଶ କରିଥିଲେ ।

# ଓଡ଼ିଶାର ବିପର୍ଯ୍ୟସ୍ତ ଶିକ୍ଷା, ସୁରକ୍ଷା, ଆଇନ ଶୃଙ୍ଖଳାକୁ ବିରୋଧ କରି ଏବିଭିପି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ

କନ୍ଧମାଳ, ୨୮/୦୪ (ନି.ପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏବିଭିପି ପକ୍ଷରୁ ରାଜ୍ୟରେ ବିପର୍ଯ୍ୟସ୍ତ ଶିକ୍ଷା ଓ ସୁରକ୍ଷା ବ୍ୟବସ୍ଥା ଏବଂ ଆଇନ ଶୃଙ୍ଖଳାକୁ ବିରୋଧ କରି ନବୀନ ପଟ୍ଟନାୟକଙ୍କ କୁଶପୁତଳିକା ଦାହ କରି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ବିକ୍ଷୋଭକାରୀ ମାନେ ସମ୍ପ୍ରତି ରାଜ୍ୟରେ ଉପୁଜିଥିବା ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ିବା ଶିକ୍ଷା ବ୍ୟବସ୍ଥା ମଧ୍ୟ ବିଗିଡ଼ି ଗଲାଣି । ଓଡିଶାର ବିପର୍ଯ୍ୟସ୍ତ ଆଇନ୍ ଶୃଙ୍ଖଳା ପରିସ୍ଥିତି ଓ ଶିକ୍ଷା ବ୍ୟବସ୍ଥାରେ ବ୍ୟତିକ୍ରମ ଦେଖା ଦେଲାଣି । ଓ. ଏସ୍. ଏସ୍ ସି ପରୀକ୍ଷାରେ ପ୍ରଶ୍ନପତ୍ର ମୁଦ୍ରଣ ତ୍ରୁଟି ଏବଂ ପରୀକ୍ଷା ବାତିଲ କରିବା, ମାଟ୍ରିକ୍ ପରୀକ୍ଷାରେ ୧୫୦୦୦ ରୁ ଉର୍ଦ୍ଧ ପିଲା ପରୀକ୍ଷା ନ ଦେବା, ରାଜ୍ୟରେ ମାଳ ମାଳ ଅଧାପକ ପଦବୀ ଖାଲି ରାଜ୍ୟର ବିପର୍ଯ୍ୟସ୍ତ ଶିକ୍ଷା ସ୍ଥିତିକୁ ଦର୍ଶାଇଛି । ବିଜେବି କଲେଜ, ମହର୍ଷି କଲେଜ, ରାଜେନ୍ଦ୍ର ବିଶ୍ୱକେନ୍ଦ୍ର ବିଶ୍ୱବିଦ୍ୟାଳୟ ସମେତ ରାଜ୍ୟର ବିଭିନ୍ନ କ୍ୟାମ୍ପସ ପରିସରରେ ଅଣଛାତ୍ରଙ୍କ ପ୍ରବେଶ ଏବଂ ଶିକ୍ଷା ପରିସରକୁ ଅଶାନ୍ତ କରିବା ସରକାରଙ୍କ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଏବଂ ଗୃହ ବିଭାଗର ସୁରକ୍ଷା ବଳୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ମହିଳା ଅସଦାଚରଣ ଭଳି ଘଟଣା ଦିନକୁ ଦିନ ବଢିବାରେ ଦେଖିବାକୁ ମିଳୁଛି । ହକି ବିଶ୍ୱକପ ସମୟରେ ଜଣେ ଦିବ୍ୟାଙ୍ଗ ଛାତ୍ରୀଙ୍କୁ ପଟିଆ ରେଳ ଷ୍ଟେସନରେ ଗଣ ଦୁଷ୍କର୍ମ କଥା ହେଉ କି ବିଜେବି କଲେଜ ରୁଚିକାକୁ ଆଜି ଯାଏଁ ନ୍ୟାୟ ନ ଦେବା ଘଟଣା ଏହିଭଳି ବୋହୁ ମହିଳା ଜନିତ ଅପରାଧରେ ସରକାରଙ୍କ ଫେଲ ନୀତି ଓ ପୋଲିସ ସୁରକ୍ଷା ଫେଲ କାରଣରୁ ଘଟୁଛି । ତେଣୁ ଦାୟିତ୍ୱବାନ ଛାତ୍ର ସଂଗଠନ ହିସାବରେ ଏବିଭିପି ଏହାକୁ ତୀବ୍ର ବିରୋଧ କରୁଛି । ରାଜ୍ୟର ମୁଖିଆ ଯେତେବେଳେ ଏହି ସବୁ ବିଷୟରେ ଚୁପ୍ ବସିଛନ୍ତି ତାଙ୍କର କୁଶପୁତଳିକା ଦାହ କରାଯାଇଛି । ଏହି ଆନ୍ଦୋଳନର ପ୍ରମୁଖ ଦାବିଥିଲା ଓଡ଼ିଶାରେ ଖାଲି ପଡିଥିବା ଅଧାପକ ପଦକୁ ତୁରନ୍ତ ପୂରଣ କରାଯାଉ, ମହର୍ଷି କଲେଜ, ବିଜେବି କଲେଜ ଓ ବିଭିନ୍ନ କ୍ୟାମ୍ପସରେ ଅଣଛାତ୍ରଙ୍କଦ୍ୱାରା ବିଦ୍ୟାର୍ଥୀଙ୍କ ଉପରେ ଆକ୍ରମଣ କରିଥିବା ଅପରାଧିଙ୍କୁ ଦଣ୍ଡ ସହ ସମସ୍ତ କ୍ୟାମ୍ପସର ସୁରକ୍ଷା, ଓଡ଼ିଶାରେ ଦିନକୁ ଦିନ ବୃଦ୍ଧି ପାଉଥିବା ମହିଳା ଅପରାଧ ରେ ସମ୍ପୂର୍ଣ୍ଣ ଲଗାମ୍ ଲଗାନ୍ତୁ ସରକାର ଡଃଝଝଉ, ମାଟ୍ରିକ ପରୀକ୍ଷାରେ ତ୍ରୁଟି କୁ ସୁଧାରରୁ ଓ ଉଚ୍ଚସ୍ତରୀୟ ତଦନ୍ତ କରନ୍ତୁ,ଓଡ଼ିଶାରେ ବିପର୍ଯ୍ୟସ୍ତ ଆଇନ ପରିସ୍ଥିତି ବିରୋଧ, ଓଡ଼ିଶାରେ ଖାଲି ପଡ଼ିଥିବା ୨.୨୬ ଲକ୍ଷ ସରକାରୀ ପଦବୀର ତୁରନ୍ତ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରନ୍ତୁ ସରକାର । ତୁରନ୍ତ ଏହି ସବୁ ବିଷୟକୁ ନିଜେ ମୁଖ୍ୟମନ୍ତ୍ରୀ ଧାନ ଦେଇ ସମାଧାନ କରନ୍ତୁ ନହଲେ ଗାଦି ଛାଡିଦିଅନ୍ତୁ ଅନ୍ୟଥା ଆଗାମୀ ଦିନରେ ଏବିଭିପି ଏହିସବୁ ବିଷୟର ଜବାବ ମାଗିବାକୁ ନବୀନ୍ ନିବାସ ପର୍ଯ୍ୟନ୍ତ ଯିବ । ରାଜ୍ୟର ଭୁଷୁଡି ପଡ଼ିଥିବା ଆଇନ ଶୃଙ୍ଖଳା ପରିସ୍ଥିତି ଏବଂ ଶିକ୍ଷା ସ୍ଥିତିକୁ ବିରୋଧ କରି ରାଜ୍ୟ ସହ ସମ୍ପାଦିକା ସଞ୍ଜନା କହଁର, ଜିଲ୍ଲା ପ୍ରମୁଖ ଶିବାଶିଷ ପଣ୍ଡା, ସୌଭାଗ୍ୟ ମହାନ୍ତି, ଟୁକୁନା କୁମାର ମଲିକ, ତଅପୋଇ କହଁର, ଦିବ୍ୟରଞ୍ଜନ ଡାକୁଆ, ରଜତ ମହାପାତ୍ର, ଅମିତ ବେହେରା, କଲ୍ୟାଣୀ ରଣା, କ୍ରିଷ୍ଣା, ତ୍ରିଲୋଚନ, ଅମୀର, ଆଦି ପ୍ରମୁଖ କାର୍ଯ୍ୟକର୍ତା ବିକ୍ଷୋଭ ରେ ଭାଗ ନେଇଥିଲେ ।

# ଧରଣୀଧର ବିଶ୍ୱ ବିଦ୍ୟାଳୟର କୁଳପତି ପଦବୀ ପାଇଁ ବିଜ୍ଞପ୍ତି

କେନ୍ଦୁଝର, ୨୮/୦୪ (ନି.ପ୍ର): କେନ୍ଦୁଝର ରେ ଘୋଷିତ ହୋଇଥିବା ଧରଣୀଧର ବିଶ୍ୱ ବିଦ୍ୟାଳୟ ପାଇଁ ୪ଟି ନୂଆ ପଦବୀ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ସୃଷ୍ଟି ହୋଇଛି । ନୂତନ ଭାବେ କୂଳପତି, କୂଳସଚିବ, କଣ୍ଟ୍ରୋଲର ଅଫ ଫାଇନାନ୍ସ ଏବଂ ପରୀକ୍ଷା ନିୟନ୍ତ୍ରକ ପଦବୀ ସୃଷ୍ଟି ଉଚ୍ଚ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଙ୍କ ଦସ୍ତଖତରେ ବିଜ୍ଞପ୍ତି ସଂଖ୍ୟା ୧୭୧୪୨ ତା ୨୬/୦୪/ ୨୦୨୩ ପ୍ରକାଶ ପାଇଛି । କେନ୍ଦୁଝର ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅଧକ୍ଷ ପଦବୀ ସ୍ଥାନରେ ଓଡିଶା ବିଶ୍ୱ ବିଦ୍ୟାଳୟ ଆଇନ ୧୯୮୯ ଅନୁଯାୟୀ ଏହି କୂଳପତି ପଦବୀ ପୂରଣ ହେବ । ସେହିପରି କୂଳ ସଚିବ ପଦବୀ ଓଆରଏସପି ନିୟମ ୨୦୧୭ ଅନୁସାରେ ଓଏଏସ ର୍ୟାଙ୍କର ଜଣେ ଅଧିକାରୀ ନିଯୁକ୍ତି ପାଇବେ । ସେହିପରି କଣ୍ଟ୍ରୋଲର ଅଫ ଫାଇନାନ୍ସ ପଦବୀ ପାଇଁ ଓଡିଶା ପାଇନାନ୍ସ ସର୍ଭିସ ଜଣେ ଅଧିକାରୀ ନିଯୁକ୍ତି ପାଇବେ । ସେହିପରି ପରୀକ୍ଷା ନିୟନ୍ତ୍ରକ ଭାବେ ବିଶ୍ୱ ବିଦ୍ୟାଳୟର ଜଣେ ଆସୋସିଏଟ ପ୍ରଫେସର କିମ୍ବା ଜଣେ ଓଇଏସ ର୍ୟାଙ୍କର ଅଧିକାରୀଙ୍କୁ ନିଯୁକ୍ତି ଦେବାକୁ ଏହି ବିଜ୍ଞପ୍ତି ରେ ଉଲ୍ଲେଖ ରହିଛି ।

## ନୂଆପଡାରେ ବାଘ ଆତଙ୍କ କମୁନି

ନୂଆପଡା, ୨୭ ଅପ୍ରେଲ (ହି.ସ.)- ନୂଆପଡା ସଦର ବ୍ଲକ ଅନ୍ତର୍ଗତ ତରିଆମହୁଆଭଟା ଗାଁରେ ପୁଣି ଏକ କଲରାପତରିଆ ବାଘ ଆତଙ୍କ ଖେଳାଉଛି । ତରିଆମହୁଆଭଟା ଗାଁରେ ଭାଗି ରାଉତଙ୍କ ଗୁହାଳରେ ପଶି ଏକ ବାଛୁରୀକୁ ଆଜି ସକାଳେ ମାରି ଖାଇଛି ବାଘ ।

# ଜିଲ୍ଲା କାର୍ଯ୍ୟାଳୟରେ ଅଭିଯୋଗକାରୀଙ୍କ ଦୂରାବସ୍ଥା

କେନ୍ଦ୍ରାପଡ଼ା, ୨୮/୦୪ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ର ଅଭିଯୋଗ ଓ ବିଭିନ୍ନ କାମ ନେଇ ଦୂର ଦୂରାନ୍ତରୁ ଆସୁଥିବା ଜନ ସାଧାରଣଙ୍କ ପାଇଁ ଆବଶ୍ୟକୀୟ ସୁବିଧା ସୁଯୋଗ ଯଥା-ପିଇବା ପାଣି, ଅପେକ୍ଷା କରିବା ପାଇଁ ବସିବା ସ୍ଥାନ ଆଦି ଅଭାବ ଥିବା ଦେଖିବାକୁ ମିଳୁଛ । ବିଶେଷ କରି ବୟସ୍କ ନାଗରିକ ଓ ମହିଳା, ଶିଶୁ ମାନେ ବାରଣ୍ଡାର ବିଭିନ୍ନ ସ୍ଥାନ ଚଟାଣରେ ବସି ରହିବା ସହ କେତେକ କ୍ଲାନ୍ତ ହୋଇ ଶୋଇ ରହୁଥିବା ଦେଖିବାକୁ ମିଳୁଛି । ଏହା ସହ ନିକଟରେ ଥିବା ଶୋଚାଳୟ ଠିକ୍ ଭାବରେ ପରିଷ୍କାର ପରିଚ୍ଛନ୍ନ ଓ ପାଣି ମ ି ଳ ୁ ନ ଥ ୍ ବ ା ର ୁ ଅଭିଯୋଗକାରୀମାନେ ହଇରାଣ ହରକତ ହେଉଛନ୍ତି । ତୁରନ୍ତ ବସିବା ପାଇଁ ସ୍ଥାନ ଓ ପାନୀୟ ଜଳ ବ୍ୟବସ୍ଥା କରିବା ପାଇଁ ସାଧାରଣରେ ଦାବି ହେଉଛି ।

# ଯୁବକଙ୍କୁ ସଂଘବଦ୍ଧ ଭାବେ ହତ୍ୟା ମାମଲା: ସାଇଣ୍ଟିଫିକ ଟିମର ତଦନ୍ତ

ଜୟପୁର, ୨୮/୦୪ (ନି.ପ୍ର): ଜୟପୁର ସହରରେ ସଂଘ ବଦ୍ଧ ଭାବେ ଯୁବକଙ୍କୁ ହତ୍ୟା ମାମଲାରେ ଆଜି ସାଇଂଟିଫିକ ତଦନ୍ତ କରିଛି । ମୃତକ ଜଣକ ହେଉଛନ୍ତି ଜୟପୁର ନୁଆ ସାହିର ଅରୁଣ ଅନକା । ଅନକାଙ୍କ ଶବକୁ ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦକରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ହତ୍ୟା ଘଟଣା ଘଟିବା ପରେ କୋରାପୁଟ ଏସପି ଅଭିନବ ସୋନକାର ଜୟପୁରରେ ପହଂଚି ସମୀକ୍ଷା କରିଛନ୍ତି । ଏସପିଙ୍କ ତତ୍ତ୍ୱାବଧାନରେ ଟିମ ଗଠନ କରାଯାଇ ତଦନ୍ତ ଜାରି ରହିଛି । ଜୟପୁର ଟାଉନ ପୋଲିସ ୧୨୩/ ୨୩ ହତ୍ୟା ମାମଲା ରୁଜୁ କରିଛି । ସିସି କ୍ୟାମେରାର ଫୁଟେଜ ଆଧାରରେ ପୋଲିସ ତଦନ୍ତ କରୁଥିବା ବେଳେ ମୃତ ଅରୁଣକୁ ମୋବାଇଲରେ ଧମକ ଚମକ ଆସୁଥିବା ତାଙ୍କ ସ୍ତ୍ରୀ ପୋଲିସ କୁ ବୟାନ ଦେଇଛି । ଅରୁଣର ମୋବାଇଲର ମଧ୍ୟ ଯାଂଚ ହେବ । ଏନେଇ ଆଜି ଦିନ ତମାମ ଜୟପୁରରେ ବହୁ ସିସି କ୍ୟାମେରାକୁ ପୋଲିସ ଯାଂଚ କରିଛି । ପୋଲିସ ସୂଚନା ଅନୁଯାଇ ବୁଧବାର ସନ୍ଧ୍ୟା ସମୟରେ ୬ରୁ ୭ ଜଣ ମାସ୍କ ପିନ୍ଧି ଯୁବକ ଅଟୋରେ ଆସି ଖଣ୍ଡା , କାତି ଧରି ଆକ୍ରମଣ କରିଥିଲେ । ମରାଣାନ୍ତକ ଆକ୍ରମଣ ହେବା ଫଳରେ ଗୁରୁତର ହୋଇ ପଡିଥିଲେ ଅରୁଣ ଅନକା । ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା । ଅରୁଣକୁ ଜିଲା ଚିକିତ୍ସାଳୟକୁ ନିଆଯାଇଥିଲା । ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ଟାଉନ ପୋଲିସ ପହଂଚି ତଦନ୍ତ ଆରମ୍ଭ କରିଛି । ପୁରୁଣା ବିବାଦକୁ ନେଇ ଏପରି ହତ୍ୟା ଘଟଣା ଘଟିଥିବା କୁହାଯାଉଛି । ଅରୁଣ ଉପରେ ମରଣାନ୍ତକ ଆକ୍ରମଣ କରିଥିବା ବେଳେ ପରିବାର ଓ ଲୋକଙ୍କ ଭିଡ ଜମିବାରୁ ଚମ୍ପଟ ମାରିଥିଲେ ଦୁର୍ବୃତ । ଗୁରୁବାର ରାୟଗଡାରୁ ସାଇଂଟିଫିକ ଟିମ ଆସି ତଦନ୍ତ କରିଥିବା ବେଳେ ସନ୍ଦେହଜନକ ବ୍ୟକ୍ତିକୁ ଡକାଇ ପୋଲିସ ପଚରା ଉଚରା କରୁଥିବା ଜଣାଯାଇଛି ।

# ପ୍ରହସନ ପାଲଟିଛି ସରକାରୀ ଯୋଜନା, ଠିକାଦାର ମନମାନିରେ ଚାଲିଛି କାର୍ଯ୍ୟ

ହରିଚନ୍ଦନପୁର, ୨୮/୦୪ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଜ୍ଞୁଙ୍ଗା ପଞ୍ଚାୟତ କାଳିମାଟି ଗ୍ରାମ ପାର୍ଶ୍ୱରେ ପ୍ରବାହିତ ହେଉଛି ସାନକାଣିଝର ନଦୀ । ଆଜକୁ ଆଠ ବର୍ଷ ପୂର୍ବରୁ ଛେଳିଗୋଧୁଳି ଠାରୁ ବଡକମଣ୍ଡରା ଗ୍ରାମକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ପକ୍କା ସଡ଼କ ନିର୍ମିତ ହେଇଛି । ହେଲେ ନୂତନ ପୋଲ ନିର୍ମାଣ ନ ହୋଇ ସେହି ପୁରୁଣା ହୋମ୍ ପାଇପ ପୋଲଟି ସେମିତି ରହିଥିଲା । ଫଳରେ ବର୍ଷା ଦିନେ ଲୋକେ ଯିବାଆସିବା କରିବା ପାଇଁ ହଇରାଣ ହରକତ ହେଉଥିଲେ । ଦୁଇବର୍ଷ ହେବ ସରକାର ବିଜୁ ସେତୁ ଯୋଜନାରେ ନୂତନ ପୋଲ ନିର୍ମାଣ କରିଥିଲେ । ଚାରିମାସ ପୂର୍ବରୁ ସାନକାଣିଝର ନଦୀ ଉପରେ ପୋଲକୁ ଲାଗି ଏକ ଚେକ୍ ଡ୍ୟାମ ନିର୍ମାଣ ଚାଲିଛି । ପାଣିର ସମସ୍ୟା ଯୋଗୁଁ କାମ ଆରମ୍ଭ ହେବାରୁ କାଳିମାଟି ଗ୍ରାମର ଲୋକେ ଆରାମରେ ଗାଧୋଇବେ ବୋଲି ଖୁସି ହେଇଥିଲେ । କିନ୍ତୁ ବିଡମ୍ବନାର ବିଷୟ ଠିକାଦାର ଦାଦାଗିରି କରି ପୁରୁଣା ପାହାଚ ଉପରେ ମାଟି ପକେଇ ପଥର ପ୍ୟାଚିଙ୍ଗ କରିଦେଲେ । ଶତାଧିକ ଗ୍ରାମବାସୀ ମହିଳାଙ୍କ ସମେତ ଦୁଇ ଦୁଇଥର କାର୍ଯ୍ୟସ୍ଥଳକୁ ଯାଇ ଠିକାଦାରଙ୍କୁ ଗୁହାରି କରିଥିଲେ ମଧ୍ୟ ସେ କୌଣସି କଥା ଶୁଣିବାକୁ ନାରାଜ । ଲୋକଙ୍କ ସୁବିଧା ପାଇଁ ସରକାର ଯୋଜନା ପ୍ରଣୟନ କରୁଥିଲେ ମଧ୍ୟ ତାହା କାଳିମାଟି ଗ୍ରାମର ଚେକ୍ ଡ୍ୟାମ କ୍ଷେତ୍ରରେ ଓଲଟା ସାବ୍ୟସ୍ତ ହେଇଛି । ଲୋକଙ୍କ ସୁବିଧାକୁ ଗୁରୁତ୍ୱ ନଦେଇ ଠିକାଦାର ଦାଦାଗିରି କରି ଯେନେତେନେ ପ୍ରକାରର କାମ ସାରି ପକେଇବାକୁ ବସିଥିବା କଥା କ୍ଷୋଭର ସହ ଜ୍ଞୁଙ୍ଗା ପଂଚାୟତର ପୂର୍ବତନ ସରପଂଚ ତପନ ନାଏକ କହିଛନ୍ତି । କାମ ପ୍ରାୟ ଶେଷ ପର୍ଯ୍ୟାୟରେ ଥିବା ବେଳେ ଲୋକଙ୍କ ଗାଧୋଇବା ପାଇଁ କୌଣସି ପାହାଚ ବ୍ୟବସ୍ଥା ହେଇ ନାହିଁ । ଆହୁରି ସାଙ୍ଘାତିକ କଥା ହେଲା ଚେକ୍ ଡ୍ୟାମର ଫାଉଣ୍ଡେସନ ପୋଲର ପିଲର ସହିତ ସଂଲଗ୍ନ ଅଛି । ଚେକଡ୍ୟାମ ଉପରେ ପାଣିର ଲୋଡ ଯେତିକି ଆସିବ ତାହା ପୋଲର ପିଲର ଉପରେ ଲୋଡ ଆସି ପୋଲର ସ୍ଥାୟିତ୍ୱକୁ ପ୍ରଭାବିତ କରିବ ବୋଲି ଜଙ୍ଘିରା ଅଂଚଳର ଜଣେ ଅବସର ପ୍ରାପ୍ତ ଯନ୍ତ୍ରୀ କହିଛନ୍ତି । ବିଭାଗୀୟ ଯନ୍ତ୍ରୀ ପ୍ରାୟ ସମୟରେ କାର୍ଯ୍ୟସ୍ଥଳରେ ନରହିବାରୁ ପୋଲ ପ୍ରତି ଧ୍ୟାନ ନଦେଇ ଠିକାଦାର ମନମାନିରେ ଚଳେଇଛନ୍ତି । ସରକାରୀ ପ୍ରକଳ୍ପ ଆରମ୍ଭରୁ ସର୍ବସାଧାରଣ ଦୃଶ୍ୟମାନ ସ୍ଥାନରେ ଯୋଜନା ବିବରଣୀ ସୂଚିତ ହେବାର ସରକାରୀ ନିୟମ ଥିଲେ ମଧ୍ୟ ଏଠାରେ କୌଣସି ସୂଚନା ଫଳକ ନାହିଁ । ଫଳରେ ଚେକଡ୍ୟାମଟି କେଉଁ ଯୋଜନା ଓ କେତେ ବ୍ୟୟ ଅଟକଳରେ ନିର୍ମିତ ହେଉଛି ତାହା କେହି ଜାଣି ପାରୁନାହାନ୍ତି । ତେବେ ଜିଲ୍ଲା ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି କାର୍ଯ୍ୟର ନିରୀକ୍ଷଣ କରାଯାଇ ପ୍ରକଳ୍ପ ସ୍ଥଳରେ ସୂଚନା ଫଳକ ନିର୍ମାଣ କରି ବ୍ୟୟ ଅଟକଳ ଲେଖିବାକୁ ସ୍ଥାନୀୟ ଲୋକଙ୍କ ଅଭିଯୋଗ ହୋଇଛି । ଲୋକଙ୍କ ଗାଧେଇବା ପାଇଁ ପାହାଚ ନିର୍ମାଣ ସହ ପୋଲର ପିଲରରୁ ଚେକଡ୍ୟାମ ଫାଉଣ୍ଡେସନ ମଧ୍ୟରେ ଦୂରତ୍ୱ ରଖି ପୋଲକୁ ସୁରକ୍ଷିତ ରଖିବା ନିମନ୍ତେ ଜିଲ୍ଲା ପ୍ରଶାସନ ନିକଟରେ କାଳିମାଟି ଗ୍ରାମବାସୀ ଦାବି କରିଛନ୍ତି ।

## ବଥୁଆ



ବଥୁଆ ଶାଗର ଅନେକ ଉପକାରିତା ରହିଛି। ପ୍ରତିଦିନ ଏହି ଶାଗ ଖାଇବା ଦ୍ୱାରା ପଥରୀ ରୋଗକୁ ରକ୍ଷା ମିଳିଥାଏ। ଏହା ଆମାଶୟକୁ ଶକ୍ତି ପ୍ରଦାନ କରେ। ଏହି ଶାଗର ପ୍ରକୃତି ହେଉଛି ଥଣ୍ଡା। ଏହି ଶାଗ ବିଶେଷକରି ଗହମ କ୍ଷେତରେ ଅଧିକ ମାତ୍ରାରେ ହୋଇଥାଏ। ବଥୁଆ ଶାଗରେ ଲୌହ, ସ୍ୱର୍ଣ୍ଣ ଏବଂ କ୍ଷୀର ଆଦି ତତ୍ତ୍ୱ ପୂରି ରହିଛି। ଶରୀରକୁ ସୁସ୍ଥ ରଖିବା ପାଇଁ ହେଲେ ଏହି ଶାଗ ନିୟମିତ ଖାଇବା ଦରକାରୀ। ତେବେ ଏହି ଶାଗର ବେଶୀ ମସଲା ପକାଇବା ଉଚିତ ନୁହେଁ। କାରଣ ଏଥିରେ ତାହାର ଦ୍ରବ୍ୟଗୁଣ ନଷ୍ଟ ହୋଇଥାଏ। ଏଥିରେ ଲୁଣ ନପକାଇଲେ ଭଲ। ସ୍ୱାଦ ପାଇଁ ଯଦି ଲୁଣ ଚାହୁଁଥାନ୍ତି ତେବେ ସୈନ୍ଧବ ଲବଣ ପକାଇ ପାରନ୍ତି। ଘିଅ ଛୁଙ୍କ କରି ପାରନ୍ତି। ଏହି ଶାଗ ସିଝା ଯାଇଥିବା ପାଣି ଶରୀର ପାଇଁ ହିତକର। ବଥୁଆରେ ଦହି ପକାଇ ପ୍ରସ୍ତୁତ ହୋଇଥିବା ରାଇତା ବେଶ୍ ସ୍ୱାଦିଷ୍ଟ ହୋଇଥାଏ। ଯେମିତି ବି ହେଉ ବଥୁଆ ଶାଗ ନିୟମିତ ଖାଇବା ଭଲ। ଏହା ମଧ୍ୟ ଶୁକ୍ରବର୍ଦ୍ଧକ। ଏବେ ଜାଣନ୍ତୁ ଏହି ଶାଗର ଆଉ କିଛି ଗୁଣ....।

ବଥୁରା ଆମାଶୟକୁ ଶକ୍ତି ପ୍ରଦାନ କରିଥାଏ। କିଛି ସପ୍ତାହ ଧରି ନିୟମିତ ବଥୁଆ ଶାଗ ଖାଇଲେ କୋଷ୍ଠକାଠିନ୍ୟ ଦୂର ହୋଇଥାଏ। ପେଟ ସଫା ରହେ। ଶରୀରରେ ସର୍ବଦା ଶକ୍ତି ଏବଂ ସ୍ଫୂର୍ତ୍ତି ଭରିରହେ।

ବଥୁଆ ଶାଗ ସବୁ ଋତୁରେ ମିଳେନାହିଁ। ତେବେ ଯେଉଁ ସମୟରେ ଏହା ମିଳିଥାଏ ନିୟମିତ ଏହାର ରସ କିମ୍ବା ସିଝା ଯାଇଥିବା ପାଣି ପିଅନ୍ତୁ। ଏହା ପେଟରେ ବିଭିନ୍ନ ରୋଗକୁ ଆରୋଗ୍ୟ କରିଥାଏ। ଅଜୀର୍ଣ୍ଣ, କୃମି, ବାୟୁରୋଗ, ଆଦିକୁ ଦୂରକରେ।

ପଥରୀରେ ପୀଡ଼ିତ ବ୍ୟକ୍ତି ନିୟମିତ ଏକ ଗ୍ଲାସ ବଥୁଆ ରସରେ ଚିନି ମିଶାଇ ପିଇବା ଦ୍ୱାରା ପଥରୀ ଖଣ୍ଡଖଣ୍ଡ ହୋଇ ବାହାରିଯାଏ। ମୁଣ୍ଡରେ ନିଖ ହେଉଥିଲେ ବଥୁଆକୁ ସିଝାଇ ତା'ର ପାଣିରେ ମୁଣ୍ଡ ଧୋଇବା ଦ୍ୱାରା ନିଖ ମରିଯାଏ। କେଶ ମଧ୍ୟ ସଫା ହୋଇଯାଏ।

- ମହିଳାଙ୍କ ମାସିକ ଧର୍ମରେ ଅନିୟମିତତା ଦେଖାଦେଲେ ଦୁଇ ଚାମଚ ବଥୁଆ ମଞ୍ଜି ନେଇ ସେଥିରେ ଗୋଟିଏ ଗ୍ଲାସ ପାଣି ଦେଇ ତାକୁ ଭଲ ଭାବେ ଫୁଟାନ୍ତୁ। ପାଣି ମରିମରି ଅଧଗ୍ଲାସ ରହିଲେ ତାକୁ ଛାଣି ପିଇବାକୁ ଦିଅନ୍ତୁ। ଏହି ସମସ୍ୟା ଦୂର ହୋଇଯିବ। ଆଖି ଲଲ ପଡୁଥିଲେ ବା ବରଜ ରହୁଥିଲେ ପ୍ରତିଦିନ ବଥୁଆ ଶାଗ ଖାଆନ୍ତୁ।

- ଅଧକିଲୋ ବଥୁଆରେ ଚିନି ଗ୍ଲାସ ପାଣି ମିଶାଇ ସିଝାନ୍ତୁ। ଏହାପରେ ପାଣି ଛାଣି ଦିଅନ୍ତୁ। ଏହି ପାଣିରେ ବଥୁଆକୁ ଭଲ ଭାବେ ଚିପୁଡ଼ି ତା'ର ପାଣିକୁ ମିଶାଇ ଦଅନ୍ତୁ। ଏହାକୁ ସ୍ୱାଦୁକର କରିବା ପାଇଁ ଲେମ୍ବୁ, ଜିରା ସାମାନ୍ୟ ଗୋଲ ମରିଚ ଏବଂ ସୈନ୍ଧବ ଲବଣ ମିଶାଇ ପାରନ୍ତି। ଏହାକୁ ଦିନରେ ତିନିଥର ପିଇବା ଦ୍ୱାରା ପରିସ୍ରାରେ ଜ୍ୱଳନ ଏବଂ ଅନ୍ୟାନ୍ୟ ପରିସ୍ରାଜନିତ ସମସ୍ୟା ଦୂରହୁଏ। ବାୟୁବିକାର ଆରୋଗ୍ୟ ହୁଏ। ଖାଦ୍ୟ ହଜମ ହୁଏ। ପେଟ ହାଲକା ରହେ। ସିଝା ଶାଗକୁ ଦହି ମିଶାଇ ଖାଆନ୍ତୁ।

- ପରିସ୍ରା ରହି ରହି ହେଉଥିଲେ ବଥୁଆ ରସ ପିଇଲେ ଭଲ ହୋଇଯାଏ।

- ଦୈନିକ ଗୋଟିଏ କପ ବଥୁଆ ରସ ପିଇଲେ ଭଲ ହେଇଯାଏ।

ଦୈନିକ ଗୋଟିଏ କପ ବଥୁଆ ରସ ପିଇଲେ ପେଟକୁ କୃମି ମରିଯାଆନ୍ତି। ଗୋଟିଏ ଚାମଚ ବଥୁଆମଞ୍ଜିର ଗୁଣ୍ଡରେ ମହୁ ମିଶାଇ ଚାଟି ଖାଇବା ଦ୍ୱାରା ମଧ୍ୟ କୃମି ମରି ଯାଆନ୍ତି ଏବଂ ରକ୍ତଚାପ ନିୟନ୍ତ୍ରିତ ହୋଇଥାଏ।

- ଧଳା ଦାଗ, କୁଣ୍ଡିଆ ଆଦି ଚର୍ମରୋଗ ହେଉଥିଲେ ପ୍ରତିଦିନ ବଥୁଆ ଶାଗକୁ ସିଝାଇ ତାକୁ ଚିପୁଡ଼ି ରସ ପିଅନ୍ତୁ ସିଝା ଯାଇଥିବା ପାଣିକୁ ନଫିଙ୍ଗି ସେଥିରେ ତ୍ୱଚାକୁ ଧୋଇ ଦିଅନ୍ତୁ। ଆହୁରି ମଧ୍ୟ ବଥୁଆର କଞ୍ଚାପତ୍ରକୁ ଛେଚି ସେଥିରୁ ରସ ବାହାର କରନ୍ତୁ। ଦୁଇକପ ରସରେ ଅଧକପ ରାଶି ତେଲ ମିଶାଇ ତାକୁ ଧୀରେ ଧୀରେ ନିଆଁ ଜାଳି ଗରମ କରନ୍ତୁ। ରସ ମରି ତେଲ ରହିଗଲେ ତାକୁ ଛାଣି ଏକ ଶିଶିରେ ରଖନ୍ତୁ। ଏହାକୁ ନିୟମିତ ଲଗାଇଲେ ଚର୍ମରୋଗ ଭଲହୁଏ।

- ବଥ, ବାରମୂଳିଆ ଆଦିକୁ ବସାଇବା କିମ୍ବା ଫଟାଇବା ପାଇଁ ମଧ୍ୟ ବଥୁଆ ଶାଗକୁ ବ୍ୟବହାର କରା ଯାଇଥାଏ।

## କମ୍ ଶୋଇବାର କ୍ଷତି

- ଛଅଘଣ୍ଟାରୁ କମ୍ ଶୋଇଲେ ଉଚ୍ଚ ରକ୍ତଚାପ ସହ ଅନ୍ୟାନ୍ୟ ରୋଗ ହେବାର ଆଶଙ୍କା ରହିଥାଏ।
- କମ୍ ଶୋଇବା ଯୋଗୁଁ ଶରୀରକୁ କମ୍ ଅମ୍ଳଜାନ ମିଳିଥାଏ।
- କମ୍ ଶୋଇବା ଦ୍ୱାରା ବାର୍ଦ୍ଧକ୍ୟ ଶୀଘ୍ର ଆସିଥାଏ। ଏଥିପାଇଁ କମ୍ ବୟସରେ ମଧ୍ୟ ବିଭିନ୍ନ ସମସ୍ୟା ଦେଖା ଦେଇଥାଏ।
- କମ୍ ଶୋଇବା ଫଳରେ ମେଦ ବୃଦ୍ଧି ହୋଇଥାଏ।
- ଶୋଇବା କମ୍ ହେଲେ ସହବାସ ଓ ପ୍ରଜନନ କ୍ଷମତା ମଧ୍ୟ ହ୍ରାସ ପାଇଥାଏ।
- କୌଣସି କାମରେ ମନ ଲାଗେ ନାହିଁ।
- ମାନସିକ ସମସ୍ୟା ବୃଦ୍ଧି ପାଇଥାଏ।
- ସ୍ମୃତି ଶକ୍ତି ହ୍ରାସ ପାଇଥାଏ।
- ଶ୍ରବଣ ଶକ୍ତି ମଧ୍ୟ ହ୍ରାସ ପାଇଥାଏ।



## ପରଫେକ୍ଟ ଲାଇଫ ଷ୍ଟାଇଲ

**ସମୟ ବଦଳୁଛି, ତା ସହ ଜୀବନଶୈଳୀ । ତେବେ ସୁସ୍ଥ ଆଉ ସୁନ୍ଦର ଜୀବନଶୈଳୀ ପାଇଁ ଆପଣନ୍ତୁ କୋଟୋଟି କଥା, ଯେମିତିକି ଆପଣ ହୋଇପାରିବେ ପରଫେକ୍ଟ ଲାଇଫ୍ ଷ୍ଟାଇଲର ଅଧିକାରୀ ...**



**ଏପରି କରନ୍ତୁ ଦିନର ଆରମ୍ଭ:-**
ସକାଳୁ ଶୀଘ୍ର ଉଠନ୍ତୁ । ନିତ୍ୟକର୍ମ ସାରି କିଛି ସମୟ ଏକ୍ସରସାଇଜ କିମ୍ବା ମେଡିଟେଶନ କରନ୍ତୁ । କାରଣ ଏହାର ଆପଣ ଏହାର ମଜା ଉଠାଇପାରିବେ ।

**ଟାଇମମ୍ୟାନେଜମେଣ୍ଟ:-**
ଟାଇମ୍ ମ୍ୟାନେଜମେଣ୍ଟ କରିପାରୁଥିବା କବିତା, ଗପ ଲେଖିବା, ବହି ପଢ଼ିବା ଇତ୍ୟାଦି। ଏପରି କରିବା ଦ୍ୱାରା କାର୍ଯ୍ୟ କରିବାର ଆଗ୍ରହ ଓ ଉତ୍ସାହ ବଢ଼ଇଥାଏ ।

**ନିଜ ଇଚ୍ଛା କମ୍ କରନ୍ତୁ:-** ଆପଣଙ୍କ ଇଚ୍ଛା ଓ ଅଭିଳାଷ ଅଧିକ ହେଲେ ସମସ୍ୟାର ମାତ୍ରା ବଢ଼ିଥାଏ । କିନ୍ତୁ ଏହାର ବିପରୀତ ଦିଗ ଦେଖିଲେ ସମସ୍ୟା କମ୍ ଲାଗିଥାଏ । ଇଚ୍ଛା ଓ ଅଭିଳାଷ ଉପରେ ଆପଣ ଯେତେ ନିୟନ୍ତ୍ରଣ ରଖିବେ ଜୀବନରେ ଟେନସନ୍‌ଠାରୁ ସେତେ ଦୂରରେ ରହିବେ ।

**ଅତୀତକୁ ଭୁଲିଯାଆନ୍ତୁ:-**
ଯଦି ଆପଣଙ୍କ ଜୀବନରେ ଅତୀତରେ କେବେ କୌଣସି ଅପ୍ରୀତିକର ବା ଦୁଃଖଦ ଘଟଣା ଘଟିଛି ତେବେ ସେହି ସ୍ମୃତିକୁ ବାରମ୍ବାର ମନେ ପକାନ୍ତୁ ନାହିଁ । ଅତୀତକୁ ଭୁଲି ବର୍ତ୍ତମାନରେ ଚାଲିବାଟା ଠିକ୍ ।



ପ୍ରଭାବ ଜୀବନର୍ଶୈଳୀ ଉପରେ କଣ ପଡ଼େ ତାହା ଅନୁଭବୀ ହିଁ ଜାଣେ । ଏହାପରେ ବ୍ରେକଫାଷ୍ଟ କରିବାକୁ ଭୁଲନ୍ତୁ ନାହିଁ । ରାତିରେ ଅତିକମ୍‌ରେ ୬/୭ ଘଣ୍ଟା ଶୁଅନ୍ତୁ। କାରଣ ପରିଶ୍ରମ ଅନୁସାରେ ଉପଯୁକ୍ତ ବିଶ୍ରାମ ଶରୀରକୁ ଫିଟ ରଖିବା ସହ ସକାରାତ୍ମକ ମାନସିକତା ଦିଗରେ ସହାୟକ ହୋଇଥାଏ। ଦିନକୁ ୮ଗ୍ଲାସ ପାଣି ପିଅନ୍ତୁ। ଲଞ୍ଚ, ଡିନର ଠିକ୍ ସମୟରେ ଶେଷ କରିବା ସହ ତଟକା ଫଳମୂଳ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ।

ବନ୍ଧୁପରିଜନଙ୍କ ସହ ସୁସମ୍ପର୍କ ରଖନ୍ତୁ ।
ବ୍ୟସ୍ତ ଜୀବନ ମଧ୍ୟରୁ ବନ୍ଧୁ ପରିଜନଙ୍କ ପାଇଁ କିଛି ସମୟ ବାହାର କରନ୍ତୁ । ସେମାନଙ୍କ ସହ ସୁସମ୍ପର୍କ ରଖିଲେ ଆପଣଙ୍କ ଲାଇଫ୍ ଷ୍ଟାଇଲରେ ବହୁତ ପରିବର୍ତ୍ତନ ଆସିଥାଏ । ପର୍ବପର୍ବାଣି କିମ୍ବା ଛୁଟିଦିନରେ ଅତୀତକୁ ସବୁବେଳେ ମନେ ପକାଇଲେ ଆପଣ ବର୍ତ୍ତମାନର ମଜା ଉଠାଇପାରିବେ ନାହିଁ ।

**ଟେନସନ ଠାରୁ ଦୂରରେ ରୁହନ୍ତୁ:-**
ଆଜିକାଲି ଘରେ ହେଉ ବା ବାହାରେ ପ୍ରତିଟି ଜାଗାରେ କିଛି ନା କିଛି ଟେନସନ୍ ଲାଗି ରହୁଛି । ଏହା ସ୍ୱାସ୍ଥ୍ୟ ପ୍ରତି ହାନିକାରକ ହୋଇଥାଏ । ଏଥିପାଇଁ ବ୍ଲଡପ୍ରେସର ଅସନ୍ତୁଳିତ ରହିଥାଏ । ନିଦ ଉପରେ ପ୍ରଭାବ ପଡ଼ିଥାଏ । ପର୍ଯ୍ୟପ୍ତ ନିଦ ନ ହେଲେ ବିଭିନ୍ନ ରୋଗ ସୃଷ୍ଟି ହୋଇଥାଏ । ତ୍ୱଚା ଉପରେ ମଧ ଏହାର ଖୁବ୍ ପ୍ରଭାବ ପଡ଼ିଥାଏ ।

**ଅଯଥା ଯୁକ୍ତିତର୍କ କରନ୍ତୁ ନାହିଁ:-**
ନିରର୍ଥକ ଯୁକ୍ତିତର୍କ କରିବା ଠାରୁ ଦୂରରେ ରୁହନ୍ତୁ । ଏହା କେବଳ ସମୟର ଅପଚୟ କରିଥାଏ ।

# ବ୍ରଣରୁ ରକ୍ଷା ପାଇବାରୀ ଘରୋଇ ଉପାୟ

**ଯୁବତୀମାନଙ୍କର ଏକ ପ୍ରମୁଖ ସମସ୍ୟା ହେଲା ତ୍ୱଚାରେ ବ୍ରଣ ହେବା । ବ୍ରଣ ତ୍ୱଚାର ସୌନ୍ଦର୍ଯ୍ୟକୁ ଖରାପ କରିବା ସହ ଏହାର ଦାଗ ମଧ ସହଜରେ ଯାଇନଥାଏ । ଏଣୁ ଏହାର ସୁନ୍ଦର ତଥା ସରଳ ଘରୋଇ ଉପଚାର ହେଲା ଶୁଦ୍ଧ ହଳଦୀକୁ ନିଜ ସୌନ୍ଦର୍ଯ୍ୟ ଚର୍ଚ୍ଚାରେ ସାମିଲ କରାନ୍ତୁ ।**

◆ ୧ ଚାମଚ ଶୁଦ୍ଧ ମହୁ ଓ ଅଧ ଚାମଚ ହଳଦୀକୁ ମିଶାଇ ବ୍ରଣ ଉପରେ ଲଗାନ୍ତୁ । ୧୦-୧୨ ମିନିଟ୍ ପରେ ଥଣ୍ଡା ପାଣିର ଛିଟା ମରିବେ । ନିୟମିତ ଏପରି କଲେ ବ୍ରଣ ଦୂର ହେବା ସହ ଦାଗ ମଧ ଦୂର ହୋଇଥାଏ।

◆ ୧ଚାମଚ ଦହିରେ ଅଧ ଚାମଚ ହଳଦୀ ମିଶାଇ ସେହି ପ୍ୟାକକୁ ବ୍ରଣରେ ଲଗାଇବା ସହ ପୂରା ମୁହଁରେ ମଧ ଲଗା ଇପାରିବେ । ପ୍ୟାକ୍ ଶୁଖିବା ପରେ ଭଲ ଭାବେ ମୁହଁ ଧୋଇନିଅନ୍ତୁ । ସପ୍ତାହକୁ ୩-୪ଥର ଏପରି କରିବା ଉଚିତ ।

◆ ନିମ୍ବ ପତ୍ର ଗୁଣ୍ଡ ୨ଚାମଚରେ ୧ଚାମଚଜ ହଳଦୀ ଓ ଦହି ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ । ଏହି ପ୍ୟାକ୍ ତ୍ୱଚା ପାଇଁ ଆଣ୍ଟିସେପଟିକ୍ ଭଳି କାମ କରିଥାଏ । ବ୍ରଣ ଓ ଦାଗରୁ ରକ୍ଷା ପାଇବା ନିମନ୍ତେ ନିୟମିତ ଏହି ପ୍ୟାକ୍ ଲଗାଇବା ଭଲ ।



◆ ୧ବଡ଼ ଚାମଚ ଲେମ୍ବୁ ରସରେ ଅଧ ଚାମଚ ହଳଦୀ ଗୁଣ୍ଡ ମିଶାଇ ତାହାକୁ ବ୍ରଣରେ ଲଗାଇପାରିବେ । ୧୦-୧୨ ମିନିଟ୍ ପରେ ତ୍ୱଚାକୁ ଥଣ୍ଡା ପାଣିରେ ଧୋଇ ନିଅନ୍ତୁ ।

◆ବେସନ, ହଳଦୀ ତଥା ଦହି ପ୍ୟାକ୍ ମଧ ବ୍ରରକୁ ଦୂରେଇ ବାରେ ସାହାଯ୍ୟ କରେ । ଅନ୍ୟ ଏକ ଘରୋଇ ପ୍ୟାକ୍ ହେଲା ଚନ୍ଦନଗୁଣ୍ଡ




ପାଉଡର ଓ ଚିମୁଟାଏ ହଳଦୀରେ କଞ୍ଚା ଖିର ମିଶାଇ ତ୍ୱଚାରେ ଲଗାଇପାରିବେ ।

◆ କଞ୍ଚା ଖିର ଓ ଚିମୁଟାଏ ହଳଦୀର ପ୍ୟାକ୍ ମଧ ବ୍ରଣ ଦାଗ ଦୂର କରିବାରେ ସହାୟକ ହୋଇଥାଏ

◆ଦୈନିକ ସ୍ନାନ ପୂବରୁ ଘିକୁଆରୀ ରସରେ ଚିମୁଟାଏ ହଳଦୀ ମିଶାଇ ପବ୍ୟାକ୍ ଭଳି ତ୍ୱଚାରେ ଲଗାନ୍ତୁ । ମାସେ ଏହି ପ୍ୟାକ୍ ଲଗାଇଲେ ତ୍ୱଚାରୁ ବ୍ରଣ ଓ ଦାଗ ଦୂର ହୋଇଥାଏ ।

# ବିମାନଯାତ୍ରା ସମୟରେ କାନରେ ହୋଇଥାଏ ଖୁବ୍ ଯନ୍ତ୍ରଣା: ଜାଣନ୍ତୁ ଏହା ପଛରେ କଣ ରହିଛି କାରଣ

ଆଜିକାଲି ଅଧିକାଂଶ ଲୋକ ବିମାନରେ ଯାତ୍ରା କରୁଛନ୍ତି । ଖାସ୍ କରି ନେତା ମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ବଡ ବଡ ବିଜନେସ୍ ମ୍ୟାନ୍ ଏପରି ଅନେକ ଲୋକେ ବୁଲିବା ପାଇଁ ମଧ ବିମାନରେ ଯିବାକୁ ପସନ୍ଦ କରନ୍ତି । ତେବେ ଆପଣମାନେ ବିମାନରେ ଯାତ୍ରା କରିବା ସମୟରେ ସେଠାରେ ଅମ୍ଳଜାନ ମାସ୍କ ରହିଥିବାର ଦେଖିଥିବେ । ଯାହାକି ଏକ ସ୍ୱଭାବିକ ଏବଂ ସାଧାରଣ କଥା । କାରଣ ଅନେକ ସମୟରେ ବିମାନରେ ଯାତ୍ରା କରିବା ବେଳେ ଅମ୍ଳାଜାନର ଅଭାବ ଦେଖାଦେଇଥାଏ । ସେହି ସମୟରେ ସେହି ଅମ୍ଳଜାନ ମାସ୍କକୁ ବ୍ୟବହାର କରାଯାଇଥାଏ। ଏଥିସହିତ ଆପଣ ଯେତେବେଳେ ବିମାନରେ ଯାତ୍ରା କରୁଛନ୍ତି ସେଠାରେ ଆପଣମାନେ ଗୋଟିଏ ଜିନିଷ ପ୍ରତି ଧ୍ୟାନ ଦେଇଥିବେ । ଯେତେବେଳେ ବିମାନଟି ରନ୍‌ୱେରୁ ଉଡିଯାଏ, ସେତେବେଳେ ଯାତ୍ରୀଙ୍କ କାନରେ ବହୁତ ଯନ୍ତ୍ରଣା ଅନୁଭବ କରେ । ଏହା ସହିତ ବିମାନ ଅବତରଣ କଲାବେଳେ ମଧ ସମାନ ଯନ୍ତ୍ରଣା ଅନୁଭବ ହୋଇଥାଏ। ବେଳେବେଳେ କେବଳ କାନରେ ଯନ୍ତ୍ରଣା ହୁଏ ନାହିଁ, ବରଂ କାନ ବନ୍ଦ ହୋଇଯିବା ସହ ଏକ ଶବ୍ଦ ମଧ ଶୁଣାଯାଏ । ତେବେ ଆପଣ କେବେ ଭାବିଛନ୍ତି କି ଏହା କାହିଁକି ଘଟେ ? ତେବେ ଆଜି ର ଆପଣଙ୍କୁ ଏହି ବିଷୟରେ ଜଣାଇବାକୁ ଯାଉଛୁ ।



ବୈଷୟିକ ଭାଷାରେ ଏହାକୁ ବିମାନର କାନ କୁହାଯାଏ । ବିଶେଷଜ୍ଞ ମାନଙ୍କ କହିବା ଅନୁସାରେ ଆମ କାନରେ ଉପସ୍ଥିତ ଥିବା ଇଷ୍ଟାଚିଆନ୍ ଟ୍ୟୁବ୍ ହେତୁ ଏପରି ଘଟିଥାଏ । କାରଣ ବାୟୁର ଚାପ ପରିବର୍ତ୍ତନ ସମୟରେ ଏହା ଏତେ ଶୀଘ୍ର ପ୍ରତିକ୍ରିୟା କରେ ନାହିଁ । ଯେଉଁ କାରଣରୁ ବେଳେବେଳେ କାନରେ ଯନ୍ତ୍ରଣା ହୁଏ, କିଛି ଶବ୍ଦ ମଧ ଶୁଭେ । ସେପଟେ ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଅନେକ ଆନ୍ତର୍ଜାତୀୟ ବିମାନରେ ଚଳଚ୍ଚିତ୍ର ଦେଖିବା ଏବଂ ଗୀତ ଶୁଣିବା ପାଇଁ ହେଡଫ୍ଲୋନ୍ ଯୋଗାଇ ଦିଆଯାଇଥାଏ । ଆପଣଙ୍କ ଭିତରୁ ଖବୁ କମ୍ ଲୋକ ଜାଣିଥିବେ ଉଚ୍ଚତାକୁ ଯିବାପରେ ଆମର ପରୀକ୍ଷଣ ଗୁଡିକ ସଠିକ୍ ଭାବରେ କାମ କରେ ନାହିଁ । ଏହି ସମୟରେ ଖାଦ୍ୟର ସ୍ୱାଦ ମଧ କମିଯାଏ। କୁହାଯାଏ ଉଚ୍ଚତାରେ ବାୟୁ ଚାପ କମିଯିବାରୁ ଏହା ଘଟିଥାଏ ।ସେପଟେ ଅନେକ ଥର ବାୟୁରେ ଯାତ୍ରା କରିବା ସମୟରେ ଯାତ୍ରୀମାନଙ୍କ ପାଇଁ ଅମ୍ଳଜାନର ଅଭାବ ଦେଖାଦେଇଥାଏ । ଏହି ସମୟରେ ହାଇପରକ୍ସିଆର ଶିକାର ହେବାର ଆଶଙ୍କା ବି ଥାଏ । ଏଥିରେ ମସ୍ତିଷ୍କକୁ ଅମ୍ଳଜାନ ଯୋଗାଣ କମିଯାଏ । ବିମାନରେ ରଖାଯାଇଥିବା ଅମ୍ଳଜାନ ମାସ୍କ ଏହି ସମୟରେ ବ୍ୟବହାର କରାଯାଇଥାଏ । ସୁବଠାରୁ ଆଶ୍ଚର୍ଯ୍ୟକର କଥା ବିମାନରେ ଯାତ୍ରୀଙ୍କୁ ଦିଆଯାଉଥିବା ଖାଦ୍ୟକୁ ପାଇଲଟ ଖାଇନଥାନ୍ତି ।

## ମେଥିଦାନାର ଉପକାରିତା

- ମେଥିଦାନାରେ ପୋଟାସିୟମ ଅଧିକ ପରିମାଣରେ ଥିବାରୁ ତାହା ଶରୀରରେ ସୋଡ଼ିୟମର ପରିମାଣକୁ ନିୟନ୍ତ୍ରଣ କରିଥାଏ। ଏହାଦ୍ୱାରା ରକ୍ତ ସଂଚାଳନ ଉତ୍ତମ ହେବା ସହ ହୃଦଯନ୍ତ୍ର ଠିକ୍ ଭାବେ କାର୍ଯ୍ୟ କରିଥାଏ।
- ମଧୁମେହ ରୋଗୀ ନିୟମିତ ଭାବେ ମେଥି ଖାଇବା ସେମାନଙ୍କ ପାଇଁ ଉପକାରୀ। ଏଥିରୁ ମହଜୁଦ ଥିବା ଏମିନୋ ଏସିଡ୍ ଶରୀରରେ ଶର୍କରାର ମାତ୍ରାକୁ ନିୟନ୍ତ୍ରଣ କରେ।
- ମେଥିଦାନାରେ ଭରପୁର ମାତ୍ରାରେ ଫାଇବର ଓ ଆଣ୍ଟିଅକ୍ସିଡାଣ୍ଟ ଥିବାରୁ ତାହା ଖାଦ୍ୟ ହଜମ କରାଇବାରେ ସାହାଯ୍ୟ କରିଥାଏ।
- ଓଜନ ହ୍ରାସ କରିବା ନିମନ୍ତେ ପ୍ରତ୍ୟହ ମେଥିଦାନା ଖାଇଲେ ୧



ମାସ ମଧ୍ୟରେ ସୁଫଳ ମିଳିଥାଏ।
- ମେଥିରେ ମହଜୁଦ ଥିବା ଫାଇବର ଶରରରୁ ଦୂଷିତ ପଦାର୍ଥ ବାହାର କରିଥାଏ। ଏହାତ୍ୱଚା, କଲୋନ କର୍କଟର ଆଶଙ୍କା କମ୍ ରଖିଥାଏ।
- ମେଥିଦାନାରେ ଥିବା ପୋଟାସିୟମ ରକ୍ତ ସଂଚାଳନ ଉତମ ହେବାରେ ସାହାଯ୍ୟ କରିଥାଏ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୯ ଏପ୍ରିଲ ୨୦୨୩, ଶନିବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଇତିହାସର ପୁନରାବୃତ୍ତି...

ଆମେରିକାରେ ପୁଣିଥରେ ରାଷ୍ଟ୍ରପତି ପଦ ପାଇଁ ପ୍ରାର୍ଥୀ ଭାବରେ ଅବତୀର୍ଣ୍ଣ ହେବାକୁ ଯାଉଥିବା ଦୁଇ ପୂର୍ବତନ ରାଷ୍ଟ୍ରପତିଙ୍କ ମଧ୍ୟରେ ଲଢ଼େଇ, ଯେଉଁମାନେ ବାର୍ଦ୍ଧକ୍ୟାବସ୍ଥାରେ ପହଞ୍ଚି ସାରିଛନ୍ତି; ବର୍ତ୍ତମାନର ରାଷ୍ଟ୍ରପତି ଡେମୋକ୍ରାଟ୍ ଦଳର ଜୋ ବାଇଡେନ୍ ଯିଏକି ଉପରୋକ୍ତ ନିର୍ବାଚନରେ ପୁଣିଥରେ ପ୍ରାର୍ଥୀ ହେବେ ବୋଲି ଘୋଷଣା କରିଛନ୍ତି, ତାଙ୍କୁ ବର୍ତ୍ତମାନ ୮୦ ବର୍ଷ ଏବଂ ତାଙ୍କ ପୂର୍ବ ରାଷ୍ଟ୍ରପତି ଭାବରେ କାର୍ଯ୍ୟ କରିଥିବା ରିପବ୍ଲିକାନ୍ ଦଳର ଡୋନାଲ୍ଡ ଟ୍ରମ୍ପ, ଯାହାଙ୍କୁ ଏବେ ୭୬ ବର୍ଷ । ୮୨ ବର୍ଷ ବୟସରରେ ଯଦି ବାଇଡେନ୍ ଏହି ନିର୍ବାଚନରେ ଜୟଲାଭ କରନ୍ତି, ତା'ହେଲେ ସେ ଆମେରିକାର ସର୍ବବରିଷ୍ଠ ରାଷ୍ଟ୍ରପତି ହେବାର ନିଜ ନାମରେ ରହିଥିବା ରେକର୍ଡକୁ ଭଙ୍ଗ କରିବେ । କେବଳ ବାଇଡେନ୍ ନୁହନ୍ତି, ତାଙ୍କର ସାମ୍ପ୍ରତିକ ଶାସନ କାଳରେ ଉପରାଷ୍ଟ୍ରପତି ଭାବରେ କାର୍ଯ୍ୟ କରୁଥିବା ଭାରତୀୟ-ଆଫ୍ରିକୀୟ ବଂଶୋଦ୍ଭବା କମଲା ହାରିସ୍ ମଧ୍ୟ ନିର୍ବାଚନରେ ପୁଣିଥରେ ଅବତୀର୍ଣ୍ଣ ହେବାକୁ ଘୋଷଣା କରିଛନ୍ତି । ଏହାର ଅର୍ଥ ମୋଟାମୋଟି ୨୦୨୪ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ଇତିହାସ ପୁଣିଥରେ କଡ଼ ଲେଉଟାଇବାକୁ ଯାଉଛି; ଦୃଶ୍ୟପଟ ୨୦୨୦ ଭଳି ସମାନ ହେବାର ସମ୍ଭାବନା ରହିଛି । ପୁଣି ଏହା ଏମିତି କିଛି ନୂଆ ନୁହେଁ, ଯେହେତୁ ଆମେରିକା ଇତିହାସରେ ଅନେକ ଥର କାର୍ଯ୍ୟକାରୀ ରାଷ୍ଟ୍ରପତିମାନେ ପୁନଃନିର୍ବାଚିତ ହେବା ପାଇଁ ଜନମତ ଲୋଡ଼ିଛନ୍ତି ଏବଂ ଆଗାମୀ ଦିନରେ ହେବାକୁ ଯାଉଥ ?ବା ପରିସ୍ଥିତିର ଅତୀତରେ ପୁନରାବୃତ୍ତି ଘଟିଛି, ଯେମିତି- ୧୮୮୮ ଏବଂ ୧୮୯୨ରେ ହୋଇଥିଲା ବେଞ୍ଜାମିନ୍ ହାରିସନ୍ ଏବଂ ଗ୍ରୋଭର କ୍ଲିଭଲାଣ୍ଡଙ୍କ ମଧ୍ୟରେ; ୱିଲିୟମ୍ ବ୍ରାୟାନ୍ ଏବଂ ୱିଲିୟମ୍ ମ୍ୟାକ୍‌କିନ୍‌ଙ୍କ ମଧ୍ୟରେ ୧୮୯୬ ଏବଂ ୧୯୦୦ରେ; ଆଉ ଆଡ୍‌ଲାଇ ଷ୍ଟିଭେନ୍‌ସନ୍ ଏବଂ ଡ୍ୱାଇଟ୍ ଆଇଜେନ୍‌ହାୱାରଙ୍କ ମଧ୍ୟରେ ୧୯୫୨ ଓ ୧୯୫୬ରେ । ତେଣୁ ଚତୁର୍ଥ ଥର ପାଇଁ ସମାନ ଅବସ୍ଥା ଘଟିବାକୁ ଯାଉଛି ବାଇଡେନ୍ ଓ ଟ୍ରମ୍ପଙ୍କ ମଧ୍ୟରେ । ଟ୍ରମ୍ପଙ୍କ ରାଷ୍ଟ୍ରପତିତ୍ୱ କାଳରୁ ଆମେରିକା ଧ୍ରୁବୀକୃତ ହୋଇ ସାରିଛି । ତେଣୁ ଏଇ ଆମେରିକାକୁ ଜଣେ ବୟସାଧିକ୍ୟ ରାଷ୍ଟ୍ରପତିଙ୍କୁ ବାଛିବାକୁ ପଡ଼ିବ, ଯିଏକି ଯାହା ହେଲେ ବି ଅଳ୍ପ କେତେକ କ୍ଷେତ୍ରରେ ଅତ୍ୟଧିକ ମାତ୍ରାରେ ଭଲ କାମ କରିଛନ୍ତି ଯଥା ମହାମାରୀରୁ ଦେଶକୁ ଉଦ୍ଧାର କରି ଏହାର ପୁନଃନିର୍ମାଣ କରିବା, ରୁଷିଆର ପୁଟିନ୍‌ଙ୍କ ଯୁଦ୍ଧକୁ ଏକପାଖିଆ ନ ହେବାକୁ ଦେବା ପାଇଁ ତାଙ୍କର ମିତ୍ର ରାଷ୍ଟ୍ରମାନଙ୍କୁ ଏକତାର ସୂତ୍ରରେ ବାନ୍ଧି ରଖିବା ଏବଂ ଏକ ମୁକ୍ତ ବିଶ୍ୱ ଓ ମାନବିକ ଅଧିକାର ସପକ୍ଷରେ ଠିଆ ହେବା ଇତ୍ୟାଦି । ଏକ ମୁକ୍ତ ବିଶ୍ୱର ସର୍ବୋଚ୍ଚ ନିର୍ବାଚିତ ପଦବୀରେ କାର୍ଯ୍ୟ କରିବାକୁ ଯାଉଥ ?ବା ବେଳେ ତାଙ୍କର ସ୍ୱାସ୍ଥ୍ୟ ଏବଂ ସଂଜ୍ଞାନାତ୍ମକ ନିହିତାର୍ଥ ଦୃଷ୍ଟିରୁ ସେ ଜଣେ ବଳିଷ୍ଠ ଉପରାଷ୍ଟ୍ରପତି ଆବଶ୍ୟକ କରନ୍ତି, ଯାହା ସମ୍ଭବତଃ ସେ ପ୍ରଥମ କଳା ଏବଂ ଭାରତୀୟ ବଂଶୋଦ୍ଭବା ସୁଶ୍ରୀ କମଲା ହାରିସ୍‌ଙ୍କଠାରେ ପାଇଛନ୍ତି, ଯେଉଁଥିପାଇଁ ତାଙ୍କୁ ମଧ୍ୟ ପୁନର୍ବାର ସେହି ପଦବୀ ନିମନ୍ତେ ପ୍ରତିଦ୍ୱନ୍ଦିତା କରିବାର ଟିକେଟ୍ ମିଳିବା ନେଇ ଆଶା ରହିଛି, ଯଦିଓ ଏହା କେତେକାଂଶରେ ବିତର୍କର ଅପେକ୍ଷା ରଖେ । ଏକଥା ଉଲ୍ଲେଖନୀୟ ଯେ ଶ୍ରୀଯୁକ୍ତ ବାଇଡେନ୍‌ଙ୍କ ଆଗାମୀ ନିର୍ବାଚନରେ ଅବତୀର୍ଣ୍ଣ ହେବାର ଘୋଷଣାକୁ ବହନ କରୁଥିବା ଭିଡିଓର ଆରମ୍ଭରେ ୨୦୨୧ ଜାନୁଆରୀ ୬ ତାରିଖରେ ଟ୍ରମ୍ପଙ୍କ ସମର୍ଥକମାନଙ୍କ ଦ୍ୱାରା ହୋଇଥିବା କ୍ୟାପିଟଲ ହିଲ୍ ଆକ୍ରମଣ ଦର୍ଶାଯାଇଛି, ଯାହା ଆମେରିକୀୟମାନଙ୍କୁ ଗଣତନ୍ତ୍ର ଉପରେ କୁଠାରାଘାତକୁ ସ୍ମରଣ କରାଇ ଦେବା ନିମନ୍ତେ ଉଦ୍ଦିଷ୍ଟ । 'ବାଇଡେନ୍ ବନାମ ଟ୍ରମ୍ପ' କ'ଣ ଆମେରିକୀୟମାନଙ୍କ ଆଗରେ ଏକମାତ୍ର ବିକଳ୍ପ । ଏହା ହେଉଛି ୱାଶିଂଟନ୍ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ବାହାରେ ମଧ୍ୟ ଅବଶିଷ୍ଟ ବିଶ୍ୱକୁ ବିବ୍ରତ କରିଦେବା ଭଳି ଏକ ପ୍ରଶ୍ନ, କାରଣ ୨୦୨୦ର ସେହି ଦୁଇ ପ୍ରାର୍ଥୀ ପୁଣିଥରେ ନିର୍ବାଚନରେ ମୁଣ୍ଡ ଲଢ଼େଇ କରିବାକୁ ଯାଉଛନ୍ତି, ଯାହାର ସାମର୍ଥ୍ୟ ରହିଛି ସମସ୍ତଙ୍କୁ ଏକାଠି କରି ରଖି ପାରିଥିବା ବିଶ୍ୱର ସର୍ବବୃହତ୍ ଅର୍ଥନୀତି ଏବଂ ସାମରିକ ଶକ୍ତିର ମୂଳଦୁଆକୁ ଦୋହଲାଇ ଦେବାର । ଆମେରିକା ନିର୍ବାଚନକୁ ଆଉ ମାତ୍ର ୧୮ ମାସ ଥିବା ବେଳେ ଶ୍ରୀଯୁକ୍ତ ବାଇଡେନ୍‌ଙ୍କୁ କେବଳ ଏକ ବିକଳ୍ପ ଭାବରେ ଉଭା ହେବା ଅପେକ୍ଷା ନିଜକୁ ଅର୍ଥପୂର୍ଣ୍ଣ ଭାବରେ ଦର୍ଶାଇବା ନିମନ୍ତେ ବେଶ୍ କିଛି କାମ କରିବାକୁ ଅଛି । ଏହିସବୁ କାମ ମଧ୍ୟରେ ତାଙ୍କୁ କେବଳ ଅତିଧନୀ ଆମେରିକୀୟମାନଙ୍କ ଉପରେ ଟିକସ ଧାର୍ଯ୍ୟ କରିବା ନୁହେଁ, ବରଂ ସାମାଜିକ ସୁରକ୍ଷା ବ୍ୟବସ୍ଥାକୁ ସ୍ଥିରତା ଆଣିଦେବା ସହିତ ମୁଦ୍ରାସ୍ଫୀତି ସମସ୍ୟାର ସମାଧାନ କରିବା, ଚାକିରି ସୃଷ୍ଟିର ଗତିଶୀଳତାକୁ ବଜାୟ ରଖିବା ଏବଂ ମାନବୀୟ, ଅଥଚ ବାସ୍ତବବାଦୀ ଦେଶାନ୍ତରଣ ନୀତି ଇତ୍ୟାଦି ଉତ୍ତମ ରୂପେ ସମ୍ପାଦନ କରିବାର ଆବଶ୍ୟକତା ରହିଛି । ଏହା ବାଦ୍ ରହିଛି ଜନସ୍ୱାସ୍ଥ୍ୟ ଓ ଜୈବ ସୁରକ୍ଷା, ୟୁରୋପ୍‌ରେ ନାଟୋର ଭୂମିକା ଏବଂ ୟୁରୋପୀୟ ଶକ୍ତିମାନଙ୍କ ମଧ୍ୟରେ ସୁସଂଯୋଜନା ରକ୍ଷା କରି ୟୁକ୍ରେନ୍ ଯୁଦ୍ଧର ପରିସମାପ୍ତି ଘଟାଇବା ସଙ୍ଗେ ସଙ୍ଗେ ବୈଷୟିକ ନବଉଦ୍ଭାବନ ଏବଂ ଚାକିରି କ୍ଷେତ୍ରରେ କିପରି ଆମେରିକା ବିଶ୍ୱର ଅନ୍ୟାନ୍ୟ ରାଷ୍ଟ୍ରମାନଙ୍କ ସମ୍ମୁଖ ଭାଗରେ ରହି ପାରିବ, ତାହା ନିଶ୍ଚିତ କରାଇବା । ଏଥିରେ ଅବଶ୍ୟ ଯଥେଷ୍ଟ ପରିମାଣରେ ବିଶ୍ୱାସ କରିବାର କାରଣ ରହିଛି ଯେ ହ୍ୱାଇଟ୍ ହାଉସ୍ ଯଦି ଟ୍ରମ୍ପଙ୍କ ଅପେକ୍ଷା ବାଇଡେନ୍‌ଙ୍କ ଅଧୀନରେ ରୁହେ, ତା'ହେଲେ ବହୁତ ଭଲ ହେବ । କିନ୍ତୁ ଏ ବାବଦରେ ନିଷ୍ପତ୍ତି ନେବା ନିର୍ଭର କରେ ଆମେରିକୀୟମାନଙ୍କ ଉପରେ ।

## କର୍ମ ନିବୃତ୍ତ/ବରିଷ୍ଠ ନାଗରିକଙ୍କୁ ଚେତାବନୀ/ଆହ୍ୱାନ

### ପଙ୍କଜ କୁମାର ପାଣିଗ୍ରାହୀ



ଯଥେଷ୍ଟ ଅଭିଜ୍ଞ ସେବାନିବୃତ୍ତଙ୍କୁ ମାନସିକ ସ୍ତରରେ ମଧ୍ୟ ସାମାଜିକ କାର୍ଯ୍ୟ ନିବୃତ୍ତ କରି ରଖିବା ପଛରେ ରହିଛି ସାଙ୍ଘାତିକ ଷଡ଼ଯାନ୍ତ୍ରୀକ ଉପାୟ ଯାହା ଅବଲମ୍ବନ କରି ଶାସନ ଚଳାଇଛନ୍ତି ନର ରକ୍ଷାସଗଣ । ସେମାନଙ୍କୁ ଉପଯୁକ୍ତ ଶାସ୍ତି ଦେବାପାଇଁ ନାହିଁ କ୍ଷମତା ଆଜିର ଏହି ବାଲୁତ ମସ୍ତିଷ୍କ ନିର୍ବୋଧ ଶିକ୍ଷିତ ଯୁବ ପିଢ଼ିଙ୍କର । ତେଣୁ ବରିଷ୍ଠଙ୍କ କର୍ତବ୍ୟନିଷ୍ଠତାର ବ୍ୟାପକତା ଅନୁଭବ କରିବାକୁ ହେବ ସେମାନଙ୍କୁ, ଏବଂ ଏକ ଦୃଢ଼ ସଂକଳ୍ପ ଭିତ୍ତିରେ ଏକତ୍ରିତ ହୋଇ କାର୍ଯ୍ୟ କରିବାକୁ ଆଗେଇ ଆସିବାକୁ ହେବ ଆଜି ସମୟରେ ।

ମଣିଷ ସାଂସାରିକ ଜ୍ଞାନପ୍ରାପ୍ତି ହେବା ପ୍ରାରମ୍ଭରୁ ଶେଷମଧ ଭାଗ (ଅବସର) ପର୍ଯ୍ୟନ୍ତ ଜୀବନରେ କେତେଯେ ଝଡ଼ଝଞ୍ଜା ଦେଇ ଗତି କରି ନିଜର ଓ ପରିବାର ତଥା ଭବିଷ୍ୟ ପିଢ଼ିଙ୍କ ପାଇଁ କ'ଣ କ'ଣ ସବୁ କରିଲେ ତାହା ସମ୍ପୃକ୍ତ ବ୍ୟକ୍ତିଙ୍କ ନିଜସ୍ୱ ଅଭିଜ୍ଞତା ରହିଥାଏ ଯାହା ଅପ୍ରାପ୍ତ ମଣିଷଙ୍କୁ ସହଜରେ ଅନୁମେୟ ନୁହେଁ । ବ୍ୟାପକ ସାମାଜିକ ରୀତି ନୀତି ତଥା ସୁଖ ଦୁଃଖ ମଧ୍ୟରେ ଜଣେ ମଣିଷ ନିଜକୁ ତଥା ନିଜର ସର୍ବଦିଗ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ପୁତ୍ର ପୌତ୍ରାଦିଙ୍କ ପାଇଁ କେତେଯେ ସ୍ୱପ୍ନ ଦେଖି କ'ଣ କ'ଣ କରି ଚାଲିଥାଏ କହିବା ଆବଶ୍ୟକ ନାହିଁ, କାରଣ ସେମାନେ ସମସ୍ତେ ନିଜେ ନିଜେ ତାହାର ବ୍ୟକ୍ତିଗତ ଉଦାହରଣ । ଜୀବନ ଅଧ୍ୟାୟର ସବୁ ବିଷୟକୁ ଆଲୋଚନା ନକରି କେବଳ କେତେକ ବିଷୟ ଉପରେ ଆଲୋଚନା କରି ଦେଖିବା ଯେ ଆମେ ଭାବିଥିବା ଏବଂ କରିଥିବା କର୍ମ ଗୁଡିକର ଗତିବିଧି କେଉଁ ଦିଗଗାମୀ ହୋଇ ଚାଲିଛି ଏବଂ ତାହାର ଭବିଷ୍ୟତ କ'ଣ ହେବାକୁ ଯାଉଛି । ଯଦି କିଂଚିତ ସଚେତନ ହୋଇ ସେଗୁଡିକର ପୁନରାବୃତ୍ତି ନକରିବା ଆମର ସାରା ଜୀବନର କଷ୍ଟ ଯେ ପାଣି ପରି ବୋହିଯିବ ସେଇଥିରେ କୌଣସି ସନ୍ଦେହ ନାହିଁ । ତେଣୁ ଆସନ୍ତୁ ବିଚାର କରି ଦେଖିବା ଆମ ସଂଚିତ କର୍ମଫଳର ଉପଯୋଗୀତା ଏବଂ ଆମ କର୍ତ୍ତବ୍ୟନିଷ୍ଠା ଉପରେ ଏକ ପ୍ରୟୋଗାତ୍ମକ ଅନୁଶୀଳନ କରି ଏବଂ ଆଗକୁ କ'ଣ...?

ସମାଜର ଜଣେ ସାଧାରଣ ପୁରୁଷ ହେଉକି ମହିଳା, ଜୀବନ ଅଧ୍ୟାୟର କେତେ ଯେ ସୋପାନରେ ବିଭିନ୍ନ କର୍ମ, ଧର୍ମ କରି ନିଜସ୍ୱ ସ୍ୱାର୍ଥକୁ ସମ୍ପୂର୍ଣ୍ଣ ଜଳାଞ୍ଜଳି ଦେଇ କେବଳ ନିଜ ପରିବାର ତଥା ପୁତ୍ର ପୌତ୍ରାଦିଙ୍କ ସମସ୍ତ ସୁଖକୁ ସମ୍ପୂର୍ଣ୍ଣ କରିବା ତଥା ସେମାନଙ୍କ ଭବିଷ୍ୟତ ପାଇଁ ବ୍ୟାପକ ଅର୍ଥ, ଧନ, ସମ୍ପତ୍ତି ସଂଚୟ କରିବା ଚିନ୍ତନ ଆମର ଏକ ସାଧାରଣ ସାମାଜିକ ପାରିପାର୍ଶ୍ୱିକ ଶିକ୍ଷଣିୟତା ଜନିତ ବିଚାର । ଏହି କଥାକୁ କେହି ଅସ୍ୱୀକାର କରି ପାରିବେ ନାହିଁ । ହେଲେ ଉପସ୍ଥିତ ସମୟର ବିଭିନ୍ନ ମାର୍ଗରେ ଆଦାୟ ଅର୍ଥକୁ ଆମେ ନିଜେ ଉପଭୋଗ ନକରି ଯେଉଁ ସଂଚୟ କରିଥାଉ ସେଗୁଡିକର ଉତ୍ପାଦତା ତଥା ଅଭିବୃଦ୍ଧି ଉପରେ କୌଣସି ଜ୍ଞାନ ନଥାଇ କେବଳ ପାରିପାର୍ଶ୍ୱିକ ପରିସ୍ଥିତି ଜନିତ ଶିକ୍ଷଣିୟତା ଉପରେ ଆଧାର କରି ହୋଇଥାଏ ଆମ ବିନିଯୋଗ ଯାହା ଭବିଷ୍ୟତରେ ଗୁଣାତ୍ମକ ମାନର ଅଭିବୃଦ୍ଧି ହେବାର ସମ୍ଭାବନା ଆମେ ଜାଣିଥାଉ କେବଳ ସାମାଜିକ କ୍ଷେତ୍ରରେ ଉପଲବ୍ଧ ବିଭିନ୍ନ ପ୍ରହେଳିକା କାରଣରୁ । ଆମର ନିଜସ୍ୱ ହିସାବ ଜ୍ଞାନ ନଥାଏ ତାହାରି ଉପରେ ଯେ ମୁଁ ଯାହା ସବୁ କରୁଛି ସେଗୁଡିକ ବାସ୍ତବରେ ଠିକ୍ ନା ଭୁଲ୍ ଆଉ ବର୍ତ୍ତମାନର ଅବ୍ୟବହୃତ ସଂଚିତ ସମ୍ପତ୍ତି ଗୁଡିକ ଭବିଷ୍ୟତରେ ବ୍ୟାପକ ଅଭିବୃଦ୍ଧି ହୋଇ ମୋର ସମ୍ପତ୍ତି ଗୁଣାତ୍ମକ ହେବ କି ନାହିଁ ? ଏହି ବିଚାର ଶୂନ୍ୟ ହିସାବ, ସଂଚୟ ଆମକୁ କ'ଣ ଦିଏ ଏବଂ ତାହାର ଉପଯୁକ୍ତ ମୂଲ୍ୟବୋଧ କ'ଣ ଦେଖିବା ?!

ରଙ୍କ ସତ୍ତି ବୀର ଖାଏ, ଦୁଃଖ ପାଣି ପରି ଯାଏ ! ଅର୍ଥାତ ରଙ୍କ ଭଳି ସାରା ଜୀବନରେ କଷ୍ଟ ଅର୍ଜିତ, ସଂଚିତ ସମ୍ପତ୍ତିକୁ ନିଜେ ଉପଭୋଗ ନକରି ସଂଚୟ କରୁଥିବା ମଣିଷର ସମସ୍ତ ଅର୍ଥକୁ କେମିତି ପରୋକ୍ଷରେ ହରିଲୁଟ କରିଥା'ନ୍ତି ବ୍ୟପାରୀ ଯାହାଙ୍କ ପ୍ରରୋଚନାରେ ଆମେ ଆଜି ସମସ୍ତେ ନିର୍ବୋଧ ନାଚାର, କରିବା ବିଚାର ! ମହାଭାଗ ହୁଏତ ଆପଣ ଜଣେ ଅତ୍ୟନ୍ତ ଦକ୍ଷ ଉଚ୍ଚ ପଦାଧିକାରୀ ଭାବେ ଅବସର ଗ୍ରହଣ କରିଥାଇ ପାରନ୍ତି ଅଥବା ଜଣେ ନିମ୍ନରେ ଥିବା କାର୍ଯ୍ୟସେବା ନିବୃତ୍ତ ବରିଷ୍ଠ ନାଗରିକ । ଆପଣଙ୍କ ଶିକ୍ଷା, ସାମାଜିକ କ୍ଷେତ୍ରରେ କେତେଯେ ଦକ୍ଷତା, କ୍ଷମତା ରହିଥିଲେ ମଧ୍ୟ ଆର୍ଥିକ ପରିଚାଳନା କ୍ଷମତା ଯେ ଜଣେ ଚତୁର ବ୍ୟବସାୟୀଙ୍କଠାରୁ ଯଥେଷ୍ଟ କମ୍ ସେକଥା ହୁଏତ କେବେ ଅନୁଭବ ହୋଇନଥିବ ଆପଣଙ୍କୁ । କି'ନ୍ତୁ ଏହା ନିରାଟ ସତ୍ୟ ! ତେଣୁ ଆପଣ ଜୀବନ ସାରା ଏତେ ପରିଶ୍ରମ କରି, ନିରୋଳା ଭାବେ ହେଉ କିମ୍ବା ଲାଂଚ ଖାଇ, ଦୁର୍ନୀତି କରି ହେଉ, କି ଭ୍ରଷ୍ଟାଚାର କରି ଜୀବନର ସମସ୍ତ ମାନ, ମର୍ଯ୍ୟାଦାକୁ କ୍ଷୀଣ କରି ମଧ୍ୟ ଯେତିକି ସମ୍ପତ୍ତି ଠୁଳ କରିବାରେ ସକ୍ଷମ ହୋଇନଥା'ନ୍ତି କେବଳ ଜଣେ ଚତୁର ବ୍ୟବସାୟୀ ନିଜ ଚତୁରତା ବଳରେ ଖୁବ୍ କମ୍ ଦିନ ମଧ୍ୟରେ ଆପଣଙ୍କ ଠାରୁ ହଜାର ହଜାର ଗୁଣ ଧନ ଅର୍ଜନ କରିବାରେ ସକ୍ଷମ ହୋଇଥାଏ । ଏହି ବିଷୟର କୌଣସି ନମୁନା, ଉଦାହରଣ ଦେବା ଆବଶ୍ୟକ ନାହିଁ ଯାହା ହୁଏତ ସମସ୍ତଙ୍କୁ ଗୋଚର ଆଜିର ଆମ ସାମାଜିକ ସ୍ଥିତି ମଧ୍ୟରେ ଯାହା ସବୁ ଆମେ ଦେଖିଛେ, ଜାଣିଛେ, ଶୁଣିଛେ । ଏଠାରେ ଏହି ବିଷୟକୁ ପ୍ରାଧାନ୍ୟତା ଦିଆଯିବା କାରଣ ଏହା ଯେ ଆମେ ସମସ୍ତେ ଜାଣୁଛେ କି ଆଜି ସମୟରେ ଟଙ୍କାକୁ ହିଁ ସର୍ବସ୍ୱ ବୋଲି ବିଚାର ରହିଛି ସମସ୍ତଙ୍କର । କେବଳ ସେହି ଚତୁର ବ୍ୟବସାୟୀ ମାନଙ୍କର ବର୍ଷ ବର୍ଷର ଷଡ଼ଯନ୍ତ୍ରର ଫଳାଫଳ ଯେ ସାଧାରଣ ମଣିଷଙ୍କୁ ଏମିତି କରିଦିଆ ଗଲେ ସେମାନେ ଆପେ ଆପେ ସେମାନଙ୍କ କ୍ଷମତାଧିନ ହେବାରେ ଲାଗିବେ । କେମିତି ? ବିଶ୍ଳେଷଣ କରି ଦେଖିବା...

ପ୍ରାୟତଃ କାହାର ହେଲେ କୌଣସି ଧାରଣା ନାହିଁ ଯେ ଟଙ୍କା ଆସେ କେଉଁଠୁ ! ତାହାର ପ୍ରକୃତ ଉତ୍ପାଦକ କିଏ ? ଟିକସ ଦିଅନ୍ତି କେଉଁମାନେ? ଦେଶର ବିକାଶ ହୋଇଥାଏ କେମିତି, କାହାପାଇଁ ? ଆପଣଙ୍କୁ କଥାଟି ଅତ୍ୟନ୍ତ ସାଧାରଣ, କ୍ଷୁଦ୍ର ଆଲୋଚନା ଭଳି ଅନୁଭବ ହୋଇଥିବ, କାରଣ ଯେହେତୁ ଆପଣ ହୁଏତ ତାହା ବିଷୟରେ ସମ୍ପୂର୍ଣ୍ଣ ଅଭିଜ୍ଞ ବୋଲି ଭାବୁଛନ୍ତି ନିଜକୁ ନିଜେ ଯାହା ସବୁ ଦେଖି ଶୁଣି ଜ୍ଞାନ ଅର୍ଜନ କରିଛନ୍ତି । କି'ନ୍ତୁ ଭୁଲି ଯିବାକୁ ହେବନାହିଁ ଯେ ଯାହା ସବୁ ସାମାଜିକ ବିଭୀଷିକା ସୃଷ୍ଟି କରାଯାଉ ଅଛି ସେଗୁଡିକ କେବଳ ଚତୁର ବ୍ୟବସାୟୀଙ୍କ ବିପରୀତ ମୁଖି ଚେତନା ଯାହାର ତାତ୍ତ୍ୱିକ ସତ୍ୟ ପରିଚାଳିତ ତାହାର ବିପରୀତ ଦିଗରେ ଯାହା ସବୁ ଆପଣ ଜାଣନ୍ତି ନାହିଁ । ଆଶ୍ଚର୍ଯ୍ୟ ଲାଗିବ ଆପଣଙ୍କୁ ଜାଣିଲେ ଯେ ତାହାର ବାସ୍ତବ ସତ୍ୟ କ'ଣ ଆଉ ଆପଣ କ'ଣ ଜାଣନ୍ତି ?!


ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗଂଜାମ-୭୬୧୦୨୦
ମୋ: ୯୪୩୭୩୨୪୯୧୭


## ପରିବେଶକୁ ପ୍ରଭାବିତ କରିବ ଜନସଂଖ୍ୟା ବୃଦ୍ଧି

### ଗୋପାଳ ମହାପାତ୍ର



ଜାତିସଂଘ ପକ୍ଷରୁ ପ୍ରକାଶିତ ଷ୍ଟେଟ ଅଫ୍ ୱାର୍ଲଡ ପପୁଲେସନ୍ ରିପୋର୍ଟ ଅନୁସାରେ ଭାରତର ଜନସଂଖ୍ୟା ଏବେ ଚୀନକୁ ଟପିଯାଇଛି ଓ ଭାରତ ଏବେ ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଦେଶରେ ପରିଣତ ହୋଇଛି । ଜାତିସଂଘର ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ୨୦୨୨ରେ ଭାରତର ଜନସଂଖ୍ୟା ଦେଢ ପ୍ରତିଶତ ବୃଦ୍ଧି ପାଇଛି । ଏବେ ଚୀନର ସମୁଦାୟ ଜନସଂଖ୍ୟା୧୪୨.୫କୋଟି ଥିବାବେଳେ ଭାରତର ଜନସଂଖ୍ୟା ୧୪୨.୮କୁ ଟପିଗଲାଣି । ଏବେ ସମଗ୍ର ବିଶ୍ୱର ଜନସଂଖ୍ୟା ୮.୦୪୫ଅରବରେ ପହଞ୍ଚିଥିବା ବେଳେ ଚୀନ ଓ ଭାରତର ଜନସଂଖ୍ୟା ଏହାର ଏକ ତୃତୀୟାଂଶ ହୋଇଯାଇଛି । କିଛି ମାସତଳେ ଜାତିସଂଘ ଯେଉଁ ରିପୋର୍ଟ ପ୍ରକାଶ କରିଥିଲା ସେଥିରୁ ମଧ୍ୟ ସ୍ପଷ୍ଟ ଜଣାପଡୁଥିଲା ଯେ ୨୦୨୩ ବେଳକୁ ଭାରତର ଜନସଂଖ୍ୟା ଚୀନକୁ ଟପିଯିବ । ଜାତିସଂଘ ପକ୍ଷରୁ ଏ ବାବଦରେ ବ୍ୟାଖ୍ୟା କରାଯାଇ କୁହାଯାଇଛି ଯେ ବିଶ୍ୱର ଜନସଂଖ୍ୟା ୮ ଅରବ (୮୦୦କୋଟି)ରୁ ଅଧିକ ହୋଇଥିବା ବେଳେ ୮ଅରବ ଆଶାଭରଷା, ୮ଅରବ ସ୍ୱପ୍ନ ଏବଂ ୮ ଅରବ ସମ୍ଭାବନା ମଧ୍ୟ ଦେଖାଯାଇଛି ।

ଜାତିସଂଘର ତଥ୍ୟ ଅନୁସାରେ ବିଶ୍ୱର ଜନସଂଖା ୭ଅରବରୁ ୮ଅରବ ହେବାପାଇଁ ମାତ୍ର ୧୨ବର୍ଷ ସମୟ ଲାଗିଛି ଯଦିଓ ଏହି ଜନସଂଖ୍ୟା ୧ ଅରବରୁ ୨ ଅରବ ହେବାପାଇଁ ୧୦୦ବର୍ଷରୁ ଅଧିକ ସମୟ ଲାଗିଥିଲା । ଦୃତଗତିରେ ବଢୁଥିବା ଏହି ଜନସଂଖ୍ୟାକୁ ମାନବତାର ଉପଲବ୍ଧି ବୋଲି ଉଲ୍ଲେଖ କରିଛି ଜାତିସଂଘ । ଶିକ୍ଷାର ବିକାଶ, ସ୍ୱାସ୍ଥ୍ୟସେବା, ଲିଙ୍ଗଗତ ଭେଦଭାବ କମିବା ଭଳି କାରଣରୁ ଜନସଂଖ୍ୟା ବଢିଛି ବୋଲି କୁହାଯାଇଛି । କିନ୍ତୁ ଭାରତ ଭଳି ବିକାଶଶୀଳ ଦେଶ ପାଇଁ ଜନସଂଖ୍ୟା ବୃଦ୍ଧି କମ୍ ବିପଦର କାରଣ ନୁହେଁ । ବିଶ୍ୱର ସମୁଦାୟ ଜନସଂଖ୍ୟାର ପାଖାପାଖି ୧୮ପ୍ରତିଶତ ଲୋକ ଏବେ ଭାରତରେ ରହୁଛନ୍ତି । ଏପରିକି ବିଶ୍ୱର ପ୍ରତି ୬ଜଣରେ ଜଣେ ହେଉଛି ଭାରତୀୟ । ଭାରତରେ ଜନସଂଖ୍ୟାର ସଘନତାକୁ ଦେଖିଲେ ଜଣାପଡେ ଯେ ୧୯୯୧ରେ ଦେଶର ଜନସଂଖ୍ୟାର ସଘନତା ପ୍ରତି ବର୍ଗକିଲୋମିଟର ରେ ୭୭ଜଣ ଥିବାବେଳେ ୨୦୧୧ ବେଳକୁ ଏହା ବୃଦ୍ଧି ପାଇ ପ୍ରତିବର୍ଗକିଲୋମିଟର ରେ ୩୮୨ଜଣ ରହିଥିଲା । ଭାରତରେ ଜନସଂଖ୍ୟା ବୃଦ୍ଧି ଯୋଗୁଁ ଆଗାମୀ ଦିନରେ ଉତ୍ପନ୍ନ ହେବାକୁ ଥିବା ସଙ୍କଟ ଏହି ତଥ୍ୟରୁ ସ୍ପଷ୍ଟ ଜଣାପଡୁଛି । ଏବେ ବିଶ୍ୱର ସମୁଦାୟ ଜନସଂଖ୍ୟାର ଏକ ଷଷ୍ଠାଂଶ ଲୋକଙ୍କୁ ବିଶ୍ୱର ସମୁଦାୟ ଭୂଭାଗର ଅଢେଇ ପ୍ରତିଶତ ଭୂଭାଗରେ ରହିବାକୁ ପଡୁଛି ।

ଏ କଥା ସ୍ପଷ୍ଟ ଯେକୌଣସି ଦେଶର ଜନସଂଖ୍ୟା ବୃଦ୍ଧି ପାଇଲେ ପ୍ରକୃତିକ ସଂସାଧନ ଉପରେ ମଧ୍ୟ ଅନୁରୂପ ପ୍ରଭାବ ପଡିଥାଏ । ତଥ୍ୟ ଅନୁସାରେ ବିଶ୍ୱର ପାଖାପାଖି ୧୦୦କୋଟି ଲୋକ ଖାଦ୍ୟାଭାବର ଶୀକାର ଏବଂ ଜନସଂଖ୍ୟା ବଢିଲେ ଖାଦ୍ୟାଭାବର ଶୀକାର ହେଉଥିବା ଲୋକଙ୍କ ସଂଖ୍ୟା ମଧ୍ୟ ବଢିବ । ଏପରିକି ଏହା ଏକ ବିଶ୍ୱସ୍ତରୀୟ ସମସ୍ୟା ହୋଇଯିବ ଯାହାର ଦୂରୀକରଣ ସହଜସାଧ୍ୟ ନୁହେଁ । ଜନସଂଖ୍ୟା ବୃଦ୍ଧିର ସିଧାସଳଖ ପ୍ରଭାବ ପରିବେଶ ଉପରେ ପଡିଥାଏ । ବିଶ୍ୱ ବିକାଶ ରିପୋର୍ଟ ଅନୁସାରେ ପ୍ରାକୃତିକ ସଂସାଧନରୁ ଯେତିକି ଆମଦାନୀ ହେଉଛି ତାହା ଆବଶ୍ୟକତାକୁ ପୂରଣ କରିପାରୁନାହିଁ । ବିଗତ କିଛି ଦଶନ୍ଧି ହେବ ଏହି ଅବସ୍ଥା ଲାଗିରହିଛି ଏବଂ ସମସ୍ତ ପ୍ରୟାସ ସତ୍ତ୍ୱେ ଏହି ଅବସ୍ଥାକୁ ସୁଧରାଯାଇପାରୁନାହିଁ । ବିଶ୍ୱବ୍ୟାଙ୍କର ଏକ ରିପୋର୍ଟ ଅନୁସାରେ ୨୦୫୦ସୁଦ୍ଧା ବିଶ୍ୱର ଦୁଇ ତୃତୀୟାଂଶ ଲୋକ ସହରାଞ୍ଚଳରେ ବସବାସ କରୁଥିବେ ଓ ସେତେବେଳେ ବିଦ୍ୟୁତ୍‌ଶକ୍ତି, ପାଣି ଏବଂ ବାସଗୃହର ଅଭାବ ଦେଖାଯିବ । ଅନେକ ପରିବେଶବିତ୍‌ଙ୍କ ମତରେ ୨୦୨୫ ସୁଦ୍ଧା ବିଶ୍ୱର ଏକ ତୃତୀୟାଂଶ ଲୋକ ସମୁଦ୍ର ତଟ ଅଂଚଳରେ ବସବାସ ପାଇଁ ବିବଶ ହୋଇପଡିବେ ଏବଂ ଲୋକଙ୍କୁ ସୁରକ୍ଷିତ ବାସଗୃହ ନିର୍ମାଣ ପାଇଁ ନଧ ଜାଗା ମଳିବ ନାହିଁ । ଏଣୁ ଏସବୁ ତଥ୍ୟରୁ ଗୋଟିଏ କଥା ସ୍ପଷ୍ଟ ଯେ ଜନସଂଖ୍ୟା ବୃଦ୍ଧି ପରିବେଶୀୟ ବିପଦକୁ ଟାଣିଆଣିବ । ସବୁଠାରୁ ବଡକଥା ହେଉଛି ଭାରତରେ ଏବେ ଅଧିକଭାଗ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି । ଲୋକଙ୍କୁ ରୋଜଗାର ମିଳୁନାହିଁ, ଉପଯୁକ୍ତ ସ୍ୱସ୍ଥ୍ୟସେବା ମିଳୁନାହିଁ । ଦେଶରେ ଅର୍ଥୀକ ଅସମାନତା ବଢିବାରେ ଲାଗିଛି । ଦେଶରେ ଜିନିଷପତ୍ରର ଦର ମଧ୍ୟ ହୁ ହୁ ହୋଇ ବଢିବାରେ ଲାଗିଛି । ଦେଶରେ କୁପୋଷଣର ହାର ମଧ୍ୟ ଅଧିକ । ଏପରି ସ୍ଥଳେ ଦେଶର ଜନସଂଖ୍ୟା ବୃଦ୍ଧି ଅଧିକ ସମସ୍ୟା ସୃଷ୍ଟି କରିବାର ସମ୍ଭାବନା ରହିଛି । ଜାତିସଂଘର ରିପୋର୍ଟ ଅନୁସାରେ ୨୦୫୦ ସୁଦ୍ଧା ଭାରତର ଜନସଂଖ୍ୟା ୧୬୬କୋଟିରୁ ଅଧିକ ହୋଇଯିବ, ଏ କଥାକୁ ମଧ୍ୟ ଅଧିକ ଗୁରୁତ୍ୱ ଦିଆଯିବା ଆବଶ୍ୟକ । ଏସବୁପରେ ଭାରତର ଜନସଂଖ୍ୟାର ୬୬ପ୍ରତିଶତଙ୍କ ବୟସ ୩୫ବର୍ଷରୁ କମ୍ । ଏହି ଜନସଂଖ୍ୟାକୁ ନିୟନ୍ତ୍ରିତ କରିପାରିଲେ ଦେଶର ବିକାଶର ସମ୍ଭାବନା ରହିଛି । ଦେଶର ଘରୋଇ ବଜାର ମଧ୍ୟ ଆମପାଇଁ ଲାଭଦାୟକ ହୋଇପାରିବ ଯାହା ବିଦେଶୀ ନିବେଶ ପାଇଁ ସୁଯୋଗ ସୃଷ୍ଟି କରିବ । ଏଥି ସହିତ ଦେଶର ମଧ୍ୟମ ବର୍ଗ ଦେଶର ବିକାଶ ପାଇଁ ଅଧିକ ଯୋଗଦାନ ଦେଇପାରିବେ । ଏଣୁ ସରକାର ଚାହିଁଲେ ଜନସଂଖ୍ୟାବୃଦ୍ଧିର ବିପରୀତ ଫଳାଫଳକୁ ରୋକି ପାରିବେ ଯାହା ଦେଶର ବିକାଶ ବୃଦ୍ଧିରେ ସହାୟକ ହୋଇପାରିବ ।

> ଭାରତରେ ଜନସଂଖ୍ୟାର ସଘନତାକୁ ଦେଖିଲେ ଜଣାପଡେ ଯେ ୧୯୯୧ରେ ଦେଶର ଜନସଂଖ୍ୟାର ସଘନତା ପ୍ରତି ବର୍ଗକିଲୋମିଟରରେ ୭୭ଜଣ ଥିବାବେଳେ ୨୦୧୧ ବେଳକୁ ଏହା ବୃଦ୍ଧି ପାଇ ପ୍ରତି ବର୍ଗକିଲୋମିଟରରେ ୩୮୨ଜଣ ରହିଥିଲା । ଭାରତରେ ଜନସଂଖ୍ୟା ବୃଦ୍ଧି ଯୋଗୁଁ ଆଗାମୀ ଦିନରେ ଉତ୍ପନ୍ନ ହେବାକୁ ଥିବା ସଙ୍କଟ ଏହି ତଥ୍ୟରୁ ସ୍ପଷ୍ଟ ଜଣାପଡୁଛି ।


ରାମଚନ୍ଦ୍ରପୁର, ରଣପୁର
ମୋ- ୯୪୩୮୪୮୫୦୯୪





## ମୋବାଇଲ୍ ବାୟା କରିଛି

### ସୁନୀଲ କୁମାର ପ୍ରଧାନ

ଅଜାଙ୍କର ଗପ ଶୁଣୁନି କୁନା
ଆଈର ଆଦର
ନ ପାଉଛି ଜମା
ପାଠକୁ ସେ ଧିରେ ଧିରେ ଭୁଲିଛି
ମୋବାଇଲ୍ ପରା ବାୟା କରିଛି ।

ଅନଲାଇନ ନଟିଆ ଭିଡିଓ
ନିତି ସେ ଦେଖୁଛି
ଖୁସିରେ ହସୁଛି
ବାପା ମା ଯଦି ଗାଳି ଦେବେ କିଛି
ମନକୁ ତାର ଭୁଲେଇ ବସୁଛି ।

ପରୀକ୍ଷା ହୋଇଲେ ଆମରି କୁନା
ହାତେ ଫୋନ ଧରି
ପାଠ ଯାଏ ମରି
ବିଦ୍ୟାଳୟ ଯିବା ଭୁଲି ଯାଇଛି
ମୋବାଇଲ୍ ପରା ବାୟା କରିଛି ।

ନୂଆଁ ନୂଆଁ ଗେମ୍ ଖେଳେ ଯେ କୁନା
ନିଦ ବାଉଳାରେ
ମାରେ ମାରେ ଧରେ
ଜେଜେ ମା ପରା ଦୁଃଖିତ ହେଉଛି
ମୋବାଇଲ୍ ପରା ବାୟା କରିଛି ।

ଅଭିଭାବଙ୍କୁ ଏକ ଅନୁରୋଧ
ପିଲାଙ୍କୁ ବାରଣ
ଏ ସ୍ମାର୍ଟ୍ ଫୋଅନ
ହସ ଖୁସି ସବୁ ଭୁଲି ଭୁଲି ଯାଏ
ମୋବାଇଲ୍ ବାୟା କରିଣ ଦିଏ ।


+ଝାଟିପଦର, ପାଲୁର, ଗଞ୍ଜାମ
ମୋ - ୬୭୦୯୯୩୪୩୬୬


## ମୋ ପ୍ରିୟା

### ବାବୁଲା ସେଠୀ



ପ୍ରିୟା ମୋର ନୂଆ କରି
ପିନ୍ଧିଛି ଶାଢ଼ୀ
ଶାଢୀରେ ସେ ଦିଶୁଥାଏ
ସୁନ୍ଦରୀ ଭାରି ।

ଗୋରା ଗୋରା ଦେହେ ତାର
ଚିକିମିକି ଶାରି
ସତେ ଅବା ଲାଗୁଥାଏ
ସ୍ୱର୍ଗର ଅପ୍ସରି ।

ଓଠ ତାର ସଜ ଫୁଟା
ଗୋଲାପ ପାଖୁଡା
ହସିଦେଲେ ଝରିଯାଏ
ସୁନା ମୋତି ହୀରା ।

କଥା ତାର କୋଇଲିଠୁ
ଆହୁରି ସୁନ୍ଦର
ଶୁଣିଦେଲେ ଥରେ କେବେ
ନ ଯାଏ ମନର ।

ମୁହଁ ତାର ଚନ୍ଦ୍ର ପରି
ଜୋସ୍ନା ଢାଳେ
ହସିଦଲେ ତାରାଫୁଲ
ପଡ଼ଇ ତଳେ ।

ଆଖି ଦୁଇ ଖୁସି ଭରା
ଚଞ୍ଚଳା ନଇ
ତା ଖୁସିରେ ଦୁଃଖ ସବୁ
ଯାଏରେ ବହି ।

ଦୁଃଖ ସୁଖ ସବୁ କଥା
କହେ ନିତିନିତି
ତାସାଥିରେ କଥା ହୋଇ
ଦିନଯାଏ ବିତି ।

ଭାରି ସିଏ ଅଲ୍ଲୀ ଅଳି
କେତେ ଯେ ଗେହ୍ଲେଇ
ଟିକେ ଆନମନା ସିଏ
ଟିକିଏ ଫୁଲେଇ ।

ମନରେ ତା କେତେ ଆଶା
ଅସୁମାରୀ ଢେଉ
ମନ କଥା ବୁଝିଯାଏ
ଓଠ କହୁକହୁ ।

ଛୋଟ ପିଲା ପରି ସିଏ
ହୁଏ ସବୁବେଳେ
ନୂଆନୂଆ ଖେଳ କେତେ
କଣ୍ଢେଇରେ ଖେଳେ ।

ମନ ମାନି ଥିଲେ ପ୍ରିୟା
ହୁଅଇ ନିଜର
ରାଗିଗଲେ ଥରେ କେବେ
ନୁହେଁ ସେ କାହାର ।

ରୁଷିଯାଏ ଯେବେ ସିଏ
ମୁହଁ ଫୁଲେଇ ବସେ
ମନେ ମନେ କାନ୍ଦୁଥାଏ
ମନେମନେ ହସେ ।

ଭାରି ଅଭିମାନୀ ପ୍ରିୟା
ଅଭିମାନ କରେ
ରାଗିଯାଏ ହେଲେ,ରାଗ
ନାହିଁ ତା ମନରେ ।

ତା ଖୁସିରେ ମୁଁ ଖୁସି
ମୋ ଖୁସିରେ ସିଏ
ମୋ ଦୁଃଖରେ ସେ ଦୁଃଖୀ
ସଦା ହେଉଥାଏ ।


ଅରଖପୁର,
ପୁରୁଷୋତ୍ତମପୁର, ଗଞ୍ଜାମ


## ମଣିଷ ଗଲା କାହିଁ ?

### ଜଗଦୀଶ ସାହୁ



ମଣିଷଟିଏ ଖୋଜିବା ପାଇଁ
ମଠ ମନ୍ଦିର ଗଲି
ହାଟ ବଜାର ଯାତର ମେଳା
କଉଠି ନ ପାଇଲି !
ରେଳ ରହଣୀ ସମୁଦ୍ର କୂଳ
ସଭା ସମିତି ଯାଇ
ସମସ୍ତଙ୍କୁ ମୁଁ ପ୍ରଶ୍ନ କରିଲି
ମଣିଷ ଗଲା କାହିଁ ? !
ଥିଲା ଯା'ଠାରେ ମାନବିକତା
ଦୟା ଆଦର ସ୍ନେହ
ଦୀନ ଦରିଦ୍ର କଷଣ ଦେଖି
ନୟନୁ ଝରେ ଲୁହ !
ତାଙ୍କ ବିଚାର ନିଜର ପର
ଭାବନା ଠାରୁ ଦୂରେ
ଆପଣା ଗୁଣେ ମହତ ସିଏ
ଏ ମର ସଂସାରରେ !
ଆଜି ମଣିଷ ଧନରେ ଅନ୍ଧ
ବିବେକହରା ହୋଇ
ପୂର୍ବ ପୁରୁଷ କିରତୀ ଭୁଲି
ସ୍ୱାର୍ଥରେ ହେଲା ବାଇ
ପଦବୀ ପାଇଁ ହଜେଇ ଦେଇ
ମଣିଷ ପଣିଆକୁ
ଭାବୁଛି ମୂଢ଼ ନିଜକୁ ବଡ଼
ଜିଣିବ ସରଗକୁ !
ଯେଉଁ ମାନଙ୍କ ହାତରେ ଗଢ଼ା
ପୂଣ୍ୟ ଉତ୍କଳ ଭୂଇଁ
ତାଙ୍କରି ଦେହ ମଳିକୁ କେବେ
ସରି ହେବୁକି ତୁହି ?
ଖୋଜୁଛି ମୁହିଁ ସେଇ ମଣିଷ
ଅମ୍ଳାନ ଯାର କୀର୍ତ୍ତି
ତାଙ୍କୁ ପାଇଲେ କୁଣ୍ଢେଇ ଧରି
ପାଆନ୍ତି ଟିକେ ଶାନ୍ତି !


ସଂଜପଡା, ହିନ୍ଦୋଳ
ଢେଙ୍କାନାଳ-୭୫୯୧୨୮
ମୋ : ୯୦୭୮୧୮୫୬୧୬







# ମିନା ଅପାଙ୍କ ରାମାୟଣ ଟୁଙ୍ଗି (୮୪)

## ହନୁମାନଙ୍କ ଗନ୍ଧମାର୍ଦ୍ଦନ ପର୍ବତ ଆଣିବା



କାର୍ତ୍ତିକ ସାଇଁ



(ପୂର୍ବ ପ୍ରକାଶିତ ଉତ୍ତାରୁ)

ରାବଣ ଜାଣିଗଲା, ରାମଙ୍କ ଆଗରେ ତା'ବାଣ କାମ କରୁନି। ତେଣୁ ସେ ରାମଙ୍କୁ ଛାଡ଼ି ଅନ୍ୟ ବାନର ସେନା ଉପରେ ଶର ପ୍ରହାର କରିବା ଆରମ୍ଭ କଲା। ତା କ୍ରୋଧର ଶିକାର ହେଲେ ହନୁମାନ, ଅଙ୍ଗଦ, ସୁଗ୍ରୀବ ଓ ଅନ୍ୟମାନେ। ମିନା ଅପା ରାମୟଣ ଆରମ୍ଭ କଲେ।

ଏହା ଦେଖି ଶ୍ରୀରାମ ପ୍ରତି ଆକ୍ରମଣ ଆରମ୍ଭ କଲେ। ସେ ଶକ୍ତିଶାଳୀ ଶର ପଠାଇ ରାବଣକୁ ଅସ୍ତବ୍ୟସ୍ତ କରି ପକାଇଲେ। ଶକ୍ତିଶାଳୀ ଶର ରାବଣକୁ କ୍ଷତାକ୍ତ କଲା, ତାର ସାରଥୀର ମୁଣ୍ଡ କାଟିଲା ଓ ତା ରଥକୁ ନଷ୍ଟ କଲା। ରାବଣ ଭୂପତିତ ହେଲା।

ଏହି ସମୟରେ ରାବଣ ତାର ଦିବ୍ୟ ବିମାନ ପୁଷ୍ପକ ବିମାନର ସ୍ମରଣ କଲା ଯାହା ସ୍ୱୟଂ ଚାଳିତ ଥିଲା। ରାବଣ ପୁଷ୍ପକ ବିମାନ ଆରୋହଣ କରି ବେଶ ଶକ୍ତିଶାଳୀ ଦେଖାଗଲା।

ଆକାଶରେ ଦେବତାମାନେ ରାମ ଓ ରାବଣଙ୍କ ଯୁଦ୍ଧ ଦେଖୁଥିଲେ। ସେମାନେ



ଜାଣିଯାଇଥିଲେ ଯେ ରାବଣର ମୃତ୍ୟୁ ସୁନିଶ୍ଚିତ। ତେଣୁ ସେମାନେ ଆଉ ରାବଣକୁ ଡରୁନଥିଲେ। ଶ୍ରୀରାମଙ୍କ ଅବତାର ରାବଣର ବଧ ଲାଗି। ସେ ସମୟ ଆସି ପହଂଚି ଯାଇଥିଲା। ଦେବତାମାନେ ଦେବରାଜ ଇନ୍ଦ୍ରଙ୍କୁ ଅନୁରୋଧ କଲେ- "ପ୍ରଭୁ ଶ୍ରୀରାମ ପୃଥିବୀ ଉପରେ ଖାଲି ପାଦରେ ରାବଣ ସହିତ ଯୁଦ୍ଧ କରୁଛନ୍ତି। ସେ ସଂସାର ଲାଗି ରାବଣ ସହିତ ଘୋର ଯୁଦ୍ଧରେ। ଆପଣ ଏବେ ଶ୍ରରାମଙ୍କ ପାଖକୁ ଆପଣଙ୍କ ଦିବ୍ୟ ରଥ ପଠାନ୍ତୁ।

ଦେବରାଜ ଇନ୍ଦ୍ର, ଦେବତାମାନଙ୍କ ଅନୁରୋଧ ରକ୍ଷା କଲେ ଓ ତାଙ୍କ ବିଜୟ ରଥକୁ ତାଙ୍କ ସାରଥି ମାତଳିଙ୍କ ସହିତ ପଠାଇଲେ। ମାତଳି ବିଜୟ ରଥକୁ ଆଣି ଶ୍ରୀରାମଙ୍କ ପାଖରେ ପହଂଚିଲେ ଓ ତାଙ୍କୁ ଦେବତାମାନେ ପଠାଇଛନ୍ତି ବୋଲି କହିଲେ। ଶ୍ରୀରାମ ପ୍ରଥମେ ମାତଳିଙ୍କ କଥାକୁ ବିଶ୍ୱାସ କଲେନି। ସେ ଭାବୁଥିଲେ ଏହା ରାବଣର ମାୟା ହୋଇପାରେ। ମାତ୍ର ମାତଳି ଶ୍ରୀରାମଙ୍କୁ ସବୁକଥା ବୁଝାଇ କହିଲା ପରେ ଶ୍ରୀରାମ ରଥ ଉପରକୁ ଯାଇ ରାବଣର ସାମ୍ନା କଲେ।

ରାବଣ ଜାଣିଗଲା ତାର ମୃତ୍ୟୁ ତା ନିକଟରେ। ତେଣୁ ରାମସେନାର ଅଧିକରୁ ଅଧିକ କ୍ଷତି କରିବାକୁ ଆରମ୍ଭ କଲା। ଶ୍ରୀରାମ ସଂଗେ ସଂଗେ ରାବଣକୁ ଯୁଦ୍ଧରେ ବ୍ୟସ୍ତ ରଖିଲେ। ଶ୍ରୀରାମଙ୍କୁ ଏ କଥାର ସୂଚନା ଦିଆଗଲା ଯେ କେବଳ ବ୍ରହ୍ମସ୍ତ୍ର ଦ୍ୱାରା ସେ ରାବଣର ବଧ କରିପାରିବେ।

ଶକ୍ତିଶାଳୀ ରାବଣ ଶର ପ୍ରୟୋଗକରି ଅନେକ ବାନର ସେନାଙ୍କୁ କ୍ଷତାକ୍ତ କରୁଥିଲା ଓ ମୃତ୍ୟୁ ମୁଖରେ ପକାଉଥିଲା। ଶ୍ରୀରାମ ଜାଣିଗଲେ- ଆଉ ରାବଣକୁ ବରଦାସ୍ତ କରାଯାଇ ପାରିବନି।

ମନ୍ତ୍ରପାଠ କରି ଶ୍ରୀରାମ ରାବଣ ଉଦ୍ଦେଶ୍ୟରେ ବ୍ରହ୍ମଶର ପ୍ରୟୋଗ କଲେ। ବ୍ରହ୍ମାସ୍ତ୍ରର ତେଜରେ ସାରା ସଂସାର ଉଜ୍ଜଳ ଦିଶିଲା ଓ ତାର ଶବ୍ଦରେ ସାରା ବିଶ୍ୱବ୍ରହ୍ମାଣ୍ଡ ଟଳମଳ ହେବାକୁ ଲାଗିଲା।

ପୁରାଣ ଯୁଗରେ ବ୍ରହ୍ମାସ୍ତ୍ର ଥିଲା ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର। ଠିକ୍ ଆଧୁନିକ ଯୁଗର ପରମାଣୁ ବୋମା ପରି। ଆଧୁନିକ ଯୁଗରେ ଲୋକମାନେ ପରମାଣୁ ବୋମାର ଭୟାବହ ଜାଣନ୍ତି। ୧୯୪୫ ମସିହାରେ ଆମେରିକା ଜାପାନ ଉପରେ ମାତ୍ର ଦୁଇଟି ପରମାଣୁ ବୋମା ପକାଇଥିଲା ଓ ତା ପରେ ପରେ ଦ୍ୱିତୀୟ ବିଶ୍ୱଯୁଦ୍ଧର ସମାପ୍ତି ଘଟିଥିଲା।

ରାବଣ ଜାଣିଗଲା-ଶ୍ରୀରାମ ତା' ଉଦ୍ଦେଶ୍ୟରେ ବ୍ରହ୍ମାସ୍ତ୍ରର ପ୍ରୟୋଗ କରିଛନ୍ତି। ସେ ତା' ପାଖରେ ଥିବା ସମସ୍ତ ଶକ୍ତିଶାଳୀ ଅସ୍ତ୍ର ପ୍ରୟୋଗ କଲା, ମାତ୍ର ବ୍ରହ୍ମାସ୍ତ୍ର ଆଗରେ ସେ ଅସ୍ତ୍ର ସବୁ ଫିକା ପଡ଼ିଗଲା।

ବ୍ରହ୍ମାସ୍ତ୍ରକୁ ମନ୍ତ୍ରିତ କଲାବେଳେ ଶ୍ରୀରାମ ରାବଣକୁ ବଧ କରିବାକୁ ଅସ୍ତ୍ରକୁ ପ୍ରାର୍ଥନା କରିଥିଲେ। ବ୍ରହ୍ମାସ୍ତ୍ର ତାର କାମ କରିବାକୁ ଅଗ୍ରସର ହେଉଥିଲା। ଏ ଦୃଶ୍ୟକୁ ଆକାଶରୁ ଦେବତାମାନେ ଆନନ୍ଦରେ ଦେଖୁଥିଲେ। ରାବଣର ବଧ ହେଲେ ଏ ସଂସାର ତା ଉପଦ୍ରବରୁ ରକ୍ଷାପାଇବ। ଏ ସାରା ସଂସାର ତାର ମୃତ୍ୟୁର ଅପେକ୍ଷାରେ ଥିଲା।

ଅମୋଘ ବ୍ରହ୍ମାସ୍ତ୍ର ସାମ୍ନାରେ ରାବଣର ଶକ୍ତିଶାଳୀ ଶର କାମ ଦେଉନଥିଲା। ଭୀଷଣ ଗର୍ଜନ କରି ବ୍ରହ୍ମାସ୍ତ୍ର ଆକାଶରୁ ଖସିଲା ଓ ଅଳ୍ପ ସମୟରେ ରାବଣର ବକ୍ଷ ଭେଦ କଲା। ଶକ୍ତିଶାଳୀ ରାବଣ ଭୟଙ୍କର ଗର୍ଜନ କରି ପୁଷ୍ପକ ବିମାନରୁ ଖସିପଡ଼ି ଭୂପତିତ ହେଲା। ତାର ମୁଖ, କର୍ଣ୍ଣ ଓ ନାସିକାରୁ ରକ୍ତ ବୋହିବାକୁ ଆରମ୍ଭ କଲା ଓ ହାତରୁ ଧନୁଶର ଖସି ପଡ଼ିଲା। ରାବଣର ମୃତ୍ୟୁ ହୋଇନଥିଲା। ତାର ଶରୀର ନିଶ୍ଚଳ ହୋଇ ପୃଥିବୀ ଉପରେ ପଡ଼ି ରହିଲା। ଶ୍ରୀରାମ ଓ ଅନ୍ୟମାନେ ରାବଣର ପ୍ରତିକ୍ରିୟାକୁ ଅପେକ୍ଷା କଲେ। ମାତ୍ର ସେ ଆଉ ଉଠି ପାରିଲାନି। ମିନା ଅପା ରାମାୟଣ କଥା ଏଇଠି ରଖିଲେ।

(କ୍ରମଶଃ)

+ମୋ: ୯୯୮୦୩୦୦୭୫୧



# ପଢ଼-ପଢ଼ାଅ ପାଠ, ଜ୍ଞାନ ବଢ଼ାଅ ଚାଟ

ନଗେନ୍ଦ୍ର ନାଥ ପଟ୍ଟନାୟକ



ଶ୍ରେଣୀଗୃହରେ ପଶୁପଶୁ ବନ୍ଦନା ଗୁରୁମା କହିଲେ -ପିଲାଏ, ଆଶା କରୁଚି ଗଲାକାଲି ଶ୍ରେଣୀରେ ପଢାଇଲା ବେଳେ ଯୋଉ କଥା କହିଥିଲି ତମମାନଙ୍କର ନିଶ୍ଚେ ମନେଥିବ । ଆଉ ତୁମେ ସବୁ ନିଜ ନିଜ ଦଳର ଯୋଜନା କଣ ବିଚାରିଥିବ । ସାରା ଶ୍ରେଣୀରେ ପ୍ରାୟ ପିଲା ଏକାସ୍ୱରରେ କହିଲେ -ହଁ ,ଗୁରୁମା ଆମେମାନେ ଭାବି ନେଇଚୁ ।

ଆଛା, ବହୁତ ବଢିଆ । ତା'ହେଲେ,ଦୁଇ ଦଳର ନେତା ନିଜ ନିଜର ଦଳର ସଭ୍ୟଙ୍କ ନାମ ଆଉ ଯୋଜନା କ'ଣ ବତାଅ । ଯାହାଫଳରେ ମୁଁ ସେ ସବୁକୁ ମୋ ପ୍ରୋଜେକ୍ଟ ନୋଟ୍‌ବୁକ୍‌ରେ ଲେଖିନେବି ।

ପ୍ରକୃତରେ ନୂଆରୂପେ ଯୋଗ ଦେଇଥିବା ଶାଳିନୀ ପ୍ରଧାନଗୁରୁମା'ଙ୍କ ପରାମର୍ଶକ୍ରମେ ଅଭିନବ ଭାରତୀ ବିଦ୍ୟାଳୟର ନବମ ଆଉ ଦଶମ ଶ୍ରେଣୀର ସବୁ ପିଲା ମିଳିମିଶି ବର୍ଷସାରା ଅନେକ ସାମାଜିକ ସଚେତନତା ଅଭିଯାନ ଚାଲୁ ରଖିଚନ୍ତି । ଦଶମ ଶ୍ରେଣୀର ଦୁଇଟି ବିଭାଗ ନିଜ ନିଜର ପ୍ରୋଜେକ୍ଟ ଗତକାଲି ବତେଇ ସାରିଛନ୍ତି । ଦଶମ ଶ୍ରେଣୀର ଗୋଟିଏ ବିଭାଗ ପ୍ଲାଷ୍ଟିକର ମାତ୍ରାଧିକ ଆଖିବୁଜା ବ୍ୟବହାର ରୋକିବା ସଂକ୍ରାନ୍ତ ଅଭିଯାନ ଓ ଅନ୍ୟ ବିଭାଗଟି ଜଳର ଦୁରୁପଯୋଗ ବନ୍ଦ କରିବା ଦିଗରେ ଜନସଚେତନତା ଯୋଜନା ପ୍ରସ୍ତୁତ କରିଛନ୍ତି । ସେହିପରି ନବମ ଶ୍ରେଣୀର ଦୁଇଟି ବିଭାଗକୁ ଆଜି ନିଜର ଯୋଜନା ବାବଦରେ ବତାଇବାକୁ ହେବ । ଏ ଭିତରେ ଶୁଣିବାକୁ ମିଳିଲା ଯେ ନବମ ଶ୍ରେଣୀର ଗୋଟିଏ ବିଭାଗର ଛାତ୍ରଛାତ୍ରୀଙ୍କ ଦଳ'ଶିଶୁକନ୍ୟା ବଂଚାଅ ଓ ଭ୍ରୁଣହତ୍ୟା' ବିରୁଦ୍ଧରେ ଜନସଚେତନତା କାର୍ଯ୍ୟକ୍ରମ ଆଉ ଗୋଟିଏ ଦଳ' ମହିଳାଙ୍କୁ ସମ୍ମାନ' ବିଷୟ ଉପରେ କାମ କରୁଛନ୍ତି । ଶ୍ରେଣୀର ଅନ୍ୟ ବିଭାଗର ପିଲାମାନେ ଅଲଗା କଣ ଗୋଟେ କରିବେ ବୋଲି ବନ୍ଦନା ଗୁରୁମା ଚିନ୍ତା କରୁଥିଲେ । ତେଣୁ ସେ ଆଜି ଶ୍ରେଣୀ ଭିତରେ ପଶୁ ପଶୁ ପହିଲେ ପିଲାମାନଙ୍କୁ ଚାହିଁ ପ୍ରଶ୍ନକଲେ ।

ପ୍ରଥମେ ନମିତା ଛିଡାହେଲା । ସେ କହିଲା-ଗୁରୁମା ! ଆମେ ଦୁଇଟି ଦଳ ଜନସଚେତନତା ବିଷୟକୁ ଚୟନ କରିଛୁ । କହିବାକୁ ଗଲେ ଦୁହେଁ ପରସ୍ପରର ପରିପୂରକ । ଏ ଯୋଜନାର ପ୍ରେରଣା ବି ଆପଣଙ୍କଠୁ ମିଳିଚି ।

ଆଛା ,ବହୁତ ଭଲ । ମୁଁ ତମକୁ ତ ଯୋଜନା କଥା କହିନଥିଲି କି କୌଣସି ସଂକେତ ବି ଦେଇ ନଥିଲି । ବନ୍ଦନା ଗୁରୁମା ବିସ୍ମୟଭରା ଆଖିରେ କହିଲେ । ଏବେ ତୃତୀୟ ଦଳର ମୁଖ୍ୟ ଛିଡା ହୋଇଗଲା । ସେ କହିଲା -ଗୁରୁମା ! ଆପଣ ଆମକୁ ଅଧକାଂଶ ସମୟରେ କହନ୍ତି ନୂଆ ପିଢି ସାମାଜିକ ଗଣମାଧମ ଓ ଇଲେକ୍ଟ୍ରୋନିକ୍ ଉପକରଣର ଉପଯୁକ୍ତ ଉପଯୋଗ କରିବା ପରିବର୍ତ୍ତେ ଦୁରୁପଯୋଗ କରୁଚନ୍ତି ଆଉ ଏହାଦ୍ୱାରା ମୂଲ୍ୟବାନ ସମୟକୁ ବରବାଦ କରୁଛନ୍ତି । ପଢାଲେଖା ଉପରେ ପ୍ରତିକୂଳ ପ୍ରଭାବ ପଡୁଚି । ଆଖି ଖରାପ ହେବା ସାଙ୍ଗକୁ ସ୍ୱାସ୍ଥ୍ୟଜନିତ ସମସ୍ୟା ବି ଉପୁଜୁଚି । ତା କଥା ନସରୁଣୁ ମଝିରେ ମୋହିତ ଉଠିପଡି କହିଲା - ସେମିତି ଆପଣ ଅନେକଥର ଏକଥା ବି କହିଚନ୍ତି ଯେ ତୁମ ପିଢିର ପିଲାମାନେ ପାଠ୍ୟପୁସ୍ତକ ଛଡା କମିକ୍ସ, ପକେଟବୁକସ୍ ଓ ମହାନ ସାହିତ୍ୟିକଙ୍କ ପୁସ୍ତକ, ଗପ, କହିବା ଆଉ ବ୍ୟଙ୍ଗସାହିତ୍ୟ ଆଦି ପଢୁଛନ୍ତି । ପଢିବାର ଏ ଅଭ୍ୟାସ ଦ୍ୱାରା ସେମାନଙ୍କୁ ସୁସ୍ଥ ମନୋରଂଜନ ଖୋରାକ ମିଳିବା ସାଙ୍ଗକୁ ଜ୍ଞାନ ବୃଦ୍ଧିପାଉଚି ଓ ସାହିତ୍ୟ ପ୍ରତି ଅନୁରାଗ ମଧ ବଢୁଚି । ଆପଣଙ୍କ ଏ ପ୍ରକାର ଚିନ୍ତାରେ ଆମେ ବି ଏକମତ ।

ବନ୍ଦନା ଗୁରୁମା ପିଲାଙ୍କ ମୁହଁରୁ ଏଭଳି ବିଚାର ଶୁଣି ବହୁତ ଖୁସି ହେଲେ । ସେ କହିଲେ- ପହିଲେ ଅମନ ନିଜ ଯୋଜନା ବିଷୟରେ କହୁ, ସେ କଣ କରିବାକୁ ଯାଉଚି ।

ସେଉଠୁ ଅମନ କହିଲା -ଗୁରୁମା ! ମୁଁ ଖବରକାଗଜରେ ପଢିଚି ମହାରାଷ୍ଟ୍ରର ସଂଗଲୀ ଜିଲ୍ଲାର ଗ୍ରାମବାସୀଗଣ ଡିଜିଟାଲ ଡାଟାବେସ୍ ବାହିନୀ ଗଠନ କରିଛନ୍ତି । ଏ ଦଳର ସଭ୍ୟମାନେ ଗ୍ରାମରେ ଜିଜିଟାଲ ବ୍ୟବସ୍ଥା ପ୍ରତି ଆସକ୍ତ ଲୋକଙ୍କ ଭିତରେ ବ୍ୟାପକ ସଚେତନତା ସୃଷ୍ଟି କରୁଚନ୍ତି । ପ୍ରତିଦିନ ସନ୍ଧ୍ୟା ସାତଟାରୁ ଆଠଟା ପର୍ଯ୍ୟନ୍ତ ସମଗ୍ର ଗ୍ରାମରେ ଟିଭିସେଟ୍ ଆଉ ମୋବାଇଲ ବନ୍ଦ ହୋଇ ରହୁଚି । ଏମିତି ଉଦାହରଣ ଲୋକଙ୍କ ସମ୍ମୁଖରେ ଉପସ୍ଥାପନ କରାଇ ଆମେ ଡିଜିଟାଲ ବ୍ୟବସ୍ଥା ପ୍ରତି ଥିବା ମାତ୍ରାଧିକ ଆସକ୍ତିର କ୍ଷତିକାରକ ଦିଗ ବାବଦରେ ବତାଇବା ଆଉ ଦିନରେ କିଛ ସମୟ

ଇଲୋକ୍ଟ୍ରନିକ ଉପକରଣଠୁ ଦୂରେଇ ରହିବାର ଆବଶ୍ୟକତାକୁ ବୁଝାଇବା । ସାମାଜିକ ଗଣମାଧମର ଦୁରୁପଯୋଗ ନୁହେଁ, ସଦୁପଯୋଗ କରିବା ପାଇଁ ନୂତନ ପିଢିର ପିଲାଙ୍କୁ ବତେଇବା । ନିଜର ବ୍ୟକ୍ତିଗତ ସୂଚନାକୁ କାହା ସହିତ ଭାଗୀଦାର ନ କରିବା ଉଚିତ । ଏତକ କହିସାରି ଅମନ ବସିଗଲା ।

ଏବେ ନିତିନ୍ କହିବା ଆରମ୍ଭ କଲା । ମ୍ୟାଡାମ୍ ! ଉତ୍ତମ ସାହିତ୍ୟ ଆମେ ପାଇଁ ବହୁତ ଜରୁରୀ ବୋଲି ମୁଁ ଜାଣେ । କାରଣ ଆମ ଘରେ ସମସ୍ତେ ପୁସ୍ତକ ପଢାପଢିରେ ଅଭ୍ୟସ୍ତ । ସାମାଜିକ ଓ ମାନସିକ ବିକାଶ ନିମନ୍ତେ ଉତମ ପୁସ୍ତକ ପଢିବା ନିହାତି ବାଂଛନୀୟ । ମୁଁ ପଢିଚି, ନେଦରଲ୍ୟାଣ୍ଡ ଦେଶରେ ପିଲାଙ୍କ ଇଂଟରନେଟ୍, ମୋବାଇଲ ଆଉ କମ୍ପ୍ୟୁଟର ଉପରେ ଅଧିକ ସମୟ ବିତାଇବା ପ୍ରବୃତିକୁ ଲକ୍ଷକରି ସେଠାରେ ବର୍ଷକ କିଛିଦିନ ପର୍ଯ୍ୟନ୍ତ ଜାତୀୟ ପଠନ ଦିବସ ପାଳନ କରାଯାଉଚି । ସେ ଦେଶର ପ୍ରସିଦ୍ଧ ସାହିତ୍ୟିକମାନେ ନିଜ ପୁସ୍ତକଗୁଡିକୁ ପାଠ କରନ୍ତି ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟରେ । ସେଠିକାର ରାଜା ରାଣୀ ଓ ରାଜକୁମାରୀ ମଧ ବିଦ୍ୟାଳୟର ଲାଇବ୍ରେରିରେ ପୁସ୍ତକ ପଢାପଢି କରନ୍ତି । ସେ ଦେଶରେ ଜନ୍ମଦିନ ପାଳନ ଅବସରରେ ଫୁଲତୋଡା ସହିତ ପୁସ୍ତକ ବି ଉପହାର ଦେବାର ପରମ୍ପରା ପ୍ରଚଳିତ । ବିଦ୍ୟାର୍ଥୀମାନେ ମାସକରେ ଥରଟିଏ ଲାଇବ୍ରେରିରୁ ବହି ନେବେ ଆଉ ଏହାର ସାରାଂଶ ଖାତାରେ ଲେଖିକରି ଶ୍ରେଣୀରେ ପିଲାଙ୍କ ସମାନାରେ ବୁଝାଇବେ । ଏ ନିୟମ ପ୍ରାଥମିକ ବଦ୍ୟାଳୟରୁ ଆରମ୍ଭ କରି ମହାବିଦ୍ୟାଳୟ ପର୍ଯ୍ୟନ୍ତ ଲାଗୁ କରାଯାଇଛି । ଏତଦ୍‌ଭିନ୍ନ, ହାତରେ ଲେଖାଲେଖି କରିବା ଆଉ ପୁସ୍ତକ ପିଢିବା ଅଭ୍ୟାସ କରିହେବ । ଖାଲି ସେତିକି ନୁହେଁ, ବୈଦ୍ଧିକ ବିକାଶ ସ୍ତର ମଧ ବଢିଥାଏ ।

ଆମେ ମଧ ନିଜ ସ୍ତରରେ ଜନସଚେତନତା ବ୍ୟାପକ କରିବା ସାଙ୍ଗକୁ ବିଭିନ୍ନ ବିଦ୍ୟାଳୟର ପ୍ରଧାନଗୁରୁଜୀଙ୍କୁ ଭେଟି ଏ ନେଇ ଆଲୋଚନା କରିପାରିବା ଏବଂ ପ୍ରଶାସନିକ ସ୍ତରରେ ମଧ ଚିଠି ଲେଖି ଆବେଦନ କରିପାରିବା । ଆମର ଏ ଦେଶରେ ସେମିତି ନିୟମ ପ୍ରଣୟନ କରାଯାଇ ପାରିବ, ଯାହାଦ୍ୱାରା ଶିଶୁ ସାହିତ୍ୟ ବିକଶିତ ହୋଇପାରିବ ଆଉ ପିଲାମାନେ ଭିତରେ ପଠନ ପ୍ରବୃତି ଉଦ୍ରେକ ହେବ ।

ନିଜ ଶ୍ରେଣୀର ପିଲାଙ୍କର ସଚେତନତା, ଗମ୍ଭୀରତା ଓ ବୁଦ୍ଧି ବିଚାର ଦେଖି ବନ୍ଦନ ଗୁରୁମା ଖୁସିରେ ଗଦ୍‌ଗଦ୍ ହୋଇ ଉଠିଲେ । ସେ ଦୁଇ ପିଲାଙ୍କ ପିଠି ଥାପୁଡେଇ ସାବାସି ଦେଲେ ।

+ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ,ଓଡିଶା ସରକାର
ଓସ୍କାର ସିଟି, ପ୍ଲଟ ନଂ-୪୫୪, ଲେନ ନଂ-୯, ଲକ୍ଷ୍ମୀସାଗର କେନାଲ ରୋଡ, ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

## କବିତା
ତୁମ ପାଇଁ

### ଦୁଃଖୀ ସେବା କରି ଖୁସି ହୋଇଲା
କୀର୍ତ୍ତନ ସାହୁ



ଛୋଟ ପିଲାଟିଏ ବସିଛି
ଦେଖ ଘର ବାହାରେ
ଶୀତରେ ସେ ଥରି ଯାଉଛି
ଲୁଗା ନାହିଁ ଦେହରେ ।

ଯାଉଥିଲା ସେଇ ବାଟରେ
ସିପୁ ଆଖି ପଡ଼ିଲା
ଦେଖିଲା ପିଲାଟି ଥରୁଛି
ମନେ କଣ ଭାବିଲା ।

ଦେଇଦେଲା ନିଜ ଚାଦର
ଘୋଡେଇବା ପାଇଁ କି
ପିଲାଟି ଘୋଡ଼େଇ ବସିଲା
ଏକଲୟେ ଚାହିଁ କି ।

ସିପୁ ବାପା ସେଇ ବାଟରେ
ଯାଉଥିଲେ ବଜାର
ଦେଖିଦେଲେ ସିପୁ ଦେହରେ
କାହିଁ ନାହିଁ ଚାଦର ।

ସଙ୍ଗେ ସଙ୍ଗେ ସିପୁ କହିଲା
ଟିକେ ଯାକୁ ଦେଖତ
ଥରୁଥିଲା ଦେଲି ଚାଦର
ଠିକ୍ ଭୁଲ କୁହତ ?

ବାପା ଭାରି ଖୁସି ହୋଇଲେ
ଠିକ୍ କଲୁ କହିଲେ
ପିଲାଟିକୁ ନେଇ ସାଙ୍ଗରେ
ଜଳଖିଆ ଖୋଇଲେ।

ଖୁସି ହୋଇ ଗଲା ପିଲାଟି
ତାର ନିଜ ବାଟରେ
ସିପୁ ଖୁସି ହୋଇ ରହିଲା
ହେଲା ଭଲ ଚାଟରେ ।

ମିଶ୍ର କଲୋନୀ
ଶାଳପଡ଼ା , କେନ୍ଦୁଝର
ଦୂରଭାଷ - ୯୪୩୮୪୧୪୭୦୧



### ବହି
ସମର୍ପିତା ପାଣିଗ୍ରାହି

ଜୀବନକୁ ବଦଳାଇ
ମଣିଷ କରାଏ
ପାଦ ନ ଚଳାଇ ତିଳେ
ଦୁନିଆ ଦେଖାଏ।

ନିଜ ଭିତରେ ସାଇତି
ଯୁଗ ଯୁଗ କଥା
ଆଦି ଠାରୁ ଅନ୍ତ ଯାଏଁ
ଗାଏ ସଦା ଗାଥା।

ଜ୍ଞାନର ଭଣ୍ଡାର ସେହି
ଆଲୋକର ରାହା
ପ୍ରକୃତ ବନ୍ଧୁ ରୂପେ ସେ
ସଭିଙ୍କର ସାହା।

ବହି ସିଏ ଭଗବାନ
ପୁରାଣ ଓ ପୋଥି
ମୁକ୍ତିଦାତା ସଭିଙ୍କର
ଜ୍ଞାନ ମହୋଦଧି।

ନବମ ଶ୍ରେଣୀ
ମଡ଼ର୍ଣ୍ଣ ଇଂରାଜୀ ବିଦ୍ୟାଳୟ
ଜୟପୁର, କୋରାପୁଟ

### ବଢ଼ିଆରେ ବଢ଼ିଆ
ନୀଳମଣି ଚାନ୍ଦ

ଆମ ଘର ଓଡ଼ିଶା
'ୟାସ୍' ଘର ପଞ୍ଜାବ
ଆମ ନଈ ମହାନଦୀ
ତାଙ୍କ ନଈ ଚେନାବ।
ଅଛି ସ୍ୱର୍ଣ୍ଣ ମନ୍ଦିର
ସେଠି ଗୁରୁଦ୍ୱାରରେ
ଭାତ ନୁହେଁ ମକାରୋଟି
ଖାଦ୍ୟଟି ତ ତା'ରରେ।
ଖାଏ 'ଡାଲ୍ ମଖାନି'
ସେ 'ସୋରିଷଶାଗ'ରେ
ବସି ଭିଡେ 'ପଗଡ଼ି'ଟା
ସିଏ ବଡ଼ ବାଗରେ।
ପିନ୍ଧି 'ତମ୍ବା', 'କୁର୍ତ୍ତା'ରେ
ଅଲଗା ସେ ଦିଶଇ
ପାଞ୍ଚ 'କ' କଣ କଣ
ପଚାରିଲେ ହସଇ।
ତାଙ୍କ ପର୍ବ 'ବୈଶାଖୀ'
ଭାଙ୍ଗଡା' ସେ ଶିଖିଛି
ତା ଖାତାରେ ଗୁରୁମୁଖୀ
ଅକ୍ଷରରେ ଲେଖିଛି।
ସିଏ ସିନା ପଞ୍ଜାବୀ
ଆମେ ପରା ଓଡ଼ିଆ
ପରିଚୟ ଭାରତୀୟ
ବଢିଆରେ ବଢ଼ିଆ।

+ଭୁବନେଶ୍ୱର,
ମୋ:୯୫୮୩୨୦୨୩୫୭

### ସପ୍ତାହ ସାତଦିନ....
ରାମଚନ୍ଦ୍ର ବେହେରା

ଗୁରୁଜୀ ଥରେ ଅତି ଶ୍ରଦ୍ଧାରେ
କରିଲେ ଏକ ପ୍ରଶ୍ନ
ଏକ ସପ୍ତାହ କେତୋଟି ଦିନ
କାହାର ଅଛି ମନ।
ପ୍ରଶ୍ନକୁ ଶୁଣି କୁନା କହିଲା
ସପ୍ତାହ ସାତଦିନ
ସୋମବାରରୁ ଆରମ୍ଭ ହୁଏ
ରବିରେ ଶେଷ ଜାଣ।
ପ୍ରଥମ ଦିନ ସୋମବାରରେ
ସାହିତ୍ୟ ହୁଏ ପଢା
ମଙ୍ଗଳବାର ସଭିଙ୍କୁ ଡର
ଗଣିତ ଲାଗେ କଡ଼ା।
ବୁଧବାରରେ ବିଜ୍ଞାନ ପାଠ
ବଢାଏ ଆମ ଜ୍ଞାନ
ଗୁରୁବାରର ଇଂରାଜୀ ଶିକ୍ଷା
ହୁଏ ନାହିଁ ହଜମ।
ଶୁକ୍ରବାରକୁ ସମାଜ ଶିକ୍ଷା
ମନରେ ଦିଏ ଖୁସି
ଶନିବାରର ଡ୍ରଇଁକୁ ଦେଖି
ମାଆ ଦିଅନ୍ତି ହସି।
ରବିବାରରେ ସ୍କୁଲ ଛୁଟି
ସଭିଙ୍କୁ ଲାଗେ ମଜା
ଜେଜେଙ୍କ ସାଥେ ବଜାର ଯାଇଁ
ଖାଉ ଜିଲିପି ଗଜା।
କୁନାର କଥା ଶୁଣି ଗୁରୁଜୀ
କହିଲେ ହସି ଦେଇ
କେଉଁ ବିଷୟ ନୁହେଁ କଠିନ
ପଢିଲେ ମନ ଦେଇ।
କଠିନ ବିଦ୍ୟା କଲେ ଅଭ୍ୟାସ
ଲାଗେ ଭାରି ସରଳ
ସମୟ ଦେଖି ଯିଏ ପଢଇ
ସେହି ହୁଏ ସଫଳ।

+ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

# ବିଏମଏସ ପକ୍ଷରୁ ବିକ୍ଷୋଭ

ବାଲେଶ୍ୱର,୨୮।୪(ନି.ପ୍ର): ବିଭିନ୍ନ ଦାବି ନେଇ ଶ୍ରମିକ ସଂଗଠନ 'ଭାରତୀୟ ମଜଦୁର ସଂଘ' (ବିଏମଏସ) ପକ୍ଷରୁ ବିକ୍ଷୋଭ ସମାବେଶ ବୁଧବାର ଅନୁଷ୍ଠିତ ହୋଇଯାଇଛି ।ଏହି ପରିପ୍ରେକ୍ଷୀରେ ସଂଘର ଜିଲା ଶାଖା ପକ୍ଷରୁ ବାଲେଶ୍ୱର ରେଳ ଷ୍ଟେସନ ନିକଟରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା । ସେଠାରେ ସଂଘର ଜିଲା ସମ୍ପାଦକ ଅରୂପ କୁମାର ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଏକ ପ୍ରତିବାଦ ସଭାରେ ରାଜ୍ୟ ସଭାପତି ଶ୍ରମିକନେତା ପୃଥ୍ୱୀରାଜ ପଣ୍ଡା ଯୋଗଦେଇ ସାମ୍ପ୍ରତିକ ସ୍ଥିତିରେ ଦେଶର ଶ୍ରମିକ ସମାଜ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ଓ ଏହାର ନିରାକରଣ ସମ୍ପର୍କରେ ଆଲୋକପାତ କରିଥିଲେ । ବିଶେଷ କରି ଶ୍ରମିକଙ୍କ ସାମାଜିକ ସୁରକ୍ଷା ପ୍ରଦାନ, ଠିକା ପ୍ରଥା ଉଚ୍ଛେଦ, ୧୯୭୦ ଶ୍ରମ ଅଧିନିୟମର ସଂଶୋଧନ, ଜାତୀୟ ଶ୍ରମ ନୀତି ଲାଗୁ କରିବା, ସର୍ବନିମ୍ନ ମଜୁରି ବଦଳରେ ଜୀବିକା ଆଧାରରେ ପାରିଶ୍ରମିକ ନିର୍ଦ୍ଧାରଣ ପାଇଁ ସେ ଦାବି କରିଥିଲେ । କେନ୍ଦ୍ର ସରକାର ତୁରନ୍ତ ଏହି ଦାବି ପୂରଣ ପ୍ରତି ଗୁରୁତ୍ୱ ଦେବେ ବୋଲି ଶ୍ରୀ ପଣ୍ଡା ଆଶା ପ୍ରକାଶ କରିଥିଲେ ।ଏଥି ସହିତ ବାଲେଶ୍ୱର ଜିଲାର କାର୍ଯ୍ୟରତ ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ, ମଧ୍ୟାହ୍ନ ଭୋଜନ କର୍ମୀ ପ୍ରଭୃତି ସ୍କିମ ୱାର୍କର୍ସଙ୍କ ସମେତ ସମସ୍ତ ଠିକା କର୍ମଚାରୀ, ଅଣସଂଗଠିତ କ୍ଷେତ୍ର ଶ୍ରମିକ, ଇ-ରିକ୍ସା ଚାଳକ, ଶାଳପତ୍ର ଶ୍ରମିକଙ୍କ ସମସ୍ୟା ସାମାଧାନ ପାଇଁ ସେ ଦାବି କରିଥିଲେ ।

# ନିର୍ବାଚନ ପରିପ୍ରେକ୍ଷୀରେ ଏନଫୋର୍ସମେଂଟ ପ୍ରକ୍ରିୟା କଡ଼ାକଡ଼ି ଭାବରେ ପାଳନ ପାଇଁ ନିର୍ଦ୍ଦେଶ

ଝାରସୁଗୁଡ଼ା, ୨୮/୦୪ (ନି.ପ୍ର): ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀର ସଠିକ ଅନୁପାଳନ ପାଇଁ ଏନଫୋର୍ସମେଂଟ ଅଧିକ କଡ଼ାକଡ଼ି ଭାବରେ ପାଳନ ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସ୍ୱଚ୍ଛ ,ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ଓ ନିର୍ବାଚନରେ କୌଣସି ଅନିୟମିତତା ବରଦାସ୍ତ କରାଯିବ ନାହିଁ ବୋଲି ପର୍ଯ୍ୟବେକ୍ଷକ ସତର୍କ କରାଇଛନ୍ତି । ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ସାଧାରଣ ପର୍ଯ୍ୟବେକ୍ଷକ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଦେଓ କ୍ରିଷ୍ଣା ତିୱାରୀ ଓ ପୁଲିସ୍ ପର୍ଯ୍ୟବେକ୍ଷକ ଭାରତୀୟ ପୁଲିସ ସେବା ଅଧକାରୀ ହମିଦ ଅଖତର ଯୋଗ ଦେଇ ସମ୍ପୃକ୍ତ ଅଧିକାରୀମାନଙ୍କୁ ଯାଂଚ ପ୍ରକ୍ରିୟାକୁ ଅଧିକ କଡ଼ାକଡ଼ି ଭାବରେ ପାଳନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଇତି ମଧରେ ଯାଂଚ ପ୍ରକ୍ରିୟାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଉଭୟ ଫ୍ଲାଇଙ୍ଗ ସ୍କ୍ୱାର୍ଡ ଓ ଷ୍ଟାଟିକ ସର୍ଭେଲାନ୍ସ ଟିମ୍ ଦ୍ୱିଗୁଣିତ କରାଯାଇଛି । ପୂର୍ବରୁ ଉଭୟ ଟିମ୍‌ର ସଂଖ୍ୟା ଆଠ ଥିବାବେଳେ ଏବେ ଏହା ଷୋହଳକୁ ବୃଦ୍ଧି କରାଯାଇଛି । ନିର୍ବାଚନକୁ ଦୃଷ୍ଟିରେ ରଖି ଏନଫ୍ଲୋର୍ସମେଣ୍ଟକୁ ଅଧିକ କ୍ରିୟାଶୀଳ କରିବା ଲକ୍ଷ୍ୟରେ ଏହା କରାଯାଇଛି । ତଦନୁଯାୟୀ ଅଧିକାରୀମାନେ ଯାଂଚ ପ୍ରକ୍ରିୟାକୁ ଅଧିକ କଡାକଡି ଭାବରେ ପାଳନ କରିବା ଦିଗରେ ଯତ୍ନବାନ ହେବାକୁ ନିର୍ଦ୍ଦେଶ ଦିଆଯାଇଛି । ଏ ଦିଗରେ ତଦାରଖକାରୀ ଅଧିକାରୀମାନେ ମଧ ଅଧିକ କ୍ରିୟାଶୀଳ ହେବାକୁ ପରାମର୍ଶ ଦିଆଯାଇଛି । ସମ୍ପୃକ୍ତ ମାଜିଷ୍ଟ୍ରେଟ ଓ ପୁଲିସ ଅଧିକାରୀମାନେ ପରସ୍ପର ମଧରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଛି । ଭାରତୀୟ ଦଣ୍ଡ ସଂହିତା ଧାରା ୧୦୭ ଓ ୧୧୦, ସର୍ବସାଧାରଣ ସ୍ଥାନରୁ ଦଳୀୟ ପ୍ରଚାର ପତ୍ର ଓ ବ୍ୟାନର ଅପସାରଣ, ରୋଡ଼ କ୍ରସିଂ ବ୍ୟାନର ନ ଲଗାଯିବା, ବିନା ଅନୁମତିରେ ସଭା ସମିତି ଓ ଶୋଭାଯାତ୍ରା ଆୟୋଜନ, ବିନା ଅନୁମତିରେ ଡ଼ାକବାଜି ଯନ୍ତ୍ରର ବ୍ୟବହାର କରି ନିୟମ ଉଲଂଘନ କରୁଥିବା ବ୍ୟକ୍ତି ବିଶେଷଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ, ଯାନବାହନଗୁଡ଼ିକୁ ଯାଂଚ ପୂର୍ବକ ଧାର୍ଯ୍ୟ ପରିମାଣର ଅର୍ଥ ଓ ମଦ୍ୟ ସାଙ୍ଗରେ ନେଉଥିବା ବ୍ୟକ୍ତି ବିଶେଷଙ୍କୁ ଅଟକ ରଖି ସବିଶେଷ ତଥ୍ୟ ହାସଲ କରିବା, ଅପରାଧିକ ତତ୍ୱ ପ୍ରତି ନଜର ରଖିବା, ଲାଇସେନ୍ସପ୍ରାପ୍ତ ବନ୍ଧୁକଗୁଡ଼ିକ ସମ୍ପୃକ୍ତ ଅଧିକାରୀଙ୍କ ନିକଟରେ ଦାଖଲ କରାଯିବା ନେଇ ଆଦେଶଗୁଡ଼ିକ ସମ୍ପର୍କରେ ଆଲୋଚନା କରାଯାଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲା ନିର୍ବାଚନ ଅଧିକାରୀ ଓ ଜିଲ୍ଲାପାଳ ଅବୋଲୀ ସୁନିଲ ନରବଣେ,ଆରକ୍ଷୀ ଅଧିକ୍ଷକ ସ୍ମିତ୍ ପି. ପରମାର ଅଧିକାରୀମାନେ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶିକା ଅନୁସାରେ ଅନୁମତି ବିହୀନ କୌଣସି କାର୍ଯ୍ୟକୁ ପ୍ରଶୟ ନ ଦେବାକୁ ସତର୍କ କରାଇ ନିୟମ ଅନୁପାଳନ ପାଇଁ କଡ଼ା ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତପିରାମ ମାଝୀ,ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ପ୍ରବୀର କୁମାର ନାୟକ,ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଲଙ୍କେଶ୍ୱର ଅମାତ, ପ୍ରବନ୍ଧକ ନିର୍ଦ୍ଦେଶକ(ପୁନର୍ବାସ ଓ ଥଇଥାନ) ଆଲୋମଣୀ ସେଠୀ, ଡେପୁଟି କଲେକ୍ଟର ଶୁଚିତା ପୁଷ୍ପାଙ୍କ ସମେତ ସମ୍ପୃକ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ବ୍ରହ୍ମପୁରରେ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ

ଚମ୍ପୁଆ, ୨୮/୦୪ (ନି.ପ୍ର): ଚମ୍ପୁଆ ଥାନା ଅନ୍ତର୍ଗତ କରଞ୍ଜିଆ ବ୍ରହ୍ମପୁର ଗ୍ରାମରେ ମହିଳାଙ୍କୁ ଦାଣ୍ଡରେ ଗୋଡ଼ାଇ ଗୋଡ଼ାଇ ଠେଙ୍ଗାରେ ଓ ବାଡ଼ିରେ ଆକ୍ରମଣ କରିବା ଫଳରେ ଗୁରୁତର ଅବସ୍ଥାରେ ମହିଳା ଜଣକ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବାବେଳେ ଏନେଇ ଚମ୍ପୁଆ ଥାନାରେ ଅଭିଯୋଗ ହୋଇଥିବା ଜଣାପଡିଛି । ସୂଚନା ଅନୁଯାୟୀ, ବ୍ରହ୍ମପୁର ଗ୍ରାମର ଜୟନ୍ତୀ ଗିରି ଆଜି ସକାଳେ ନିଜ ଅଗଣାରେ ଝାଡୁ କରୁଥିବା ସମୟରେ ଝୁମ୍ପୁରା ଥାନା ଅନ୍ତର୍ଗତ ବାଲିବନ୍ଧ ଗ୍ରାମର ବିଜୟ ପ୍ରଧାନ, ପଙ୍କଜ ନାଏକ, ସୁବୋଧ ପ୍ରଧାନ, ଅନ୍ତର୍ଯାମୀ ପ୍ରଧାନ ହଟାତ ଗ୍ରାମରେ ପହଂଚି ଠେଙ୍ଗା ଓ ବାଡ଼ିରେ ମହିଳାଙ୍କୁ ଆକ୍ରମଣ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ । ତେବେ ଆକ୍ରମଣର କାରଣ ଜଣାପଡି ନାହିଁ । ଘଟଣା ସମୟରେ ମହିଳାଙ୍କ ପୁଅ ଓ ଗ୍ରାମର ଅନ୍ୟ ଜଣେ ବ୍ୟକ୍ତି ଛଡ଼ାଇବାକୁ ଯାଇ ଆକ୍ରମଣର ଶିକାର ହୋଇଥିବାବେଳେ ଗୁରୁତର ଅବସ୍ଥାରେ ମହିଳା ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିବା ଜଣାପଡିଛି । ଅନ୍ୟପଟେ ଚମ୍ପୁଆ ଥାନାରେ ଅଭିଯୋଗ ହେବାପରେ ଏନେଇ ଏକ ମାମଲା ରୁଜୁ ହୋଇଥିବା ଜଣାପଡିଛି ।

# ଅନ୍ତର୍ଜାତିକ ସେବିକା ଦିବସ ପାଳନ ଉପଲକ୍ଷେ ଆୟୋଜିତ ବିବିଧ ପ୍ରତିଯୋଗିତାରେ ସେଲ ଆରଏସପିର ଏନଟିଆଇ ବିଦ୍ୟାର୍ଥୀଙ୍କ ଉତ୍ସାହ ଓ ଦକ୍ଷତା ପ୍ରଦର୍ଶନ



ରାଉରକେଲା, ୨୮/୦୪ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାର ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍) ଅଧୀନରେ ଥିବା ନର୍ସେସ ଟ୍ରେନିଂ ଇନଷ୍ଟିଚ୍ୟୁଟର ଛାତ୍ରଛାତ୍ରୀମାନେ ଆଗାମୀ ଅନ୍ତର୍ଜାତୀୟ ସେବିକା ଦିବସ ପାଳନ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ସେମାନଙ୍କର ଅନ୍ତର୍ନିହିତ ପ୍ରତିଭା, ସାମର୍ଥ୍ୟ, ଦକ୍ଷତା ଏବଂ ଉତ୍ସାହ ପ୍ରଦର୍ଶନ କରୁଛନ୍ତି । ଖାଦ୍ୟ ମହୋତ୍ସବରେ, ଛଅ ଜଣ ସଦସ୍ୟଙ୍କୁ ନେଇ ଚାରୋଟି ଗୋଷ୍ଠୀ ଆକର୍ଷଣୀୟ ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରିଥିଲେ । ପ୍ରସ୍ତୁତି ଏବଂ ବିକ୍ରୟ ପ୍ରତିଯୋଗିତାରେ ଯେଉଁ ଗ୍ରୁପ୍ ସର୍ବନିମ୍ନ ବିନିଯୋଗ ସହିତ ସର୍ବାଧିକ ଲାଭ ଅର୍ଜନ କରିଥିଲା ପ୍ରତିଯୋଗିତାର ବିଜେତା ବିବେଚିତ ହୋଇଥିଲା । 'ଦ କ୍ୟାଚ୍ ଅଫ୍ ଦି ସପ' ଷ୍ଟଲ ଦେଇଥିବା ମଧୁଚନ୍ଦନ ସାହାଣୀ, ଚୁମକି କର, ପାୟଲ ପି ଭଞ୍ଜ, ଭାଗବତୀ ମୁରୁଲିଆ, ଅଞ୍ଜଳି କର୍ଣ୍ଣଲ, ଇପ୍ସିତା ବିଶ୍ୱାଳ ଏହି ପ୍ରତିଯୋଗିତାର ବିଜେତା ହୋଇଥିଲେ । ଅଙ୍କିତା ପରିଡା, ରଶ୍ମୀତା ମହାନ୍ତି, ସାଗରିକା ମହାନ୍ତି, ଇନ୍ଦୁମତି ହାଜିରା, ଦୀପାରାଣୀ ବେହୁରା ଏବଂ ଆଲିଶା ଆଚାର୍ଯ୍ୟଙ୍କୁ ନେଇ ଗଠିତ ଫୁଡି ସ୍ୱଟ୍ ଲାଇଟ୍ ଦଳ ରନର୍ସଅପ୍ ହୋଇଥିଲେ । "ଆମର ନର୍ସ ଆମର ଭବିଷ୍ୟତ" ବିଷୟବସ୍ତୁ ଉପରେ ୨୫ଜଣ ଛାତ୍ରଛାତ୍ରୀ ବାକ୍ ପ୍ରତିଯୋଗିତାରେ ଭାଗ ନେଇଥିଲେ । ଏଥିରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ପୁରସ୍କାର ବିଜେତା ଭାବେ ଜ୍ୟୋତିର୍ମୟୀ ପଟ୍ଟନାୟକ, ଅଙ୍କିତା ପରିଡା ଏବଂ ଏସ କେ ମହମ୍ମଦ ଆଜାଦ ଘୋଷିତ ହୋଇଥିଲେ ।
'ମାଆ' ବିଷୟବସ୍ତୁ ଉପରେ ଆଧାରିତ କବିତା ଲିଖନ ଏବଂ ଆବୃତ୍ତି ପ୍ରତିଯୋଗିତାରେ ୨୩ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଏହି ପ୍ରତିଯୋଗିତାରେ ଆଲିଶା ଆଚାର୍ଯ୍ୟ, ସସ୍ମିତା ବେହେରା ଏବଂ ଲିପିବର୍ଣ୍ଣା ବେହେରା ଯଥାକ୍ରମେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ପୁରସ୍କାର ଲାଭ କରିଥିଲେ । ଏକକ ନୃତ୍ୟ ପ୍ରତିଯୋଗିତାରେ ଶୁଭସ୍ମିତା ଦାଶ, ପ୍ରିୟଦର୍ଶିନୀ ମହାରଣା ଏବଂ ବନିତା ଲେଙ୍କା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ପୁରସ୍କାର ପାଇଥିଲେ । ଏଥିରେ ମୋଟ ୧୮ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ ।

# ସୁରକ୍ଷା ଅଡିଟ୍, ଅନ୍ତର ଚିହ୍ନଟ ଏବଂ ଦୁର୍ଘଟଣା ପ୍ରଶମନ କରିବାକୁ ସ୍ୱେଚ୍ଛାସେବୀଙ୍କୁ ପ୍ରଶିକ୍ଷଣ

ଝାରସୁଗୁଡ଼ା, ୨୮/୦୪ (ନି.ପ୍ର): ବିଶ୍ୱ କାର୍ଯ୍ୟ କ୍ଷେତ୍ରରେ ସୁରକ୍ଷା ଓ ସ୍ୱାସ୍ଥ୍ୟ ଦିବସ ପରିପ୍ରେକ୍ଷୀରେ ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଏହାର ଅଗ୍ନିବାହିନୀ ଅଗ୍ନିଶମ ଦଳ ଘୋଷଣା କରାଯାଇଛି ଯାହା ହେଉଛି ମହିଳା କର୍ମଚାରୀମାନଙ୍କ ଏକ ସ୍ୱତନ୍ତ୍ର ସ୍କ୍ୱାଡ ବା ଦଳ ଯାହାଙ୍କୁ ଅଗ୍ନିଶମ ଭଳି ଜଟିଳ ତଥା ଗୁରୁତ୍ୱପୂର୍ଣ୍ଣ ଦକ୍ଷତାରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିବାବେଳେ ସେହି ବାହିନୀ ଏବେ ୧୦୦ ସଦସ୍ୟ ବିଶିଷ୍ଟ ଦୃଢ଼ ଦଳରେ ପରିଣତ ହୋଇଛି । ଅଗ୍ନି ନିରାପତା ଦଳ ସହ କାର୍ଯ୍ୟ କରୁଥିବା ଏହି ବାହିନୀ କଂପାନିର ଝାରସୁଗୁଡ଼ାରେ ଥିବା ଦୁନିଆର ଅନ୍ୟତମ ସର୍ବବୃହତ ଆଲୁମିନିୟମ୍ ସ୍ମେଲଟର କାର୍ଯ୍ୟକ୍ଷେତ୍ରରେ ଅଗ୍ନି ସମ୍ପର୍କିତ ଘଟଣାର ପ୍ରତିରୋଧ ଏବଂ ମୁକାବିଲା ପଦକ୍ଷେପକୁ ସୁଦୃଢ଼ କରିଛି ।
ଏହା ସହିତ କଂପାନି ଏହି ବିଶ୍ୱାସକୁ ଦୃଢ଼ ଭାବେ ପ୍ରତିଷ୍ଠିତ କରିଛି ଯେ ବୈଷୟିକ କିମ୍ବା ଅଣ ବୈଷୟିକ ସବୁ ପେଶାଦାର ଭୂମିକା ପାଇଁ ଲିଙ୍ଗ ଭିତିକ ନୁହେଁ ବରଂ ଦକ୍ଷତା ଭିତିକ ହେବା ଆବଶ୍ୟକ । ୨୦୧୮ରେ ଶୁଭାରମ୍ଭ ହୋଇଥିବା ଅଗ୍ନିବାହିନୀ ତାଲିମ କାର୍ଯ୍ୟକ୍ରମରେ ଏବେ ପ୍ରଶିକ୍ଷୀତ ଅଗ୍ନିଶମ କର୍ମଚାରୀଙ୍କ ସପ୍ତମ ବ୍ୟାଚ୍‌କୁ ସାମିଲ କରାଯାଇଛି ।
ଏହି କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ଭାବେ ସାମିଲ ହେବା ଲାଗି ସବୁ କ୍ଷେତ୍ରର ମହିଳା କର୍ମଚାରୀମାନଙ୍କୁ ଆମନ୍ତ୍ରଣ କରାଯାଉଛି ଯେଉଁଠାରେ ସେମାନେ ୩ ମାସିଆ କଠିନ ତାଲିମ ପ୍ରକ୍ରିୟା ଦେଇ ଗତି କରୁଚନ୍ତି ।
ଏହି ତାଲିକ ପାଠ୍ୟକ୍ରମରେ ଉଭୟ ଥିଓରି ଓ ପ୍ରାକ୍ଟିକାଲ୍ ମଡ୍ୟୁଲ୍ ରହିଛି ଯେଉଁଥିରେ ମୌଳିକ ଅଗ୍ନି ପ୍ରତିରୋଧ ଓ ମୁକାବିଲା ପଦ୍ଧତି, ଜରୁରୀକାଳୀନ ପ୍ରସ୍ତୁତି, କ୍ଷେତ୍ରରେ ଜରୁରୀକାଳୀନ ଡ୍ରିଲ୍ ଆଦି ସାମିଲ କରାଯାଇଛି । ସମ୍ଭାବ୍ୟ ଅଗ୍ନି ବିପଦକୁ ଚିହ୍ନଟ କରିବା ଓ ଅଗ୍ନି ପ୍ରତିରୋଧ ଅଡିଟ୍ କରିବା ଲାଗି ଏହି ଟିମ୍ କାରଖାନାର ଅଗ୍ନି ନିରାପତା ଟିମ୍ ସହିତ ମିଶି କାର୍ଯ୍ୟ କରୁଛି । ଏହା ସହିତ ଅଗ୍ନିବାହିନୀର ସଦସ୍ୟମାନେ ଝାରସୁଗୁଡ଼ା ଜିଲ୍ଲାରେ ସମାଜରେ ଅଗ୍ନି ନିରାପତା ତାଲିମ ଆୟୋଜନ କରୁଛନ୍ତି ଯାହା ଫଳରେ ସମାଜରେ ସଚେତନତା ଏବଂ ପ୍ରସ୍ତୁତିରେ ଉନ୍ନତି ହୋଇପାରୁଛି ।
ଏହି ଅଭିଯାନର ପ୍ରଭାବ ସମ୍ପର୍କରେ ବର୍ଣ୍ଣନା କରି ବେଦାନ୍ତ ଲିମିଟେଡ୍-ଝାରସୁଗୁଡ଼ାର ସିଇଓ ଶ୍ରୀ ସୁନିଲ ଗୁପ୍ତା କହିଛନ୍ତି ଯେ, ବେଦାନ୍ତରେ ଆମ ପାଇଁ କାର୍ଯ୍ୟ କ୍ଷେତ୍ରରେ ସୁରକ୍ଷା ଓ ସ୍ୱାସ୍ଥ୍ୟ ଶ୍ରେଷ୍ଠ ଅଗ୍ରାଧିକାର କ୍ଷେତ୍ର ହୋଇ ରହିଛି ଏବଂ ଆମର ସମସ୍ତ କର୍ମଚାରୀ ଓ ବ୍ୟବସାୟ ସହଯୋଗୀମାନଙ୍କୁ ଏକ ସୁରକ୍ଷିତ ଓ ସୁସ୍ଥକର କାର୍ଯ୍ୟ ପରିବେଶ ପ୍ରଦାନ କରିବା ଲାଗି ନୂଆ, ଅଭିନବ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଲାଗି ଆମ ଆଭିମୁଖ୍ୟକୁ ବଦଳାଇବା ପ୍ରତି ଆମେ ପ୍ରତିବଦ୍ଧ ରହିଛୁ । ସେହି ଉଦ୍ୟମର ଏକ ଉଲ୍ଲେଖନୀୟ ଫଳ ହେଉଛି ଆମର ଅଗ୍ନିବାହିନୀ କାର୍ଯକ୍ରମ ଏବଂ ଏହି ଅଭିଯାନରେ ୧୦୦ରୁ ଅଧିକ ମହିଳା ଅଗ୍ନିଶମ କର୍ମଚାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିବାରୁ ଆମେ ଗର୍ବିତ । ଆମ ପରିଚାଳନାରେ ଅଭ୍ୟୁଦୟ ହେଉଥିବା ବେଳେ ଆମର ବିପଦ ମୁକାବିଲା ରଣନୀତି ଏବଂ ପଦ୍ଧତିରେ ମଧ ସେହି ଅନୁସାରେ ଅଭ୍ୟୁଦୟ ହେଉଛି ଯଦ୍ୱାରା ବିଶ୍ୱ ସ୍ତରରେ ପ୍ରଚଳିତ ଶ୍ରେଷ୍ଠ ପ୍ରଥା ସହିତ ତାଳ ଦେଇ ଚାଲିବା ଏବଂ ନୂଆ ମାନଦଣ୍ଡ ଧାର୍ଯ୍ୟ କରାଯାଇପାରୁଛି ।
ଉନ୍ନତ ପ୍ରଯୁକ୍ତି, ସୁଦୃଢ଼ ପ୍ରକ୍ରିୟା ଏବଂ ବ୍ୟବହାର ଭିତିକ ସୁରକ୍ଷାକୁ ନିଶ୍ଚିତ କରିବା ଉପରେ ନିରନ୍ତର ଗୁରୁତ୍ୱ ସହ ସୁରକ୍ଷା ପରିଚାଳନା ବ୍ୟବସ୍ଥାନରେ ରହିଥିବା ଅନ୍ତରକୁ ଅନୁଶୀଳନ କରିବା ଏବଂ ସେଥିରେ ଉନ୍ନତି ଆଣି ଏକ ସୁରକ୍ଷିତ କାର୍ଯ୍ୟକ୍ଷେତ୍ର ଓ ସମାଜ ସୃଷ୍ଟି କରିବା ଦିଗରେ ବେଦାନ୍ତ ଆଲୁମିନିୟମ୍ ନିରନ୍ତର ଭାବେ କାର୍ଯ୍ୟ କରୁଛି । ଏହି ପ୍ରକ୍ରିୟା ଜରିଆରେ ଏହା ବ୍ୟାପକ ସୁରକ୍ଷା ପ୍ରୋଟୋକଲ୍ ମୃତୟନ କରିଥିବା ବେଳେ ଏହା ସହିତ ୨୪୦ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦେଇଛି ଏବଂ ସେମାନଙ୍କୁ ସୁରକ୍ଷା ମାନକ ଚାମ୍ପିଆନ୍ ଭାବେ ପରିଚିତ କରି ଏହାର କାର୍ଯ୍ୟକାରୀତାକୁ ଆଗକୁ ବଢ଼ାଉଛି ।
ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦନକାରୀ ବେଦାନ୍ତ ଲିମିଟେଡ୍‌ର ଏକ ବ୍ୟବସାୟ ବେଦାନ୍ତ ଆଲୁମିନିୟମ୍ ପକ୍ଷରୁ ଭାରତର ଅଧା ଆଲୁମିନିୟମ୍ ଅର୍ଥାତ ୨୦୨୧-୨ ଆର୍ଥିକ ବର୍ଷରେ ୨.୨୬ ନିୟୁତ ଟନ୍ ଉତ୍ପାଦନ କରାଯାଇଛି । ଏହା ମୂଲ୍ୟ ଯୁକ୍ତ ଆଲୁମିନିୟମ୍ ଉତ୍ପାଦନର ଅଗ୍ରଣୀ ସଂସ୍ଥା ଯାହାକୁ ମୌଳିକ ଶିଳ୍ପର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ବ୍ୟବହାର କରାଯାଉଛି । ଆଲୁମିୟମ୍ ଶିଳ୍ପ ପାଇଁ ବିଶ୍ୱ ର୍ୟାଙ୍କିଙ୍ଗ୍ ଡାଓ ଜୋନ୍ସ ସଷ୍ଟେନେବିଲିଟି ଇଣ୍ଡେକ୍ସ (ଡିଜେଏସ୍ ?ଆଇ) ୨୦୨୧ରେ ବେଦାନ୍ତ ଆଲୁମିନିୟମ୍‌ର ର୍ୟାଙ୍କ ଚତୁର୍ଥ ସ୍ଥାନରେ ରହିଛି ଯାହା ହେଉଛି ଏହାର ନିରନ୍ତରତା ବିକାଶ ପ୍ରଥାର ପ୍ରତିଫଳନ । ଭାରତରେ ବିଶ୍ୱଶ୍ରେଣୀର ଆଲୁମିନିୟମ୍ ସ୍ମେଲଟର, ଆଲୁମିନା ରିଫାଇନାରି ଓ ପାୱାର ପ୍ଲାଂଟ୍‌କୁ ସହ କଂପାନି ଏକ ସବୁଜ ଭବିଷ୍ୟତ ପାଇଁ ଭବିଷ୍ୟତର ଧାତବ' ଭାବେ ଆଲୁମିନିୟମ୍‌ର ଉଦୀୟମାନ ବ୍ୟବହାରକୁ ବଢ଼ାଇବା ପାଇଁ ଏହାର ଲକ୍ଷ୍ୟ ପୂରଣ କରୁଛି ।

# ପୂର୍ବତନ ପାରା କର୍ମଚାରୀ ଗିରଫ

ପାରଳାଖେମୁଣ୍ଡି, ୨୮/୦୪ (ନି.ପ୍ର): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଏସ.ପାଇଲାମ ଗ୍ରାମ ପୋଖରୀରୁ ବିପୁଳ ପରିମାଣର ରକ୍ତ ଚନ୍ଦନ କାଠ ଜବତ ଘଟଣାରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ବନ ବିଭାଗ । ସ୍ୱତନ୍ତ୍ର ଅପରେସନ ଚଳାଇ ଏହାର ମାଷ୍ଟରମାଇଣ୍ଡ ତଥା ପୂର୍ବତନ ପାରା କର୍ମଚାରୀ ସିମାଦ୍ରୀ ଭୂୟାଁଙ୍କୁ ଗିରଫ କରାଯାଇଛି । ସେ ଦୀର୍ଘ ୯ ବର୍ଷ ଧରି ମହେନ୍ଦ୍ର ବନାଂଚଳ ଅଧିକାରୀଙ୍କ ଅଧିନରେ କାର୍ଯ୍ୟ କରୁଥିଲେ । ଗତବର୍ଷ କୌଣସି କାରଣବଶତଃ ଚାକିରୀ ଛାଡି ଦେଇଥିଲେ ।

# ବିଧୁ ଭୂଷଣ ତ୍ରିପାଠୀ ପିସିସି ସାଧାରଣ ସମ୍ପାଦକ ନିଯୁକ୍ତ

ବଲାଙ୍ଗିର, ୨୮/୦୪ (ନି.ପ୍ର): ପିସିସି ସଭାପତିଙ୍କ ସୁପାରିଶ ଏବଂ ସର୍ବ ଭାରତୀୟ କଂଗ୍ରେସ କମିଟି ସଭାପତି ମାଲିକାର୍ଜୁନ ଖାର୍ଗେଙ୍କ ଅନୁମୋଦନ କ୍ରମେ ଯୁବନେତା ତଥା ସର୍ବ ଭାରତୀୟ କଂଗ୍ରେସ କମିଟି ସଭ୍ୟ ବିଧୁ ଭୂଷଣ ତ୍ରିପାଠୀଙ୍କୁ ପିସିସି ସାଧାରଣ ସମ୍ପାଦକ ରୁପେ ନିଯୁକ୍ତି ମିଳିଛି । ଛାତ୍ର ଜୀବନରୁ କଂଗ୍ରେସ ଦଳ ସହିତ ଜଡିତ ଶ୍ରୀ ତ୍ରିପାଠୀ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଛାତ୍ର ସଂସଦ ସଭାପତି ରୂପେ ନିର୍ବଚିତ ହୋଇ ରାଜ୍ୟ ଛାତ୍ର କଂଗ୍ରେସର ମୁଖପାତ୍ର ରୂପେ ତିନି ବର୍ଷ କାର୍ଯ୍ୟ କରିଥିଲେ ।୨୦୦୧ ମସିହାରୁ ୨୦୧୧ ମସିହା ପର୍ଯ୍ୟନ୍ତ ଜିଲ୍ଲା ଯୁବ କଂଗ୍ରେସ ସଭାପତି ଭାବେ ସଫଳତାର ସହ ଦଳ ପାଇଁ କାର୍ଯ୍ୟ କରିଥିଲେ । ପିସିସି ସମ୍ପାଦକ ରୂପେ ମଧ ତିନି ବର୍ଷ ଧରି ନୂଆପଡ଼ା ଜିଲ୍ଲାର ପ୍ରଭାରୀ ରୂପେ ସେ କାର୍ଯ୍ୟ କରିବା ସହ ରାଜୀବ ଗାନ୍ଧୀ ପଂଚାୟତିରାଜ ସଂଗଠନର ଜିଲ୍ଲା ସଭାପତି ରୂପେ କାର୍ଯ୍ୟ କରିଥିଲେ । ନିର୍ବାଚିତ ପିସିସି ଓ ଏଆଇସିସି ସଭ୍ୟ ଥିବା ଶ୍ରୀ ତ୍ରିପାଠୀ ଦେଶର ବିଭିନ୍ନ ରାଜ୍ୟରେ ମଧ କଂଗ୍ରେସ ଦଳର ସଂଗଠନ ଓ ନିର୍ବାଚନ ପାଇଁ କାର୍ଯ୍ୟ କରିଛନ୍ତି । ଗତ ୨୦୧୯ ନିର୍ବାଚନ ସମୟରେ ସୋନିଆ ଗାନ୍ଧୀଙ୍କ ନିର୍ବାଚନ ମଣ୍ଡଳୀ ରାଇବରେଲିରେ ମଧ ନିର୍ବାଚନ ପ୍ରଚାର କାର୍ଯ୍ୟ କରିଥିଲେ । ପିସିସି ତତଫରୁ ସୁନ୍ଦରଗଡ଼ ଜିଲ୍ଲା ଓ କଳାହାଣ୍ଡି ଜିଲ୍ଲାର ପର୍ଯ୍ୟବେକ୍ଷକ ରୂପେ କାର୍ଯ୍ୟ କରିଥିବା ଶ୍ରୀ ତ୍ରିପାଠୀ ନିଜର ଏହି ନୂଆ ନିଯୁକ୍ତି ପାଇଁ ସର୍ବ ଭାରତୀୟ କଂଗ୍ରେସ କମିଟି ସଭାପତି ମଲିକାର୍ଜୁନ ଖାର୍ଗେ, ସର୍ବ ଭାରତୀୟ କଂଗ୍ରେସ କମିଟିର ଚେଲ୍ଲା କୁମାର ଓ ପିସିସି ସଭାପତି ଶରତ ପଟ୍ଟନାୟକଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ଦଳ ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତିବଦ୍ଧ ଥିବା କହିଛନ୍ତି ।

# ଗଞ୍ଜାମ ଜିଲ୍ଲାର ପଛୁଆ ବର୍ଗର ଲୋକମାନଙ୍କର ସାମାଜିକ ଓ ଶିକ୍ଷାଗତ ସ୍ଥିତି ସର୍ଭେ କାର୍ଯ୍ୟ ମଇ ପହିଲାରୁ ଆରମ୍ଭ ହେବ

ଗଞ୍ଜାମ, ୨୮/୦୪ (ନି.ପ୍ର): ଗଞ୍ଜାମ ଜିଲ୍ଲାର ପଛୁଆ ବର୍ଗର ଲୋକ ମାନଙ୍କର ସାମାଜିକ ଓ ଶିକ୍ଷାଗତ ସ୍ଥିତି ସମ୍ପର୍କରେ ସର୍ଭେ କାର୍ଯ୍ୟ ଆସନ୍ତା ମଇ ମାସ ପହିଲା ଠାରୁ ଆରମ୍ଭ ହୋଇ ୨୭ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ଏଥି ସକାଶେ ପ୍ରାକ୍ ପ୍ରସ୍ତୁତି ଏବଂ ଏହାର ସଠିକ ସର୍ଭେ କାର୍ଯ୍ୟ ଅନୁପାଳନ କରିବା ନେଇ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି କାର୍ଯ୍ୟ ସମ୍ପାଦନ କ୍ଷେତ୍ରରେ ଅତିରିକ୍ତ ଜିଲ୍ଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି ଗୁରୁବାର ଆଭାସୀ ବୈଠକରେ ସମସ୍ତ ସଂପୃକ୍ତ ଅଧିକାରୀ ମାନଙ୍କ ସହିତ ଆଲୋଚନା କରିଛନ୍ତି । ଏହି କାର୍ଯ୍ୟରେ ନିୟୋଜିତ ହୋଇଥିବା ଏନୁମେଟର ଓ ସୁପରଭାଇଜର୍ ମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟ ଆଜି ୨୭ ତାରିଖ ଠାରୁ ୩୦ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ଜନ ସାଧାରଣଙ୍କ ସଚେତନତା ସକାଶେ ରଥ ପରିଭ୍ରମଣ ହେବ ଏବଂ ଲିଫ୍ଲେଟ୍ ବଂଟନ ହେବ । ସର୍ଭେ କାର୍ଯ୍ୟ ସକାଶେ ଆସିଥିବା ସମସ୍ତ ସାମଗ୍ରୀ ଗୁଡିକ ଇତି ମଧରେ ବଂଟନ ହୋଇଛି । ଓଡିଶା ରାଜ୍ୟ ପଛୁଆ ବର୍ଗ କମିଶନ୍ ଅଧିନିୟମ ଥିବା ବ୍ୟବସ୍ଥା ଅନୁଯାୟୀ ଓଡିଶାରେ ଥିବା ପଛୁଆ ବର୍ଗର ଲୋକ ମାନଙ୍କର ସାମାଜିକ ତଥା ଶିକ୍ଷାଗତ ସ୍ଥିତି ସଂକ୍ରାନ୍ତରେ ଗଠିତ ଓଡିଶା ରାଜ୍ୟ ପଛୁଆ ବର୍ଗ କମିଶନଙ୍କ ଦ୍ୱାରା ସର୍ଭେ କରିବା ପ୍ରସ୍ତାବକୁ ଅନୁମୋଦନ ପରେ ସର୍ଭେ କାର୍ଯ୍ୟ ହେବ । ପଛୁଆ ବର୍ଗର ଲୋକ ମାନଙ୍କର ବୃତି, ଶିକ୍ଷାଗତ ଯୋଗ୍ୟତା ସହିତ ସେମାନଙ୍କର ପରିବାରର ଲୋକମାନେ କେଉଁ ପ୍ରକାର ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଛନ୍ତି ସେ ବିଷୟରେ ସୂଚନା ମିଳିବା ଦ୍ୱାରା ସେମାନଙ୍କର ସାମାଜିକ ଓ ଶିକ୍ଷାଗତ ସ୍ଥିତି ସମ୍ବନ୍ଧରେ ସଠିକ୍ ତଥ୍ୟ ପ୍ରାପ୍ତ ହୋଇ ପାରିବ । ଗଞ୍ଜାମ ଜିଲ୍ଲାରେ ୨୪୦ ୱାର୍ଡ ଏବଂ ୫୦୩ ଗ୍ରାମ ପଂଚାୟତ ଏଭଳି ସମୁଦାୟ ୭୪୩ ଗୋଟିରେ ଏହି ସର୍ଭେ କାର୍ଯ୍ୟ ହେବ । ଏଥି ସକାଶେ ସମୁଦାୟ ୧୮୩୮ ଗୋଟି ସର୍ଭେ ସେଂଟର ବ୍ୟବସ୍ଥା ହୋଇଛି । ସମୁଦାୟ ୨୨୯୬ ଜଣ ଏନୁମେଟର୍ ଏବଂ ୨୩୬ ଜଣ ସୁପରଭାଇଜରଙ୍କୁ ଦାୟୀତ୍ୱ ପ୍ରଦାନ କରାଯାଇଛି । କିଭଳି ସର୍ଭେ କାର୍ଯ୍ୟ ସୁସମ୍ପାଦନ କରିବେ ସେଥି ସକାଶେ ବ୍ଲକ୍ ସ୍ତରରେ ୬୫ ଜଣ ମାଷ୍ଟର ଟ୍ରେନର, ସହରାଂଚଳରେ ୯୨ ଜଣ ଏଭଳି ସମୁଦାୟ ୧୫୭ ଜଣ ମାଷ୍ଟର ଟ୍ରେନର ପ୍ରଶିକ୍ଷଣ ପ୍ରଦାନ କାର୍ଯ୍ୟରେ ନିୟୋଜିତ ଅଛନ୍ତି । ବ୍ଲକ୍ ସ୍ତରରେ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଗଣ, ବିଜ୍ଞାପିତ ଅଂଚଳ ଓ ପୌରାଂଚଳରେ କାର୍ଯ୍ୟନିର୍ବାହୀ ଅଧିକାରୀଗଣ ନୋଡାଲ ଅଧିକାରୀ ଭାବେ କାର୍ଯ୍ୟର ସୁପରିଚାଳନା କରିବେ । ଜିଲ୍ଲା ସ୍ତରରେ ଅତିରିକ୍ତ ଜିଲ୍ଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି ଜିଲ୍ଲା ସ୍ତରୀୟ ନୋଡାଲ ଅଧିକାରୀ ଭାବେ ଦାୟୀତ୍ୱ ସମ୍ପାଦନ କରୁଛନ୍ତି । ଏ କ୍ଷେତ୍ରରେ ଡେପୁଟି କଲେକ୍ଟର ସୁକାନ୍ତ ମିଶ୍ର ସୁପରିଚାଳନ ଦାୟୀତ୍ୱରେ ରହିଛନ୍ତି । ସମସ୍ତ କାର୍ଯ୍ୟ ଯେଭଳି ସଠିକ୍ ହେବ ସେଥି ସକାଶେ ଗଞ୍ଜାମ ଜିଲ୍ଲାପାଳ ସମସ୍ତ ଅଧିକାରୀ ମାନଙ୍କୁ ଜଣାଇଛନ୍ତି ।

# ସେଲ ରାଉରକେଲା ଇସ୍ପାତ କାରଖାନାର କ୍ୟାପ୍ଟିଭ୍ ପାୱାର୍ ପ୍ଲାଣ୍ଟ-୧ ରେ ୩୩ କେଭି ଜିଆଇଏସ ସବ୍-ଷ୍ଟେସନ ଓ ନୂତନ ସମନ୍ୱିତ ବିଦ୍ୟୁତ ନିୟନ୍ତ୍ରଣ କକ୍ଷ ଉଦ୍‌ଘାଟିତ




ରାଉରକେଲା, ୨୮/୦୪ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର କ୍ୟାପ୍ଟିଭ୍ ପାୱାର୍ ପ୍ଲାଣ୍ଟ-୧ (ସିପିପି-୧) ରେ ନୂତନ ୩୩ କେଭି ଗ୍ୟାସ୍ ଇନସୁଲେଟେଡ୍ ସିଷ୍ଟମ୍ ସବ୍ ଷ୍ଟେସନ୍ ତଥା ନୂତନ ସମନ୍ୱିତ ବିଦ୍ୟୁତ ନିୟନ୍ତ୍ରଣ କକ୍ଷକୁ ଭାରପ୍ରାପ୍ତ ନିର୍ଦ୍ଦେଶକ, ଶ୍ରୀ ଅତନୁ ଭୌମିକ ଅପ୍ରେଲ ୨୫ ତାରିଖରେ ଉଦଘାଟନ କରିଥିଲେ । ଏହି ଅବସରରେ କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ପି କେ ଶତପଥୀ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ସୋମନାଥ ତ୍ରିପାଠୀ, ଅର୍ଥ ବିଭାଗର ସିଜିଏମ ଇନ ଚାର୍ଜ, ଶ୍ରୀ ଏ କେ ବେହୁରିଆ, ସେବା ବିଭାଗର ସିଜିଏମ ଇନ ଚାର୍ଜ, ଶ୍ରୀ ଦେବବ୍ରତ ଦତ୍ତ, ବହୁ ଅନ୍ୟ ସିଜିଏମ, ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।ସୂଚନାଯୋଗ୍ୟ ଯେ, ଉନ୍ନତତର ନିର୍ଭରଶୀଳତା ଓ କାର୍ଯ୍ୟ ନିପୁଣତା ହାସଲ ନିମନ୍ତେ ବିଦ୍ୟମାନ ଏୟାର ଇନସୁଲେଟେଡ୍ ସିଷ୍ଟମ୍ ସବ୍ ଷ୍ଟେସନକୁ ଉପରୋକ୍ତ ଗ୍ୟାସ୍ ଇନସୁଲେଟେଡ୍ ସିଷ୍ଟମ୍ ସବ୍ ଷ୍ଟେସନ୍ ରେ ରୂପାନ୍ତରଣର ପ୍ରମୁଖ ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯାଇଛି ।
ଏହି ଅବସରରେ ନିଜର ବକ୍ତବ୍ୟରେ ଶ୍ରୀ ଭୌମିକ ପ୍ରକଳ୍ପର ନିରାପଦ ତଥା ସଫଳ କମିଶନିଙ୍ଗ ପାଇଁ ସିପିପି-୧ ସାମୁଦାୟିକ, ବିଦ୍ୟୁତ ବିତରଣ, ସିଇଟି ଏବଂ ସ୍ନାଇଡର ଇଲେକ୍ଟ୍ରିକ୍ ଟିମକୁ ଅଭିନନ୍ଦନ ଜଣାଇବା ସହ ଆରଏସପି ସାମୂହିକଙ୍କୁ ଦୁର୍ବଳକ୍ଷେତ୍ର ଚିହ୍ନଟ କରିବା ସଙ୍ଗେସଙ୍ଗେ କାରଖାନାର ପ୍ରଦର୍ଶନରେ ଉନ୍ନତି ଆଣିବା ନିମନ୍ତେ ଏଥିସମ୍ବନ୍ଧୀୟ ଉନ୍ନତିମୂଳକ ପ୍ରକଳ୍ପ ଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ ।
ପ୍ରକଳ୍ପର ସୁଗମ ତଥା ନିରାପଦ କମିଶନିଙ୍ଗ ପାଇଁ ନିର୍ବାହୀ ନିର୍ଦ୍ଦେଶକମାନେ ମଧ ସାମୁଦାୟିକଙ୍କୁ ଅଭିନନ୍ଦନ ଜଣାଇଥିଲେ ।
ଏହି ଜଟିଳ ବୈଷୟିକ ଉନ୍ନତିକରଣ ପ୍ରକଳ୍ପ ୨୦୨୧ ଅଗଷ୍ଟ ମାସରେ ଆରମ୍ଭ ହୋଇଥିଲା । ଉକ୍ତ ଅନନ୍ୟ ପ୍ରକଳ୍ପ ସିପିପି-୧ରେ କାର୍ଯ୍ୟଦକ୍ଷତାରେ ଉନ୍ନତି ଆଣିବା କ୍ଷେତ୍ରରେ ସହାୟକ ହେବ । ସୂଚନାଯୋଗ୍ୟ ଯେ, ୧୯୫୦ ଦଶକ ଶେଷ ଭାଗରେ ସ୍ଥାପିତ ହୋଇଥିବା ସିପିପି-୧ର ୩୩ କେଭି ସବ୍ ଷ୍ଟେସନ୍ ରେ ୫୦ ଟି ପ୍ୟାନେଲ୍, ସିଙ୍କ୍ରୋନାଇଜଡ୍ ଜେନେରେଟର ଏବଂ ଡବଲ୍ ବସ୍ ପାୱାର୍ ବ୍ୟବସ୍ଥାରେ ୩ ଭାଗରେ ବଣ୍ଟିତ ଏକାଧିକ ଫିଡର୍ ରହିଛି । ଆରଏସପିରେ ଜଟିଳ ଓ ମହତ୍ତ୍ୱପୂର୍ଣ୍ଣ କ୍ୟାଟେଗୋରୀ-୧ ପାୱାର ସିଷ୍ଟମର ନିର୍ଭରଶୀଳତା ଓ ସ୍ଥିରତାରେ ଉନ୍ନତି ତଥା ବୈଷୟିକ ଅନୁପଯୁକ୍ତତା ଦୂର କରିବା ପାଇଁ ଏହି ସାତ ଦଶନ୍ଧି ପୁରୁଣା ସବ ଷ୍ଟେସନକୁ ଅତ୍ୟାଧୁନିକ ସୁରକ୍ଷା ଏବଂ ନିୟନ୍ତ୍ରଣ ପ୍ରଣାଳୀ ସହିତ ଉନ୍ନତିକରଣ କରାଯାଇଛି ଏବଂ ଏଥିସହିତ ନିୟନ୍ତ୍ରଣ କକ୍ଷର ମଧ ନବୀକରଣ କରାଯାଇଛି । ଏହା ଏକ ବ୍ରାଉନ୍ ଫିଲ୍ଡ ପ୍ରୋଜେକ୍ଟ ହୋଇଥିବାରୁ, ନିକଟବର୍ତ୍ତୀ ଅଞ୍ଚଳର ଉତ୍ପାଦନକୁ ପ୍ରଭାବିତ ନକରି ଏହି ପ୍ରକଳ୍ପର କାର୍ଯ୍ୟକାରୀ କରାଯାଇଛି ।
ସୂଚନାଯୋଗ୍ୟ ଯେ, ଉକ୍ତ ଗୁରୁତ୍ୱପୂର୍ଣ୍ଣ ୩୩ କେଭି ଜିଏସ୍ ପ୍ରକଳ୍ପ ଏକାଧିକ ପର୍ଯ୍ୟାୟରେ, ସିପିପି-୧ ଇଲେକ୍ଟ୍ରିକଲ ଦଳର ପଦକ୍ଷେପ ସ୍ୱରୂପ ୨୨.୫ କୋଟି ଟଙ୍କା ବ୍ୟୟରେ କାର୍ଯ୍ୟକାରୀ ହୋଇଛି । ସିପିପି-୧ ବିଭାଗର ଇଲେକ୍ଟ୍ରିକଲର ପ୍ରୟାସ ସ୍ୱରୂପ ସିଜିଏମ ପାୱାର, ଶ୍ରୀ ବି ସୁନୀଲ କାର୍ଥାଙ୍କ ତତ୍ତ୍ୱାବଧାନରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି । ଶକ୍ତି ବଣ୍ଟନ ବିଭାଗ ଏବଂ ଆରଏସପିର ଅନ୍ୟାନ୍ୟ ବିଭାଗ ତଥା ପ୍ରକଳ୍ପ ପରାମର୍ଶଦାତା ସିଇଟି, ରାଞ୍ଚି ସହିତ ସମନ୍ୱୟରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି ।
୩୩ କେଭି ଗ୍ୟାସ୍ ଇନସୁଲେଟେଡ୍ ସିଷ୍ଟମ୍ ସବ୍ ଷ୍ଟେସନ୍ ତଥା ନୂତନ ସମନ୍ୱିତ ବିଦ୍ୟୁତ ନିୟନ୍ତ୍ରଣ କକ୍ଷ ଉଦଘାଟନ ସମାରୋହକୁ ଶ୍ରୀ ବି ସୁନୀଲ କାର୍ଥା ପରିଚାଳନା କରିଥିଲେ ।

# ଉତ୍କଳ ଗୌରବ ସାଂସ୍କୃତିକ ପରିଷଦ ପକ୍ଷରୁ ମଧୁବାବୁ ଜୟନ୍ତୀ




ବାଲେଶ୍ୱର,୨୮।୪(ନି.ପ୍ର): 'ଉତ୍କଳ ଗୌରବ ମଧୁସୂଦନ ସାଂସ୍କୃତିକ ପରିଷଦ' ପକ୍ଷରୁ ବାଲେଶ୍ୱରରେ ମଧୁବାବୁଙ୍କ ୧୭୬ ତମ ଜୟନ୍ତୀ ସଦ୍‌ଭାବନା ସଭାଗୃହରେ ଶୁକ୍ରବାର ସଂଧ୍ୟାରେ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ର ଏଥିରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଓଡ଼ିଶା ପ୍ରତି ମଧୁବାବୁଙ୍କ ଅତୁଳନୀୟ ଅବଦାନ ଏବଂ ସ୍ମୃତି ସମ୍ପର୍କରେ ଆଲୋକପାତ କରିଥିଲେ। ବିଶିଷ୍ଟ ସମାଜସେବୀ ସୀତା ବଲ୍ଲଭ ମହାପାତ୍ର, ପୂର୍ବତନ ବିଚାରପତି ତଥା ବାଲେଶ୍ୱରର ସ୍ଥାୟୀ ଲୋକ ଅଦାଲତର ଅଧ୍ୟକ୍ଷ ଚିନ୍ତାମଣି ପଣ୍ଡା, ସଂଗ୍ରାମୀ ନେତା ପର୍ଶୁରାମ ଦ୍ୱିବେଦୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମଧୁବାବୁଙ୍କ ସ୍ୱପ୍ନର ଓଡ଼ିଶା ପ୍ରତି ଆମର କର୍ତ୍ତବ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପରିଷଦର ସଭାପତି ତଥା ଦୈନିକ ଖବର କାଗଜ 'ଆଜିକାଲି'ର ପରିଚାଳନା ସମ୍ପାଦକ ଲକ୍ଷ୍ମୀ ନାରାୟଣ ମହାନ୍ତି ଏଥିରେ ସଭାପତିତ୍ୱ କରିବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ପରିଷଦର ସାଧାରଣ ସମ୍ପାଦକ ଆଇନଜୀବୀ ପୁରୁଷୋତ୍ତମ ବିଶ୍ୱାଳ ପ୍ରାକ ଅଭିଭାଷଣ ପ୍ରଦାନ କରିଥିଲେ। ପରିଷଦର ସଦସ୍ୟା ଆଇନଜୀବୀ ପ୍ରଜ୍ଞା ପାରମିତା ବିଶ୍ୱାଳ ଅତିଥି ପରିଚୟ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରତିମା ପଣ୍ଡା ଓ ସାଥିଙ୍କ ଦ୍ୱାରା ଆବାହନୀ ସଙ୍ଗୀତ ଏବଂ ପରେ ସଙ୍ଗୀତ ନିର୍ଦ୍ଦେଶକ ଅମୃତାଂଶୁ ପଟ୍ଟନାୟକ ଏବଂ ସାଥିମାନେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଷଦର ସଭ୍ୟ ଆଇନଜୀବି ତୁଷାର କାନ୍ତି ମହାପାତ୍ର, ଭାବଗ୍ରାହୀ ମହାନ୍ତି, ଅଖିଳ କୁମାର ଦାସ, ଡ. ହରିଶ୍ଚନ୍ଦ୍ର ବେହେରା, ସମରେନ୍ଦ୍ର ଦାସ, ସୌରୀଶଙ୍କର ପରିଡ଼ା, ସତ୍ୟନାରାୟଣ ବଳ, ରେଣୁବାଳା ଦାସ, ଅଞ୍ଜଳି ପଣ୍ଡା, ଦେବାଶିଷ ପାତ୍ର, ଶୁଭେନ୍ଦୁ ପଟ୍ଟନାୟକ, ଦର୍ପ ନାରାୟଣ ଦାସ, ଦିବାକର ମହାନ୍ତି, ଦାମୋଦର ସାମଲ, ପ୍ରଶାନ୍ତି ପଣ୍ଡା, ବସନ୍ତୀ କର, ଗୌରୀ ବାରିକ୍, ଜିତେନ୍ଦ୍ର ଉପାଧ୍ୟାୟ, ନୃସିଂହ ଚରଣ ମହାନ୍ତି, ଆଜିକାଲି ସମ୍ବାଦ ପତ୍ରର ପ୍ରକାଶକ କିଶୋର ଦାସ, ଦୀପକ ଦାଶ, ବିଜୟ ପାଣିଗ୍ରାହୀ, ସତ୍ୟେନ୍ଦ୍ର ଉମା ଶଙ୍କର ରାଉତ୍, ଗଙ୍ଗାଧର ରାଉତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅପରାହ୍ନରେ ପରିଷଦର ସଭାପତି ଶ୍ରୀ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ, ବିସ୍କୁଟ୍ ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

### ପାଖଉଛି କର୍ଣ୍ଣାଟକ ବିଧାନସଭା...

ସେପଟେ ନିଜ ବୟାନକୁ ନେଇ ଖଡ଼ଗେ ସଫେଇ ମଧ ରଖୁଛନ୍ତି । ପ୍ରଧାନମନ୍ତ୍ରୀଙ୍କ ବୟାନକୁ ବିବାଦ ଭିତରକୁ ଟାଣି କଂଗ୍ରେସ ଗୋଟେ ପରେ ଗୋଟେ ଟୁଇଟ କରି ଶାଣିତ ଅନ୍ଦାଜରେ ଆକ୍ରମଣ କରୁଛି।। ମେ ୧୦ରେ କର୍ଣ୍ଣାଟକ ବିଧାନସଭା ନିର୍ବାଚନ ପାଇଁ ପଡିବ ଭୋଟ । ରାଜ୍ୟର କ୍ଷମତା ନିଜ ହାତକୁ ଆଣିବା ପାଇଁ ଦଳମାନଙ୍କ ମଧରେ ଜୋରଦାର କସରତ ଚାଲିଛି । ଭୋଟ ବ୍ୟାଙ୍କ ରାଜନୀତିରେ କିଏ ଜୋରଦାର ପ୍ରଚାର କରୁଛି ତ ପୁଣି କିଏ ଭଳିକି ପ୍ରତିଶ୍ରୁତି ଦେଉଛି । ନିର୍ବାଚନ ପୂର୍ବରୁ ଏହା ଏକ ସାଧାରଣ କଥା କିନ୍ତୁ ଏଥର କର୍ଣ୍ଣାଟକ ପାଇଁ ରାଜନେତାଙ୍କ ମଧରେ ଯେଉଁଭଳି କଥାକଟି ଚାଲିଛି ତାକୁ ନେଇ ଏବେ ବେଶ ଚର୍ଚ୍ଚା । କହିବାକୁ ଗଲେ ଭୋଟରଙ୍କ ନିକଟରେ ନିଜକୁ ପହଁଚାଇବା ପାଇଁ ବରିଷ୍ଠ ନେତାଙ୍କ ବିବାଦୀୟ ବୟାନ ଦେବାକୁ ପଛଘୁଂଚା ଦେଉନାହାଁନ୍ତି ।

# ନୀଳେଶ୍ୱର ମହାଦେବଙ୍କ ଚଡକଯାତ୍ରା ସମ୍ପନ୍ନ



ଜଳେଶ୍ୱର,୨୮/୪ (ନି.ପ୍ର): ଚୈତ୍ରମାସ ଶେଷ ଓ ପହିଲା ବୈଶାଖରେ ବିଭିନ୍ନ ଶୈବପୀଠ ଗୁଡିକରେ ପାଟପର୍ବର ଘଟୋଉଳ ଉତ୍ସବ ଆରମ୍ଭ ହୋଇଥାଏ। ଜଳେଶ୍ୱର ବ୍ଲକ ନଛିମପୁର ଗାଁରେ ୧୩ଦିନର ବିଖ୍ୟାତ ପାଟପର୍ବ ଗୁରୁବାର ଧୁମଧାମରେ ସମାପନ ହୋଇଛି । ଶିବ ପୂରଣା ବର୍ଣ୍ଣିତ କୈଳାଶପତି ଶଂକର ଜଗତକଲ୍ୟାଣ ଲାଗି ମର୍ତ୍ତ୍ୟଲୋକର ଶୋଳାଷାପାଣ୍ଡୁକୁ ଚାଷ କରିବାକୁ ଆସିଥିଲେ। ଏହି ସମୟରେ ଅନନ୍ଦ ସୁନ୍ଦରୀ କାମନା ରାକ୍ଷସୀ ଭକ୍ତିରସ ପ୍ରେମରେ ମୁଗ୍ଧ ହୋଇ ତାଙ୍କ ପାଖରେ ରହିଥିଲେ। କୈଳାସରେ ମହାଦେବଙ୍କ ଅନୁପସ୍ଥିତି ଅନୁଭବ କରି ଧ୍ୟାନବଳରେ ମା ପାର୍ବତୀ ଜାଣିପାରି ମର୍ତ୍ତ୍ୟକୁ ଆସିଥିଲେ। କାମିନା ନାରଦ ମୁନୀଙ୍କ ଠାରୁ ସୂଚନା ପାଇ ପାର୍ବତୀଙ୍କ ତୃତୀୟ ନୟନ କ୍ରୋଧାଗ୍ନିରେ ଭସ୍ମୀଭୂତ ହେବା ଭୟରେ ମହାଦେବ ତାକୁ ପାତାଳି ହେବାକୁ କହିଥିଲେ । କାମିନାର ଭକ୍ତିଅଶ୍ରୁ ଓ ଅନୁନୟରେ ପ୍ରତିବର୍ଷ ମହାମେଳନ ହେବାର ଆର୍ଶିବାଦ କରି ମନ୍ଦିର ଉତ୍ତର ଦିଶାର ନେତ୍ରଜ୍ୱାଳାରେ ତ୍ରୀଶୂଳ କ୍ଷେପଣ କରି ପାତାଳି କରାଇଥିଲେ। ଏଣୁ ପ୍ରତିବର୍ଷ ଏହି ତିଥିରେ କାମିନାକୁ ହାକାଣ୍ଡରୁ ନିଶାଭାଗ ରାତିରେ ପୂଜାର୍ଚ୍ଚନା, ଆହ୍ୱାନ ଓ ଭକ୍ତାଙ୍କ ପଇତା ଧାରଣ ଶୋଭାଯାତ୍ରାରେ ବଳି ପ୍ରଦାନ କରି ସନ୍ତୁଷ୍ଟ କରାଯାଇ ମନ୍ଦିରକୁ ପାଛୋଟି ନିଆଯାଇଥାଏ। ପ୍ରତିଦିନ ୧୩ ଭକ୍ତାଙ୍କୁ ନିଷ୍କାମ ସେବା, ଦାଢ୍ୟକ୍ତାଭକ୍ତିର ଜୀବନଚର୍ଯ୍ୟା, ମାଣିକ ଗଡାଣ, ପାର୍ଶ୍ୱଦେବତା ଚଣ୍ଡି, ଗଣେଶ, ଭଗବତୀ, କ୍ଷେତ୍ରପାଳ, ମହାକାଳଙ୍କ ପୂଜାର୍ଚ୍ଚନା ଗ୍ରାମପରିବେଶକୁ ଭକ୍ତିମୟ ଓ ପବିତ୍ର କରିଥାଏ । ନୀଳରଂଗରେ ଘରେ ଘରେ ମହାମେଳୀ ପାଳନ ଓ ହାକାଣ୍ଡ ପାଖରୁ ଭକ୍ତ ଶଂକର ସିଂଙ୍କ ମାନସିକ ପବିତ୍ର ଦଣ୍ଡଯାତ୍ରା ଆକର୍ଷଣୀୟ ଓ ହୃଦୟସ୍ପର୍ଶୀ ଥିଲା। ପାଟପର୍ବର ଅନ୍ତିମ ଦିବସରେ ୧୩ ଭକ୍ତା ହାକାଣ୍ଡରେ ପୂଜାର୍ଚ୍ଚନା, ନୂତନ ବସ୍ତ୍ର ପରିଧାନ, ସୁସଜ୍ଜିତ ବିମାନରେ (ମଣ୍ଡି) ଉପବେଶନ କରି ବିଶାଳ ପଟୁଆରରେ ମନ୍ଦିର ପ୍ରଦକ୍ଷଣ କରି ରାତ୍ରୀର ଶେଷାର୍ଦ୍ଧରେ ବ୍ରତସମାପନ ଓ ମାର୍ଜ୍ଜନା କରିଥାନ୍ତି । ଚଳିତବର୍ଷ ପାଟଭକ୍ତ ହିମାଂଶୁ ପ୍ରଧାନ,ପୂଜକ ରବିନ୍ଦ୍ର ମିଶ୍ର, ଲଳିନ ମିଶ୍ର, ଗ୍ରାମ୍ୟମୁଖ୍ୟ ଚୈତନ୍ୟ ବିଶ୍ୱାଳ, ପରିଚାଳନା କମିଟି ପ୍ରମୁଖ ଦୁଇଦିନ ବ୍ୟାପି ଉଦ୍‌ଯାପନୀ ମେଳା ଓ ମୀନାବଜାରକୁ ପରିଚାଳନା କରିଥିଲେ । ହଜାର ହଜାର ଶ୍ରଦ୍ଧାଳୁଙ୍କ ମେଳରେ ଦୁଇଦିନ ଧରି ସାଂସ୍କୃତିକ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା ।

# ପୋଲରେ ପିଟିଲା ସ୍କୁଟି: କେନାଲକୁ ଖସି ଯୁବକ ମୃତ



ଲଙ୍ଗଳେଶ୍ୱର,୨୮/୪ (ନ ପ୍ର) ବାଲିଆପାଳ ବ୍ଲକ ଅନ୍ତର୍ଗତ ବାଲିକୁଟି ପଞ୍ଚାୟତ ର ମହାବଳା ଗ୍ରାମ ନିକଟ ଲଙ୍ଗଳେଶ୍ୱର ପଞ୍ଚୁପାଲି ରାସ୍ତା କୋଷ୍ଟ କେନାଲ ପୋଲ ରେ ଗତ କାଲି ରାତିରେ ଦୁର୍ଘଟଣା ଘଟି ଜଣେ ଯୁବକ ମୃତ୍ୟୁ ବରଣ କରିଥିବା ବେଳେ ଦୁଇଜଣ ଯୁବକ ଗୁରୁତ୍ୱ ର ଆହତ ହୋଇ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ହେଉଛନ୍ତି। ଖବର ନେବାରୁ ଜଣାଯାଇଛି ଗତ କାଲି ରାତି ପ୍ରାୟ ୧୦ ଟା ସମୟରେ ପଞ୍ଚୁପାଲି ଗ୍ରାମର ତିନିଜଣ ଯୁବକ ଏକ ସ୍କୁଟି ରେ ଲଙ୍ଗଳେଶ୍ୱର ରୁ ପଞ୍ଚୁପାଲି ଆସୁଥିଲେ। ବର୍ଷା ବି ଟିପି ଟିପି ପଡୁଥିଲା। ସ୍କୁଟି ର ଗତି ଅଧିକ ଥିବାରୁ ଭାରସାମ୍ୟ ହରାଇ ପୋଲ ବାଡ଼ା ରେ ଧକ୍କା ଦେଇଥିଲେ।ବାଡ଼ା ଭାଙ୍ଗି ୨୦ ଫୁଟ ତଳକୁ ଖସି ପଡ଼ିଥିଲେ। ସ୍ଥାନୀୟ ଓ ଯାତାୟାତ କରୁଥିବା ଲୋକ ରୁଣ୍ଡ ହୋଇ ଦୁଇଜଣ ଯୁବକ କୁ ଉଦ୍ଧାର କରି ଚିକିତ୍ସା ପାଇଁ ପଠାଇ ଦେଇଥିଲେ।କିନ୍ତୁ ସ୍କୁଟି ଚଳାଉଥିବା ଯୁବକ ମିଳି ନ ଥିଲେ।ବହୁତ ଖୋଜା ଖୋଜି କରିବା ପରେ ପାଣି ଭିତରୁ ଉଦ୍ଧାର କରି ଲଙ୍ଗଳେଶ୍ୱର ଡାକ୍ତର ଖାନା ଓ ଇଡ଼କୋ ହସ୍ପିଟାଲ ନେଇଯିବା ପରେ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ।ମୃତ ଯୁବକ ରାକେଶ ରାଜପୁତ ,ବୟସ ୧୯। ଉତ୍ତରପ୍ରଦେଶ ରାଜ୍ୟର ଆଗ୍ରା ଜିଲ୍ଲା ,ତାଜଗଞ୍ଜ ଥାନା ନଙ୍ଗଲାଲାନେ ଗ୍ରାମର ହରି ସିଂ ରାଜପୁତ ଙ୍କ ପୁଅ।ସେ କିଛିଦିନ ପୂର୍ବରୁ ପଞ୍ଚୁପାଲି ଗ୍ରାମ ସ୍ଥିତ ତାଙ୍କ ମାମୁଁ ରାମ ଚନ୍ଦ୍ର ସାହୁ ଘରକୁ ଆସିଥିଲେ।ସାଙ୍ଗ ମାନଙ୍କ ସହିତ ଲଙ୍ଗଳେଶ୍ୱର ରୁ ଫେରୁ ଥିଲେ। ବାଲିଆପାଳ ଥାନାର ଲିଖିତ ଅଭିଯୋଗ ପରେ କେଶ ନ ୧୧୮/୨୩ ମୂଳେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ଏସ ଆଇ ଲିଲି ନାୟକ ଶବ ବ୍ୟବଚ୍ଛେଦ ପାଇଁ ପଠାଇଦେବା ସହିତ ଡଉ୦୧ଇଔ ୬୦୬୦ ନମ୍ବର ଥିବା ସ୍କୁଟି ଜବଦ କରି ଘଟଣାର ତଦନ୍ତ ଚଳାଇଛନ୍ତି।

# ପ୍ରଫେସର ମଣୀନ୍ଦ୍ର ମେହେରଙ୍କ ପୁସ୍ତକ ଲୋକାର୍ପିତ

ରେମୁଣା,୨୮/୪(ନିପ୍ର) : ଅନ୍ତର୍ଜାତୀୟ ସୁଖ୍ୟାତି ପ୍ରାପ୍ତ ଲେଖକ ମନୋଜ ଦାସଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ଓଡ଼ିଶାର ସୁପ୍ରସିଦ୍ଧ ଲେଖକ, ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ପ୍ରପୌତ୍ର, ଫକୀରମୋହନ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗର ପ୍ରଫେସର ତଥା ପୂର୍ବତନ ବିଭାଗ-ମୁଖ୍ୟ, ମନୋଜ ଦାସଙ୍କ ସାହିତ୍ୟ କୃତିର ବିଶିଷ୍ଟ ଗବେଷକ, ତାଙ୍କ ଜୀବନୀ ଲେଖକ ପ୍ରଫେସରମଣୀନ୍ଦ୍ର କୁମାର ମେହେରଙ୍କ ରଚିତ ଦୁଇଟି ପୁସ୍ତକ ଲୋକାର୍ପିତ ହୋଇ ଯାଇଛି । ମନୋଜୀୟ ଅଭୀପସା ନାମକ ଓଡ଼ିଆ ପୁସ୍ତକ ସହ ଲେଖକଙ୍କ ଦ୍ୱାରା ରଚିତ ମନୋଜ ଦାସଙ୍କ ଶ୍ରେଷ୍ଠ ଗଳ୍ପ ଲକ୍ଷ୍ମୀର ଅଭିସାର ବିଷୟରେ ପୂର୍ବ ପ୍ରକାଶିତ ପୁସ୍ତକର ଇଂରାଜୀ ଅନୁବାଦ, ଯାହା ଆସିଷ୍ଟାଣ୍ଟ ପ୍ରଫେସର ଇପ୍ସିତା ଦାସଙ୍କ ଦ୍ୱାରା ସମ୍ପନ୍ନ, ତାହା ମଧ୍ୟ ମନୋଜ ଦାସଙ୍କ ଜନ୍ମପୀଠ ଶଙ୍ଖାରୀ ଗ୍ରାମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ପାତ୍ର ଉନ୍ମୋଚନ କରିଥିବା ବେଳେ, ଫକୀରମୋହନ ବିଶ୍ୱବିଦ୍ୟାଳୟ ବ୍ୟାସବିହାର ଠାରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଦ୍ୱାରା ଏହା ଲୋକାର୍ପିତ ହୋଇଯାଇଛି । ଉଭୟ ସ୍ମୃତି ସଭାରେ ଉପସ୍ଥିତ ସମ୍ମାନନୀୟ ଅତିଥି ତଥା ବିଦଗ୍ଧ ଶ୍ରୋତୃମଣ୍ଡଳୀଙ୍କ ଦ୍ୱାରା ଏହା ଉଚ୍ଚ ପ୍ରଶଂସିତ ହୋଇଛି ।

### ପୂଜ୍ୟ ପୂଜା ସମିତି ପକ୍ଷରୁ ମଧୁ ଜୟନ୍ତୀ ପାଳନ

# ନିର୍ବାଚିତ ପ୍ରତିନିଧିଙ୍କୁ ଫେରାଇ ଆଣିବା ଅଧିକାର ଜନତାଙ୍କ ପାଖରେ ରହୁ




ବ୍ରହ୍ମପୁର,୨୮/୪(ନିପ୍ର) : ମାନବ ଅଧିକାର ସୁରକ୍ଷା ମଞ୍ଚର ସାଂସ୍କୃତିକ ବିଭାଗ ପୂଜ୍ୟ ପୂଜା ସମିତି ପକ୍ଷରୁ ଶୁକ୍ରବାର ଉତ୍କଳଗୌରବ ମଧୁସୂଦନ ଦାସଙ୍କ ୧୭୬ତମ ଜୟନ୍ତୀ ପାଳନ ହୋଇଯାଇଛି । ଗାନ୍ଧିନଗର ଛକ ସ୍ଥିତ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ସମିତି ସଭାପତି ବଂଶୀଧର ଭୂୟାଁ ମାଲ୍ୟାର୍ପଣ କରିବାପରେ ତାଙ୍କ ଅଧକ୍ଷତାରେ ଏକ ସ୍ମୃତି ସଭା ଆୟୋଜିତ ହୋଇଯାଇଛି । ସୂଚନା ଯୋଗ୍ୟ ଯେ, ବିନା ଦରମାରେ ମନ୍ତ୍ରିତ୍ୱ ପାଇଁ ଦାବୀ ଗୃହୀତ ନ ହେବାରୁ ସେ ମନ୍ତ୍ରିତ୍ୱ ତ୍ୟାଗ କରିଥିଲେ । ଦେଶସେବାର ଉତ୍କୃଷ୍ଟ ମାଧ୍ୟମ ରାଜନୀତିକୁ ସ୍ୱଚ୍ଛ, ନିର୍ମଳ କରିବାପାଇଁ ମଧୁବାବୁଙ୍କ ବଳିଷ୍ଠ ଯୁକ୍ତିକୁ ଚର୍ଚ୍ଚା କରିବାପାଇଁ ମଧ ଆଜିର ରାଜନେତା ଖୁବ ଭୟ କରୁଛନ୍ତି । ଆଜିର ସାଂସଦ, ବିଧାୟକ ମାନେ ଦରମା ବୃଦ୍ଧି ସହ ବିଭିନ୍ନ ପ୍ରକାର ଭତ୍ତା ଦାବିରେ ସରକାରକୁ ଅଚଳ କରିଦେବାର ଧମକ ଦେଉଛନ୍ତି, ଅଥଚ ଏ ଦେଶର ଚାଷୀ, ଶ୍ରମିକ, ଦଳିତ, ମହିଳା ଆଦି ଶୋଷିତ ଶ୍ରେଣୀ ପାଇଁ ସେମାନଙ୍କ ମୁହଁରୁପଦେ କଥା ବାହାରୁନାହିଁ । ଦରଦାମ ବୃଦ୍ଧି, ବେକାରୀ ସଙ୍କଟ ଭଳି ସମସ୍ୟାର ସମାଧାନ କରିବାରେ ଅକ୍ଷମ ସରକାର କୋଟି କୋଟି ଟଙ୍କାର ଦୁର୍ନୀତିରେ ବୁଡି ରହିଛନ୍ତି । ବଡ଼ ବଡ଼ ଶିଳ୍ପପତି, ପୁଞ୍ଜିପତିଙ୍କ କୋଟି କୋଟି ଟଙ୍କାର ଋଣକୁ ଛାଡ଼ କରି ସାଧାରଣ ଜନତାଙ୍କ ଉପରେ ଉକ୍ତ ଋଣ ବୋଝକୁ ଲଦିବାପାଇଁ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦରକୁ ବହୁ ଗୁଣରେ ବୃଦ୍ଧି କରୁଛନ୍ତି ।ଏତଦସହ ମଧୁବାବୁଙ୍କ ମନ୍ତ୍ରିତ୍ୱ ସମୟରେ ସେ ଦୁଇଟି ଯୁଗାନ୍ତକାରୀ ବିଲ ଆଣିଥିଲେ । କୌଣସି ନିର୍ବାଚିତ ପ୍ରତିନିଧିଙ୍କ ନିଷ୍କ୍ରିୟତା ପାଇଁ ତାଙ୍କୁ ଫେରାଇ ଆଣିବା ଅଧିକାର ଜନତାଙ୍କ ପାଖରେ ରହିବା ଓ ଦଳିତଙ୍କ ଉତଥାନ ପାଇଁ ସାମାଜିକ ନିରାପତ୍ତା ବିଲ । ଏଣୁ ମଧୁବାବୁଙ୍କ ସ୍ୱପ୍ନର ଓଡିଶାକୁ ନିର୍ମାଣ କରିବାପାଇଁ ସମସ୍ତ ଓଡିଶାବାସୀ ଆଜି ସ୍ୱାଭିମାନୀ ଲଢେଇର ରାସ୍ତାକୁ ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ଉପସ୍ଥିତ ବକ୍ତା ମାନେ ମତବ୍ୟକ୍ତ କରିଥିଲେ । ଆଜିର ସ୍ମରଣ ସଭାରେ ବରିଷ୍ଠ ସାମ୍ବାଦିକ ରବି ରଥ, ସମ୍ପାଦକ ଏସ.ଶାମ୍ବାଶିବା ରାଓ, ସିମାଞ୍ଚଳ ମହାନ୍ତି, ଅମୁଲ୍ୟ ଚନ୍ଦ୍ର ପଣ୍ଡା, କବିରାଜ ସାହୁ, ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ଡା. ନକୁଳ ସାହୁ, ଲାଲବାହାଦୁର ପଟ୍ଟନାୟକ, ଏସ. ପ୍ରକାଶ ଚନ୍ଦ୍ର ପାତ୍ର, ଗୁରୁଶ୍ରୀ ଶର୍ଙ୍କର୍ଷଣ ପାତ୍ର ମାନବ ଅଧିକାର ସୁରକ୍ଷା ମଞ୍ଚର ଆବାହକ ଅବନୀ ଗୟା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ଡ୍ରିମ୍ସ ଆଇଡଲ୍ ସ୍କୁଲ ପରିସରରେ ମଧୁବାବୁ ଜୟନ୍ତୀ ପାଳିତ




ବାଲେଶ୍ୱର,୨୮/୪(ନିପ୍ର) : ଡ୍ରିମ୍ସ ଆଇଡଲ୍ ସ୍କୁଲ ପରିସରରେ ମଧୁବାବୁ ଜୟନ୍ତୀ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ସ୍ଥାନୀୟ ୱାର୍ଡକାଉନ୍ସିଲର ଶ୍ରୀମତୀ ରଞ୍ଜିତା ମହାପାତ୍ର ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଅନ୍ୟତମ ଅତିଥି ବିଦ୍ୟାଳୟ ସମ୍ପାଦକ ଶ୍ରୀଯୁକ୍ତ ଭାବଗ୍ରାହୀ ମହାନ୍ତି ଯୋଗଦେଇ ମଧୁବାବୁଙ୍କ ବଳିଦାନ ବଖାଣି ଥିଲେ। ଉପସ୍ଥିତ କର୍ମଚାରୀଗଣ ମଧୁବାବୁଙ୍କୁ ପୁଷ୍ପାଞ୍ଜଳି ଅର୍ପଣ ପୂର୍ବକ ତାଙ୍କ ରଚିତ କବିତା ଗାନ କରିଥିଲେ। ସଭାକାର୍ଯ୍ୟ ପରିଚାଳନା କରିଥିଲେ ବିଦ୍ୟାପୀଠ ର ଚେୟାରମେନ ଶ୍ରୀଯୁକ୍ତ ଗଙ୍ଗାଧର ଦାସ। ଅଧକ୍ଷା ପୁଷ୍ପିତା ମହାନ୍ତି ଧନ୍ୟବାଦ ଅର୍ପଣ କଲେ। ରେହାନା ବେଗମ୍, ସ୍ମୃତିରେଖା ଦାସ, ସତ୍ୟଭାମା ପ୍ରଧାନ, ଦୀପାଞ୍ଜଳୀ ଦାସ, ସ୍ମିତିସୁଧା ଦାସ, ଦେବୀଶ୍ରୀ ଗିରି, ଆରତୀ ବାଳା ଦାସ, ଅନୀତା ଦାସ, ଶାନ୍ତିଲତା ଖଟୁଆ , ଆଞ୍ଚଲ ପ୍ରିୟା ବେହେରା, ରଞ୍ଜନ କୁମାର ସାହୁ, ଜ୍ୟୋତି ଶଙ୍କର ନାୟକ, ଭଗବାନ ବେହେରା, ରୁନି ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

# ମଧୁବାବୁ ଜୟନ୍ତୀ ଓ ଆଇନଜୀବି ଦିବସ ପାଳିତ




ନୀଳଗିରି,୨୮/୪ (ନି.ପ୍ର): ନବ ଓଡିଶାର ନିର୍ମାତା ତଥା ବିଶିଷ୍ଟ ଆଇନଜୀବି ୰ ମଧୁ ସୁଦନ ଦାସଙ୍କ ଜନ୍ମ ଜୟନ୍ତି ଓ ଆଇନଜୀବି ଦିବସ ନୀଳଗିରି ଉପଖଣ୍ଡରେ ପାଳିତ ହୋଇଯାଇଛି। ନୀଳଗିରିର ଉପଖଣ୍ଡ ଓକିଲ ସଂ ଓ ନୀଳଗିରି ଓକିଲ ସଂଘଙ୍କ ଦ୍ୱାରା ଭିନ୍ନ ଭିନ୍ନ ଭାବେ ଏହି ଜୟନ୍ତି ଓ ଆଇନଜୀବି ଦିବସ ପାଳିତ ହୋଇଥିବା ବେଳେ ଦିବା ୮ ଘଟିକା ସମୟରେ ନୀଳଗିରି ସବଡିଭିଜନାଲ ନୀଳଗିରି ଉପଖଣ୍ଡ ବାର ଏସୋସିଏସନ ତଫରୁ ସଭାପତି ଚିତରଂଜନ ଷଡଙ୍ଗୀଙ୍କ ସଭାପତିତ୍ୱରେ ଏହି ଜୟନ୍ତି ପାଳିତ ହୋଇଥିବା ବେଳେ ସଂଘର ଉପସଭାପତି ଯତିନ୍ଦ୍ର ନାୟକ, ସହ ସମ୍ପାଦକ ଜୟନ୍ତ କୁମାର ସ, ବରିଷ୍ଠ ଓକିଲ ଗୌରହରି ବେହେରା, ପ୍ରଶାନ୍ତ ମଲ୍ଲିକ, ତନ୍ମୟ ପାତ୍ର, କାର୍ତିକ କୁମାର ରାଉତ, ନୀଳିମା ବାରିକ, ଖଗେଶ୍ୱର ଜେନା, ସହ ସମ୍ପାଦକ ସୁରେଶ ଚନ୍ଦ୍ର ବାରିକ, ଶାନ୍ତିଲତା ମିଶ୍ର, ବିଗ୍ନେଶ୍ୱର ବାରିକ, ପ୍ରମୁଖ ବହୁ ଆଇନ ଜୀବି ମଧୁବାବୁଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ସବଡିଭିଜନାଲ ବାର ଆସୋସିଏସନ କାର୍ଯ୍ୟାଳୟରେ ଶ୍ରୀ ଷଡଙ୍ଗୀଙ୍କ ଅଧକ୍ଷତାରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ଯୁଗ ପୁରୁଷ ମଧୁବାବୁଙ୍କ ଜୀବନ ଓ ବହୁମୁଖି ପ୍ରତିଭା ଉପରେ ଗୁଣଗାନ କରିଯାଇଥିବା ବେଳେ ନୀଳଗିରି ଓକିଲ ସଂଘ ତରଫରୁ ସଭାପତି ଅମରେନ୍ଦ୍ର ପଟ୍ଟନାୟକ , ମିହିର ମହାନ୍ତି, କିଶୋର ଷଡଙ୍ଗୀ, ବିରେନ୍ଦ୍ର ପଣ୍ଡା ଏବଂ ବହୁ ଆଇନଜୀବି ମଧୁବାବୁଙ୍କ ପ୍ରତିମୂର୍ତିରେ ମାଲ୍ୟର୍ପଣ କରିବା ସହିତ ମଧୁବାବୁଙ୍କ ସ୍ମୃତି ଚାରଣ କରିଥିଲେ। ସେହିପରି ନୀଳଗିରି ରତ୍ନାକର ଟାଉନ ହାଇସ୍କୁଲ ପରିସରରେ ମଧ ମଧୁବାବୁ ଜୟନ୍ତୀ ପାଳିତ ହୋଇଯାଇଥିବା ସୂଚନା ମିଳିଛି।

# ଏମ.ସି.ଏ.ଏମ. କଲେଜ ବାଣିଜ୍ୟ ବିଭାଗର ବିଦାୟୀ ସମ୍ବର୍ଦ୍ଧନା



ବାରିପଦା,୨୮/୪(ନିପ୍ର) : ମହାରାଜ ପୁର ସ୍ଥିତ ମୟୂରଭଂଜ କଲେଜ ଅଫ ଆକାଉଟେନସି ଆଣ୍ଡ ମ୍ୟାନେଜମେଂଟର ବାଣିଜ୍ୟ ବିଭାଗ ତରଫରୁ ବିଦାୟୀ ସମ୍ବର୍ଦ୍ଧନା ସଭା ବାଣିଜ୍ୟ ବିଭାଗ ମୁଖ୍ୟା ସବିତା ରାଣୀ ଦାଶଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଅଛି । ଶେଷ ବର୍ଷର ଛାତ୍ର ଲୋକନାଥ ହେମ୍ବ୍ରମ ବିଶ୍ୱବିଦ୍ୟାଳୟ ସ୍ତରରେ ବିଭିନ୍ନ କ୍ରୀଡା ଭିତିକ ପ୍ରତିଯୋଗିତା ରେ ସଫଳତା ହାସଲ କରି ଅର୍ଥ ରାଶି ପୁରସ୍କାର ପାଇବା ସହିତ ମହାରାଜ ଶ୍ରୀରାମ ଚନ୍ଦ୍ର ଭଂଜଦେଓ ବିଶ୍ୱବିଦ୍ୟାଳୟ ଓ ମୟୂରଭଂଜ କଲେଜ ଅଫ ଆକାଉଟେନସି ଆଣ୍ଡ ମ୍ୟାନେଜମେଂଟକୁ ଗୌରବାନ୍ୱିତ କରିଥିବାରୁ ମହାବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ ହୋଇଥିଲେ । ମହାବିଦ୍ୟାଳୟ ଅଧକ୍ଷ ପ୍ରଦୀପ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ କର୍ତ୍ତବ୍ୟ ପରାୟଣ ହେବା ପାଇଁ ଉପଦେଶ ଦେଇଥିବା ବେଳେ ପ୍ରଥମ ବର୍ଷ ଏବଂ ଦ୍ୱିତୀୟ ବର୍ଷ ଛାତ୍ରୀ ଛାତ୍ର ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା. ମହାବିଦ୍ୟାଳୟ ର ଅଧ୍ୟାପକ ଏବଂ ଅଧ୍ୟାପିକା ବିଭାଗୀୟ ପ୍ରଥମ ଏବଂ ଦ୍ୱିତୀୟ ବର୍ଷ ଛାତ୍ର ଛାତ୍ରୀ ରୋହିତ ପାତ୍ର, ପ୍ରିୟାଂଶୁ ବିଶୋଇ, ରମେଶ ସାହୁ, ସୁଶ୍ରୀ, ବିଷ୍ଣୁପ୍ରିୟା ଏବଂ ଦ୍ୱାଦଶ ଶ୍ରେଣୀ ଛାତ୍ର ଆୟୁଷ, ଚନ୍ଦ୍ର, କିସାନ, ମମିତା ଓ ମମତା ପ୍ରମୁଖ ସଭା ଆୟୋଜନ କରିଥିଲେ ।

# ନୀଳଗିରି : ଏମ.ଜି.ଏନ.ଆର.ଜି.ଏସ. ଓ ପ୍ରଧାନମନ୍ତ୍ରୀ ଆବାସ ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର ଅନୁଷ୍ଠିତ




ନୀଳଗିରି - ୨୮/୪(ନି.ପ୍ର) ନୀଳଗିରି ବ୍ଲକ ସମ୍ମିଳନୀ କକ୍ଷରେ ଶୁକ୍ରବାର ପୂର୍ବାହ୍ନ ୮.୩୦ମି. ସମୟରେ ନୀଳଗିରି ପଂଚାୟତ ସମିତି ଓଟାସ ଭୁବନେଶ୍ୱର ପଂଚାୟତରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ବ୍ଲକସ୍ତରୀୟ ସାମାଜିକ ସମୀକ୍ଷାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ବିଡିଓ ରାହୁଲ ମଣ୍ଡଳ ଅଧକ୍ଷତା କରିଥିବା ବେଳେ ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ସୁଚାରୁ ବଳ, ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ବାଲେଶ୍ୱର ସାଂସଦ ପ୍ରତିନିଧି କରୁଣାକର ପଣ୍ଡା, ବିଧାୟକ ପ୍ରତିନିଧି ଉପେନ୍ଦ୍ର ଦାସ, ୧୩ନଂ. ଜିଲ୍ଲା ପରିଷଦ ସଦସ୍ୟ ଗତିକୃଷ୍ଣ ନନ୍ଦ ମଂଚାସୀନ ଥିଲେ । ପ୍ରାରମ୍ଭରେ ନୀଳଗିରି ବ୍ଲକ ଏ.ପି.ଓ. ଜ୍ୟୋତି ପ୍ରସନ୍ନ ପୃଷ୍ଟି ସ୍ୱାଗତ ଅଭିନନ୍ଦନ ଜଣାଇବା ସହ ଅତିଥି ପରିଚୟ ଓ ଶିବିର ଆୟୋଜନ ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ଅତିଥିମାନେ ପ୍ରଥମେ ମହାତ୍ମାଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଏହି ଶିବିରରେ ଗତ ଅକ୍ଟୋବର ୧ ତାରିଖ ୨୦୨୧ ମସିହାରୁ ୩୦ ସେପ୍ଟେମ୍ବର ୨୦୨୨ ମସିହା ପର୍ଯ୍ୟନ୍ତ ସାମାଜିକ ସମୀକ୍ଷା କରାଯାଇଥିଲା । ମୁଖ୍ୟତଃ ମନରେଗା ର ବିଭିନ୍ନ କ୍ଷେତ୍ରରେ ରାସ୍ତାଘାଟ, ପୋଖରୀ, ବିଦ୍ୟାଳୟ ଉନ୍ନତିକରଣ, ବୃକ୍ଷରୋପଣରେ ବିନିଯୋଗ ଅର୍ଥ ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀ ପାଇଥିବାପାଇଖାନା ଗୃହ ସଂପର୍କରେ ବିଭିନ୍ନ ପ୍ରସଙ୍ଗ ଉପରେ ସମୀକ୍ଷା କରାଯାଇଥିଲା । ଏହି ଶିବିରରେ ତ୍ରିସ୍ତରୀୟ ପଂଚାୟତ ରାଜ ବିଭାଗର ସମସ୍ତ ନିର୍ବାଚିତ ପ୍ରତିନିଧି, ସମସ୍ତ ବିଭାଗୀୟ ପଦାଧିକାରୀ, ନୀଳଗିରି ପଂଚାୟତ ସମିତି ଉପାଧକ୍ଷ ଜନ୍ମେଜୟ ପୁଥାଳ, ଜି.ପି.ଇ.ଓ. ମୀନତି ମାରାଣ୍ଡି, ରଜତ ମୁଦୁଲି, ପଂଚାୟତ ପ୍ରତିନିଧି, ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିଲେ । ଶେଷରେ ବିଡିଓ ଶ୍ରୀଯୁକ୍ତ ମଣ୍ଡଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

## ବ୍ରହ୍ମାକୁମାରୀ ଭଦ୍ରକ ଆନୁକୁଲ୍ୟରେ ପ୍ରଶାସନ ସେବା ଅଭିଯାନ

ଭଦ୍ରକ,୨୮/୪(ନିପ୍ର) : ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଭଦ୍ରକ ଆନୁକୁଲ୍ୟରେ ଏକ ପ୍ରଶାସନିକ ସେବା ଅଭିଯାନ କାର୍ଯ୍ୟକ୍ରମ ସ୍ଥାନୀୟ ରିଜର୍ଭ ପୋଲିସ ପରିସର ଓ ପଥରଆଡ଼ି ଚରମ୍ପା ସ୍ଥିତ ବ୍ରହ୍ମାକୁମାରୀ ସେବା କେନ୍ଦ୍ରରେ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଦିଲ୍ଲୀରୁ ପ୍ରଶାସନିକ ସେବାରେ ଜୋନାଲ କୋର୍ଡିନେଟର ବ୍ରହ୍ମାକୁମାରୀ ଲକ୍ଷ୍ମୀ ଭଉଣୀ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିଜୟ କୁମାର କେର୍‌କେଟା ଯୋଗ ଦେଇଥିଲେ। ପୋଲିସ ଅଧିକାରୀ ଓ କର୍ମଚାରୀମାନେ କାର୍ଯ୍ୟ କ୍ଷେତ୍ରରେ କିପରି ଖୁସି, ଆନନ୍ଦରେ ରହି କର୍ମ ସମ୍ପାଦନ କରି ପାରିବେ ସେ ସମ୍ବନ୍ଧରେ ଅଭିଯାନରେ ବକ୍ତାମାନେ ମତ ବ୍ୟକ୍ତ କରିଥିଲେ। ରିଜର୍ଭ ପୋଲିସ ଠାରେ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଭଦ୍ରକର ମୁଖ୍ୟ ସଂଚାଳିକା ବ୍ରହ୍ମାକୁମାରୀ ମୟଙ୍କୁ ଭଉଣୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମାକୁମାରୀ ଗୀତାଞ୍ଜଳୀ, ମିନାକ୍ଷୀ, ସୁଚିତ୍ରା, ବ୍ରହ୍ମାକୁମାର ଅକ୍ଷୟ, ରିଜର୍ଭ ଇନିସ୍‌ପେକ୍ଟର ମନେରଂଜନ ତରାଇ ପ୍ରମୁଖ ଯୋଗ ଦେଇଥିଲେ। ଅନୁରୂପ ଭାବେ ଚରମ୍ପା ବ୍ରହ୍ମାକୁମାରୀ ଆଶ୍ରମରେ ମଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେଠାରେ ମୁଖ୍ୟଅତିଥି ରୂପେ ଜିଲ୍ଲା ପ୍ରଶାସନ ତରଫରୁ ପଦ୍ମନ କୁମାର ରାୟ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବନ୍ତିକା କଲେଜର ଡାଇରେକ୍ଟର ସଂଗୀତା ଦାସ, ସମାସେବୀ ଶିଶିର ମିଶ୍ର ଯୋଗ ଦେଇଥିଲେ। ଏହି ଅବସରରେ ଭଦ୍ରକ ଓ ଚରମ୍ପା ଆଶ୍ରମରେ ବୃକ୍ଷରୋପଣ କରାଯାଇଥିଲା।



## ଜଳେଶ୍ୱରର ବିଭିନ୍ନ ସ୍ଥାନରେ ୧୬୭ ତମ ମଧୁସୂଦନ ଜୟନ୍ତୀ ପାଳିତ




ଜଳେଶ୍ୱର,୨୮/୪ (ନି.ପ୍ର): ଉପାନ୍ତ ଜଳେଶ୍ୱରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ୧୬୭ତମ ମଧୁସୂଦନ ଜୟନ୍ତୀ ପାଳିତ ହୋଇ ଯାଇଛି । ଉତ୍କଳ ସମ୍ମିଳନୀର ଜଳେଶ୍ୱର ଶାଖା ପକ୍ଷରୁ ଶାନ୍ତିଆ ହାଇସ୍କୁଲ ଠାରେ ଅନୁଷ୍ଠିତ ବୈଠକରେ ପ୍ରାଧ୍ୟାପକ ଡ. ଶ୍ରୀକାନ୍ତ ଚରଣ ପାତ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତାଭାବେ ବିପିନ ବିହାରୀ ବିଶ୍ୱାଳ ଯୋଗ ଦେଇ ମଧୁସୂଦନ ଦାସଙ୍କ ଓଡିଶା ପ୍ରତି ଅବଦାନ ସଂପର୍କରେ ଆଲୋଚନା କରିଥିଲେ । ମୁଖ୍ୟ ଅତିଥିଭାବେ ନଗେନ୍ଦ୍ର ନାଥ ଦେ ଯୋଗ ଦେଇ ଉତ୍କଳ ସମ୍ମିଳନୀର ଏପରି ପ୍ରୟାସକୁ ପ୍ରଶଂସା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୁନିଲ ନାୟକ, କପିଳେଶ୍ୱର ମହାନ୍ତି, ଡ. ଅଜିତ୍ ମହାନ୍ତି, ଦିଲ୍ଲିପ ଗିରି, କାର୍ତ୍ତିକ ଚନ୍ଦ୍ର ବାରିକ, ପତିତପାବନ ପ୍ରଧାନ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନୁରୂପଭାବେ ବାର୍ ସଭାପତି କୁଂଜ ବିହାରୀ ଦାସଙ୍କ ସଭାପତିତ୍ୱରେ ମଧୁସୂଦସନ ଜୟନ୍ତୀ ପାଳିତ ହୋଇଯାଇଛି । ଏଥିରେ ସିଭିଲ ଜଜ୍ ସିନିୟର ସୁଶିଲ କୁମାର ସାହୁ, ମୁନ୍‌ସପ ପାର୍ଥ ପ୍ରତିକ, ଜେଏମ୍‌ଏଫସି ସ୍ୱର୍ଣ୍ଣପ୍ରଭା ସ୍ୱାଇଁ, ପକ୍ସ ବିଚାରପତି ରଂଜନ ସୁତାର, ବରିଷ୍ଠ ଆଇନ୍‌ଜିବୀ ଚିନ୍ମୟ କୁମାର ଦାସ, ସୁନିଲ କୁମାର ଜେନା, ଜିତାଂଶୁ ସେଖର ନନ୍ଦୀ, ଅବଧୁତ ଜେନା, ପ୍ରକାଶ ଦେ, ବିଜନ ଦେ ପ୍ରମୁଖ ଯୋଗ ଦେଇ ମଧୁସୂଦନ ଦାସଙ୍କ ଜୀବନୀ ସଂପର୍କରେ ଆଲୋକପାତ କରିଥିଲେ । ସେହିପରି ପୁରୁଣା କୋର୍ଟ ନିକଟରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ଡ. ଅତିତ୍ ମହାନ୍ତି, ସୁଶାନ୍ତ ଦାସ, ଭାସ୍କର ମିଶ୍ର, ପତିତପାବନ ପ୍ରଧାନ, କପିଶ୍ୱେର ମହାନ୍ତି, ଗୌରାଙ୍ଗ ଦାସ, ଜିତାରାମ ଦେ ପ୍ରମୁଖ ମାଲ୍ୟାର୍ପଣ କରିଛନ୍ତି।

## ୯୧ଟି ଏଫଏମ ଟ୍ରାନ୍ସମିଟରର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୮/୦୪ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ଦେଶର ୯୧ଟି ସ୍ଥାନରେ ନୂତନ ଏଆଇଆର ଏଫଏମ ଟ୍ରାନ୍ସମିଟରର ଭର୍ଚୁଆଲ ମୋଡରେ ଶୁଭାରମ୍ଭ କରିଛନ୍ତି। ଏଥିମଧ୍ୟରେ ଓଡ଼ିଶାର ୭ଟି ସ୍ଥାନ ରହିଛି। ଏହି ସମୟରେ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ସିଂ ଠାକୁର ଏବଂ ବିଭାଗର ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ.ମୁରୁଗନ ମଧ ଉପସ୍ଥିତ ଥିଲେ।

## ଉତ୍କଳସମ୍ମିଳନୀ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ



ବାଲେଶ୍ୱର, ୨୮/୦୪ (ନି.ପ୍ର): ଓଡ଼ିଆ ଭାଷାଭିତ୍ତିକ ସ୍ୱତନ୍ତ୍ର ଉତ୍କଳପ୍ରଦେଶ ଗଠନ ପାଇଁ ସମଗ୍ର ଜୀବନକାଳ ଅହରହ ସଂଗ୍ରାମ କରିଥିବା ଉତ୍କଳଗୌରବ ପୁଣ୍ୟାତ୍ମା ସ୍ୱାଭିମାନୀ ମଧୁସୂଦନ ଦାସଙ୍କର ୧୭୬ତମ ପୁଣ୍ୟଜୟନ୍ତୀ ଉତ୍ସବର ତାଙ୍କ ହାତଗଢ଼ା ଓଡ଼ିଆ ଜାତୀୟ ଜୀବନର ସ୍ମାରକ ଅନୁଷ୍ଠାନ 'ଉତ୍କଳସମ୍ମିଳନୀ ବାଲେଶ୍ୱର ଜିଲ୍ଲାଶାଖା' ପକ୍ଷରୁ ତାଙ୍କର ଏକଦା କର୍ମଭୂମି ଥିବା ବାଲେଶ୍ୱର ଜିଲ୍ଲାସ୍କୁଲ୍ ପରିସରରେ ଅନୁଷ୍ଠିତ ହୋଇଛି । ସକାଳ ୮ଘଟିକା ସମୟରେ ଉତ୍କଳସମ୍ମିଳନୀର କର୍ମକର୍ତ୍ତା, ସଦସ୍ୟ ଓ ସହରର ବହୁ ବିଶିଷ୍ଟ ବ୍ୟକ୍ତି ଜିଲ୍ଲାସ୍କୁଲ୍ ପରିସରରେ ସମବେତ ହୋଇ ଉତ୍କଳସମ୍ମିଳନୀ ବାଲେଶ୍ୱର ଶାଖାର ଦିବଂଗତ ସଭାପତି ତଥା ସେହି ଜିଲ୍ଲାସ୍କୁଲ୍‌ର କୃତିଶିକ୍ଷକ ଥିବା ପଣ୍ଡିତ ସୁରେନ୍ଦ୍ର ନାଥ କରଙ୍କ ଦ୍ୱାରା ନିଜସ୍ୱ ଖର୍ଚ୍ଚରେ ପ୍ରତିଷ୍ଠା କରାଯାଇଥିବା ପୁଣ୍ୟାତ୍ମା ମଧୁବାବୁଙ୍କର ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ମଧୁସୂଦନ ଦାସ ଅମର ରହେ ସ୍ଲୋଗାନ୍ ଦିଆଯାଇଥିଲା । ଏହାପରେ ଜିଲ୍ଲାସ୍କୁଲ୍ ସମ୍ମୁଖସ୍ଥ ବଉଳମଣ୍ଡପର ମୁକ୍ତାକାଶ ମଞ୍ଚରେ ମଧୁବାବୁଙ୍କ ଜୀବନ ଓ ଅବଦାନ ସମ୍ପର୍କରେ ଏକ ନିରାଡ଼ମ୍ବରପୂର୍ଣ୍ଣ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା । ଉତ୍କଳସମ୍ମିଳନୀ ବାଲେଶ୍ୱର ଜିଲ୍ଲା ଶାଖାର ସଭାପତି ବୈଦ୍ୟନାଥ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମୃତିଅର୍ଘ୍ୟ ନିବେଦନ ସଭାରେ ମଧୁବାବୁଙ୍କ ରଚିତ ଉତ୍କଳସନ୍ତାନ ସଙ୍ଗୀତକୁ ଜିଲ୍ଲାସ୍କୁଲ୍‌ର କେତେକ ଛାତ୍ରୀ ସମବେତ ଗାନ କରିଥିଲେ । ସଭାପତି ଶ୍ରୀଯୁକ୍ତ ଷଡ଼ଙ୍ଗୀ ଭାରତର ସ୍ୱାଧୀନତାସଂଗ୍ରାମ ସମୟରେ ବିଚ୍ଛିନ୍ନାଞ୍ଚଳ ଓଡ଼ିଶାକୁ ଏକତ୍ର କରି ଭାଷାଭିତ୍ତିକ ସ୍ୱତନ୍ତ୍ର ଉତ୍କଳପ୍ରଦେଶ ଗଠନ ପାଇଁ ମଧୁବାବୁ ଯେଉଁ ସାହସିକତା ପ୍ରଦର୍ଶନ କରିଯାଇଛନ୍ତି, ତାହା ସମସ୍ତ ସ୍ୱାଭିମାନୀ ଓଡ଼ିଆଙ୍କ ପାଇଁ ପ୍ରେରଣା ଯୋଗାଉଛି ବୋଲି କହିଥିଲେ । ବିଶିଷ୍ଟ ସାହିତ୍ୟିକ ଡ.ରମାକାନ୍ତ ବେହେରା, ଆଡ଼ଭୋକେଟ୍ ବିଜୟ କୁମାର ପାଣିଗ୍ରାହୀ, ସୁଧାକର ସେଠୀ, ମଧୁବାବୁଙ୍କ ସମ୍ପର୍କରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲା ବେଳେ ଜିଲ୍ଲାସ୍କୁଲ୍‌ର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଆଦିକନ୍ଦ ରାଉତ, ଶିକ୍ଷୟିତ୍ରୀ ସନ୍ଧ୍ୟା ଦାସ, ଶିକ୍ଷକ କୌଶିକ କୁମାର ଦାସ, ଶାଖାର ଉପସଭାପତି ଡ.କ୍ଷିତୀଶ୍ୱର ଦାଶ ଓ ନିରଞ୍ଜନ ରାଉତ, ଜିଲ୍ଲାପରିଷଦର ପ୍ରାକ୍ତନ ସଭାପତି ଗିରୀଶ ଚନ୍ଦ୍ର ଦାଶ, ଗୌରାଙ୍ଗ ପାଣିଗ୍ରାହୀ, ପ୍ରାଧ୍ୟାପକ ଶତ୍ରୁଘ୍ନ ମଲ୍ଲିକ, ରତ୍ନାକର ଦାସ, ସୀତାରାମ ପ୍ରଧାନ, ସୁଦର୍ଶନ ଜେନା, ଦୀନବନ୍ଧୁ ଲେଙ୍କା, ଶଶାଙ୍କଶେଖର ଦତ୍ତ, ବାସନ୍ତୀ କର, ରମେଶ ଚନ୍ଦ୍ର ଜେନା, ଯୋଗେଶ ଚନ୍ଦ୍ର ପ୍ରଧାନ, ନିରଞ୍ଜନ ପରିଡ଼ା, ବିଜୟ କୁମାର ଦାସ ଅଧିକାରୀ, ବିଦ୍ୟାଧର ସାହୁ, ରଞ୍ଜନ କୁମାର ପାଣିଗ୍ରାହୀ, ରବି କୁମାର ପାଣିଗ୍ରାହୀ, ବେଣୁଧର ସାହୁ, ସ୍ନେହଲତା ଦାସ ପତି, ପ୍ରଶାନ୍ତ ମଲ୍ଲିକ, ମନସ୍ୱିନୀ ଦେବୀ ମହାନ୍ତି, ରାଜସ୍ମିତା ପଟ୍ଟନାୟକ, ପ୍ରତ୍ୟାଶା ରଣା, ନମ୍ରତା ମିଶ୍ର, ଅର୍ଚ୍ଚିତା ମାଝୀ, କୁମାରୀ ମଧୁସ୍ମିତା ଜେନା, କୁମାରୀ ଶୁଭଶ୍ରୀ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲା ବେଳେ ଛାତ୍ର ଶ୍ରୀମାନ ସ୍ୱପ୍ନିଲ ସ୍ୱରୂପ ବେହେରା ମଧୁବାବୁଙ୍କ ବେଶ ଧାରଣ କରି ସମସ୍ତଙ୍କୁ ମୁଗ୍ଧ କରିଥିଲା । ଜିଲ୍ଲା ଶାଖାର ସମ୍ପାଦକ ତଥା ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଦସ୍ୟ କବି କାଳୀପଦ ପଣ୍ଡା ବାଲେଶ୍ୱର ଜିଲ୍ଲାସ୍କୁଲ୍‌ରେ ମଧୁବାବୁ ଶିକ୍ଷକତାଜୀବନ ନିର୍ବାହ କରିଥିବାରୁ ଏହି ପୁଣ୍ୟଭୂମିରେ ତାଙ୍କର ଜୟନ୍ତୀ ପାଳନ କରିବା ଆମପାଇଁ ଗୌରବର ବିଷୟ ବୋଲି କହିଥିଲେ । ସର୍ବସମ୍ମତି ଭାବେ ମଧୁବାବୁଙ୍କ ଭଳି ଜାତୀୟ ସ୍ତରର ମହାନ ଭାରତର ସନ୍ତାନଙ୍କୁ ମୃତ୍ୟୁର ଦୀର୍ଘବର୍ଷ ପରେ ମଧ ଭାରତରତ୍ନ ଉପାଧିରେ ଭୂଷିତ ନ କରିବା କ୍ଷୋଭର ବିଷୟ ହୋଇଥିବାରୁ ଅବିଳମ୍ବେ ଭାରତସରକାର ତାଙ୍କୁ ମରଣୋତ୍ତମର ଭାବେ ଭାରତରତ୍ନ ଉପାଧିରେ ଭୂଷିତ କରନ୍ତୁ ବୋଲି ପ୍ରସ୍ତାବ ଗୃହୀତ କରାଯାଇଥିଲା ।

## ଛେନା ଓ ପନିର ଦରର ପୁନଃ ନିର୍ଦ୍ଧାରଣ

ଭୁବନେଶ୍ୱର, ୨୮.୪ (ନି.ପ୍ର): ଓମ୍‌ଫେଡ କ୍ଷୀରର ଦର ଲିଟର ପ୍ରତି ୪ ଟଙ୍କା ବୃଦ୍ଧି ଦୁଗ୍ଧଜାତ ଦ୍ରବ୍ୟ ବ୍ୟବସାୟୀ ସଂଘର ସଦସ୍ୟମାନଙ୍କ ଉପରେ ଗଭୀର ଋପ ସୃଷ୍ଟି କରିଛି। କ୍ଷୀରର ଏପରି ଅହେତୁକ ବୃଦ୍ଧି ଫଳରେ ସେମାନଙ୍କୁ କ୍ଷୀର ଲିଟର ପ୍ରତି ୪ ଟଙ୍କା ଅଧିକ ଦର ଦେଇ ସଂଗ୍ରହ କରିବା ଫଳରେ ଛେନା କେଜି ପ୍ରତି ୨୦ ଟଙ୍କା ଏବଂ ପନିର କେଜି ପ୍ରତି ୩୦ ଟଙ୍କା ଅଧିକ ଭାର ବହନ କରିବାକୁ ବାଧବାଧକତା ଉପୁଜିଲା। ତେଣୁ ପରିବର୍ତ୍ତିତ ପରିସ୍ଥିତିରେ ସଂଘର ସାଧାରଣ ସଭାର ଅନୁମୋଦନ କ୍ରମେ ଛେନା ଓ ପନିର କେଜି ପ୍ରତି ନିମ୍ନମତେ ଧାର୍ଯ୍ୟ କରାଗଲା। ପୁନଃ ନିର୍ଦ୍ଧାରିତ ଦର କ୍ରମେ ଛେନାର କେଜି ପ୍ରତି ୧୮୦ ଟଙ୍କାରୁ ୨୦୦ ଟଙ୍କା ଏବଂ ପନିର କେଜି ପ୍ରତି ୨୨୦ ଟଙ୍କାରୁ ୨୫୦ ଟଙ୍କାକୁ ବୃଦ୍ଧି କରାଗଲା। ଉପରୋକ୍ତ ଦର ଆସନ୍ତା ମଇ ମାସ ୧ ତାରିଖ (୦୧.୦୫.୨୦୨୩) ଠାରୁ ଲାଗୁ କରାଯିବାକୁ ସ୍ଥିର କରାଗଲା।

## ଫକୀରମୋହନ ସାହିତ୍ୟ ପରିଷଦ ପକ୍ଷରୁ ସ୍ୱାଭିମାନ ଦିବସ ଓ ଚିତ୍ରଶିଳ୍ପୀ ଉଦୟ ଜେନା ଜୟନ୍ତୀ ପାଳିତ



ବାଲେଶ୍ୱର,୨୮/୪(ନିପ୍ର) : ଫକୀରମୋହନ ସାହିତ୍ୟ ପରିଷଦ ପକ୍ଷରୁ ଆଜି କୁଳବୃଦ୍ଧ ମଧୁସୂଦନ ଦାସଙ୍କ ପବିତ୍ର ଜନ୍ମତିଥିରେ ସ୍ୱାଭିମାନ ଦିବସ ପାଳନ କରାଯାଇଛି। ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ନେତୃତ୍ୱରେ ପରିଷଦର କର୍ମକର୍ତ୍ତାମାନେ ସକାଳେ ଜିଲ୍ଲାସ୍କୁଲସ୍ଥିତ ମଧୁସୂଦନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବାପୂର୍ବକ ସେହି ମହାମାନବଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରିଷଦର ଉପସଭାପତି ଦୀନବନ୍ଧୁ ଲେଙ୍କା, ସଂପାଦକ ଦୀପକ ବୋଷ, ଯୁଗ୍ମ ସଂପାଦକ କଲ୍ୟାଣୀ ନନ୍ଦ, କାର୍ଯ୍ୟକାରୀ କମିଟି ସଦସ୍ୟ ରାଜେଶ ଗିରି, ଡ. କ୍ଷୀତିଶ୍ୱର ଦାଶ, ଶରତ କୁମାର ମହାପାତ୍ର, ଗୌରାଙ୍ଗ ପାଣିଗ୍ରାହୀ, ରମାକାନ୍ତ ନାୟକଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ। ଅପରାହ୍ଣରେ ବାଲେଶ୍ୱର ଚାରୁ ଓ କାରୁକଳା ମହାବିଦ୍ୟାଳୟ ପରିସରରେ ଚିତ୍ରଶିଳ୍ପୀ ଉଦୟ ଜେନାଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ବିଶିଷ୍ଟ ଚିତ୍ରଶିଳ୍ପୀ ରାଜବଲ୍ଲଭ ସାହୁ ମୁଖ୍ୟଅତିଥି, ବାଲେଶ୍ୱର ଚାରୁ ଓ କାରୁକଳା ମହାବିଦ୍ୟାଳୟର ଅଧକ୍ଷ ନିକୁଞ୍ଜ ବିହାରୀ ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଚିତ୍ରକର ଉଦୟ ଜେନାଙ୍କ ସ୍ମୃତିଚାରଣ କରିଥିଲେ। ସଂପାଦକ ଦୀପକ ବୋଷ ପ୍ରାକ୍‌କଥା ରଖିଥିବାବେଳେ ଯୁଗ୍ମ ସଂପାଦକ କଲ୍ୟାଣୀ ନନ୍ଦ ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିଲେ। ଏହି ଅବସରରେ ନବୋଦୟ ବିଦ୍ୟାଳୟର ଶିକ୍ଷକ ତଥା ପ୍ରତିଭାଦୀପ୍ତ ଚିତ୍ରଶିଳ୍ପୀ ଧର୍ମପଦ ବିଶ୍ୱାଳଙ୍କୁ ୨୦୨୩ ମସିହା ପାଇଁ ଉଦୟ ଜେନାଙ୍କ ସ୍ମୃତିରେ ଫକୀରମୋହନ ଚିତ୍ରକଳା ସମ୍ମାନରେ ସମ୍ମାନିତ କରାଯାଇଥିଲା। କୋଷାଧକ୍ଷ ତପନ ରାୟ ମାନପତ୍ର ପାଠ କରିଥିଲେ।

## ଉଦଳାରେ ଆଇନଜୀବି ଦିବସ ପାଳିତ




ଉଦଳା, ୨୮/୦୪ (ନି.ପ୍ର):- ଉଦଳା ଓକିଲ ସଂଘ ତରଫରୁ ଆଜି ଏପ୍ରିଲ ୨୮ ତାରିଖ ଶୁକ୍ରବାର ଦିନ ଉତ୍କଳ ଗୌରବ ମଧୁସୁଦନଙ୍କ ୧୭୬ ତମ ଜୟନ୍ତି 'ଆଇନଜୀବି ଦିବସ' ପାଳିତ ହୋଇ ଯାଇଛି । ଏହି ଅବସରରେ ପ୍ରଭାତରେ ଓକିଲ ମାନେ ଏକତ୍ରୀତ ହୋଇ ସହର ମଧରେ ବିଜ୍ଞାପିତ ଅଂଚଳ ପରିଷଦ ତରଫରୁ ସ୍ଥାପନ କରାଯାଇଥିବା ମଧୁସୁଦନ ଦାସଙ୍କ ପ୍ରତିମୂର୍ତିରେ ପୁଷ୍ପ, ଧୂପ, ଦୀପ ଅର୍ପଣ ପୂର୍ବକ ପୂଜାର୍ଚ୍ଚନା କରିଥିଲେ । ଏହାପରେ କଚେରି ପରିସରରେ ଆୟୋଜିତ ଏକ ସାଧାରଣ ସଭାରେ ସଂଘର ସଭାପତି ଲମ୍ବୋଦର ବେହେରା ଅଧକ୍ଷତା କରି ମଧୁବାବୁଙ୍କର ତ୍ୟାଗମୟ ଜୀବନ ଓ ବିଚକ୍ଷଣ ବୁଦ୍ଧି ପାଇଁ ସେ ସମୟରେ ସମାଜରେ କିପରି ପରିବର୍ତନ ଆସିଥିଲା ବର୍ଣ୍ଣନା କରିଥିଲେ । ଅନ୍ୟମାନଙ୍କ ମଧରେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ମଧୁବାବୁଙ୍କର କାବ୍ୟ କବିତା ଓ ସାହିତ୍ୟ କୃତିରେ କିପରି ଯାଦୁଗରୀ ଶକ୍ତି ଭରି ରହିଥିଲା ସେ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଆଇନଜୀବି ଅରୁଣ କୁମାର ବାରିକ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ତାଙ୍କର ବକ୍ତବ୍ୟରେ ସମଗ୍ର ଓଡ଼ିଆ ଭାଷା ଭାଷୀ ଅଂଚଳକୁ ଏକତ୍ର ଓ ଏକ ଶାସନାଧିନ କରିବା ସହ ଓଡ଼ିଶାର ଶିକ୍ଷ, କଳା, କୃଷି ଓ ବାଣିଜ୍ୟ ଆଦିର ବିକାଶ ସାଧନା ଏବଂ ଭାଷା ଓ ସଂସ୍କୃତିର ସୁରକ୍ଷା ତଥା ଜାତୀୟତା ବୋଧର ପ୍ରଶାର ଥିଲା ମଧୁବାବୁଙ୍କ 'ଉତ୍କଳ ସମ୍ମିଳନୀ' ଗଠନର ମୂଳ ଓ ମୁଖ୍ୟ ଲକ୍ଷ ବୋଲି ବ୍ୟକ୍ତ କରିଥିଲେ। ସଂଘର ସଂପାଦକ ବସନ୍ତ କୁମାର ପରିଡ଼ା ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ମଧୁବାବୁ କେବଳ ସ୍ୱତନ୍ତ୍ର ଓଡ଼ିଶା ଗଠନର କର୍ଣ୍ଣଧାର ନୁହଁନ୍ତି, ଅଧିକନ୍ତୁ ଓଡ଼ିଶାର ଅବହେଳିତ, ନିଷ୍ପେଶିତ ଜନତାଙ୍କ ଉନ୍ନତି ନିମନ୍ତେ ତାଙ୍କର ନିଷ୍ଠାପୂର୍ଣ୍ଣ କାର୍ଯ୍ୟଧାରା, ତ୍ୟାଗପୂର୍ଣ୍ଣ ଜୀବନ, ଅନ୍ତର୍ହିତ ଜାତୀପ୍ରିତିକୁ ଏ ଜାତି କେବେ ଭୁଲିବ ନାହିଁ ବୋଲି ବ୍ୟକ୍ତ କରିଥିଲେ। ଶେଷରେ ସଂଘର ଉପସଭାପତି ମନୋଜ ଦାସ ଧନ୍ୟବାଦ ଅର୍ପଣ କରିବା ପରେ କାର୍ଯ୍ୟକ୍ରମର ଯବନିକା ପଡିଥିଲା।

## ୩ ଆନ୍ତଃରାଜ୍ୟ ଚୋର ଗିରଫ: ୭ ଲାପଟପ୍, ୧ ଆଇପ୍ୟାଡ଼୍ ସହ ୧୯ ମୋବାଇଲ ଜବତ

### ମୂକ ସାଜି ଭିକ୍ଷାବୃତ୍ତି କରିବା ଆଳରେ କରୁଥିଲେ ଚୋରୀ



ବାରିପଦା,୨୮/୪(ନିପ୍ର) : ଦିନକୁ ଦିନ ଜିଲ୍ଲାରେ ଚୋରି ରାହାଜାନି ବୃଦ୍ଧି ପାଉଥିବା ବେଳେ ବାରିପଦା ଟାଉନଥାନା ପୋଲିସ ୩ଜଣ ଆନ୍ତଃରାଜ୍ୟ ଚୋରଙ୍କୁ ଗିରଫ କରିବା ସହିତ ତାଙ୍କ ଠାରୁ ୭ଟି ଲାପଟପ, ଗୋଟିଏ ଆଇପ୍ୟାଡ ଓ ୧୯ଟି ବିଭିନ୍ନ କମ୍ପାନୀର ମୋବାଇଲ ଫୋନ ଜବତ କରିବାରେ ସଫଳ ହୋଇଛି । ଏନେଇ ବୁଧବାର ସନ୍ଧ୍ୟାରେ ବାରିପଦା ଟାଉନଥାନା ପରିସରରେ ଏକ ସାମ୍ବାଦିକ ସମ୍ମିଳନୀରେ ବିସ୍ତୃତ ତଥ୍ୟ ପ୍ରଦାନ କରାଯାଇଛି । ଗିରଫ ଅଭିଯୁକ୍ତ ମାନେ ତାମିଲନାଡୁ ରାଜ୍ୟ ଭେଲର ଅଂଚଳର ପ୍ରକାଶ ମୁର୍ଥି (୨୩), ପି. ବାଲାଜି ଓରଫ ମୁନିୟାସ୍ୱାନ (୨୬) ଓ କୁମାର ଆସ୍ୱାରାଓ (୨୨) ବୋଲି ଜଣାଯାଇଛି । ଏହି ଆନ୍ତଃରାଜ୍ୟ ଚୋର ଗ୍ୟାଙ୍ଗକୁ ତକତପୁର ଅଂଚଳରୁ ଗିରଫ କରିବାରେ ସଫଳ ହୋଇଛି ପୁଲିସ। ରାତି ପେଟ୍ରୋଲିଂ ସମୟେର ପ୍ରଥେମ ଦୁଇ ଜଣଙ୍କୁ ଗିରଫ କରି ଟାଉନ ଥାନା ଆଣି ପଚରାଉଚରା କରିଥେଲ। ତାଙ୍କ ଠାରୁ ଅଧିକ ଖବର ପାଇ ବାରିପଦାର ଭୁଗୁଡାକଟା ଅଂଚଳେର ଭଡାେର ରହୁଥିବା ଘେର ଚଢ଼ାଉ କରିଥେଲ। ସେଠାରୁ ଅନ୍ୟ ଜଣକୁ ଗିରଫ କରିବା ସହ ୭ଟି ଲ୍ୟାପଟପ, ଗୋଟିଏ ଆଇପ୍ୟାଡ଼, ୧୯ ଗୋଟି ମୋବାଇଲ, ୨ଗୋଟି ସ୍ମାର୍ଟ ୱାଚ, ୩ଗୋଟି ଏଟିଏମ ଓ ଆଧାର କାର୍ଡ ଏବଂ ୨ହଜାର ଟଙ୍କା ଜବତ କରିଥେଲ। ପୂବର୍ରୁ ଟାଉନ ଥାନା ଅଂଚଳେର ଅେନକ ଲ୍ୟାପଟପ ଓ ମୋବାଇଲ ଚୋରି ନେଇ ବାରମ୍ବାର ଅଭିଯୋଗ ହେଉଥିଲା। ଯାହାକୁ ନେଇ ପୁଲିସ ପକ୍ଷରୁ ତଦନ୍ତ କରି ଏମାନଙ୍କୁ ଗିରଫ କରାଯାଇଛି। ଗିରଫ ତିନି ଜଣ ମୁକ ଭାବେ ଭିକ୍ଷା ବୃତି କରନ୍ତି । ସମୟ ସୁବିଧା ଦେଖି ଲୋକଙ୍କ ଘେର, ଦୋକାନେର ପଶି ଉପେରାକ୍ତ ସାମଗ୍ରୀ ଚୋରି କରିଥାନ୍ତି ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି । ଘଟଣାର ଅଧିକ ତଦନ୍ତ ଜାରି ରହିଛି ବୋଲି ସଦର ଏସଡିପିଓ ପ୍ରକାଶ ଜେମ୍ସ ଟୋପ୍ପ ଓ ଟାଉନ ଥାନା ଅଧିକାରୀ ଅଜୟ ସୁଦର୍ଶର୍ନ ବାଗେ ସାମ୍ବାଦିକ ସମ୍ମିଳନୀ ରେ ସୂଚନା ଦେଇଛନ୍ତି।

## ପ୍ରଧାନମନ୍ତ୍ରୀଙ୍କ ୧୦୦ତମ ମନ କି ବାତ ପ୍ରସ୍ତୁତି ଚୂଡ଼ାନ୍ତ : ଗୋପୀନାଥପୁରରେ ହେବ ବିଶାଳ ଜନସମାବେଶ




ବାଲେଶ୍ୱର,୨୮।୪(ନି.ପ୍ର): ଆସନ୍ତା ୩୦ ତାରିଖରେ ହେବାକୁ ଥିବା ପ୍ରଧାନମନ୍ତ୍ରୀଙ୍କ ୧୦୦ତମ ମନ କି ବାତ୍ କାର୍ଯ୍ୟକ୍ରମ ପାଇଁ ବାଲେଶ୍ୱରରେ ବିଜେପି ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଜିଲାରେ ହଜାରେରୁ ଅଧିକ ଓ ବାଲେଶ୍ୱର ସଂସଦୀୟ କ୍ଷେତ୍ରରେ ୮୭୫ଟି କେନ୍ଦ୍ରରେ କାର୍ଯ୍ୟକମର ସିଧା ପ୍ରସାରଣ ହେବ ବୋଲି ଆୟୋଜିତ ଏକ ସମ୍ବାଦିକ ସମ୍ମିଳନୀରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ। ୧୧ଟି ବିଦେଶୀ ଭାଷା ସମେତ ୫୨ଟି ଭାରତୀୟ ଭାଷାରେ ଏହି କାର୍ଯ୍ୟକ୍ରମର ପ୍ରସାରଣ ହେଉଛି। ମନ୍ କି ବାତ୍ ଦିନକୁ ଦିନ ଅଧିକରୁ ଅଧିକ ଲୋକାଦୃତ ହୋଇ ଚାଲିଥିବା ବେଳେ ଜନସାଧାରଣଙ୍କ ଉପରେ ଏହାର ଏହାର ସକାରାତ୍ମକ ପ୍ରଭାବ ପରିଲକ୍ଷିତ ହୋଇଥିବା ଶ୍ରୀ ଷଡ଼ଙ୍ଗୀ କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ସୁଦୂରପ୍ରସାରୀ ଏହି କାର୍ଯ୍ୟକ୍ରମ ବ୍ୟକ୍ତିତ୍ୱ ବିକାଶ ସହିତ ଦେଶପ୍ରତି ନିଜର ଦାୟିତ୍ୱ ସମ୍ପର୍କରେ ଜନସାଧାରଣ ସଚେତନ ହେଉଛନ୍ତି। ପ୍ରତ୍ୟେକ ଏପିସୋଡ଼ରେ ଶ୍ରୋତା ଓ ଦର୍ଶକଙ୍କ ସଂଖ୍ୟା ଆଶାତୀତ ଭାବେ ବଢ଼ିଚାଲିଥିବା ବେଳେ ଏହା ଏକ ଜନଆନ୍ଦୋଳନର ରୂପ ନେଇପାରିଛି ବୋଲି ସାଂସଦ କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ମନ କି ବାତ କାର୍ଯ୍ୟକ୍ରମର ପ୍ରଭାବରେ ସାଧାରଣ ଲୋକଙ୍କ ଜନଜୀବନକୁ ଶୃଙ୍ଖଳିତ କରିବା, ମୃତ୍ତିକା ସଂରକ୍ଷଣ, ଜଳ ସଂରକ୍ଷଣ, ପରିବେଶ ସନ୍ତୁଳନ ରକ୍ଷା, ସ୍ୱଚ୍ଛତା, ଜୈବ ବିବିଧତା ଆଦି କ୍ଷେତ୍ରରେ ଉନ୍ନତି ଘଟିଚାଲିଛି। ସମ୍ପ୍ରତି ଦେଶର ୯୫ପ୍ରତିଶତ ଖେଳନା ଘୋରେଇ ଶିକ୍ଷ ମାଧମରେ ପ୍ରସ୍ତୁତ ହୋଇଚାଲିଛି। ୬୦ ପ୍ରତିଶତ ଲୋକେ ରାଷ୍ଟ୍ରନିର୍ମାଣ ପାଇଁ କାର୍ଯ୍ୟ କରିବାକୁ ଆଗ୍ରହୀ ହୋଇଛନ୍ତି। ୪୫ ପ୍ରତିଶତ ଲୋକେ ଦାୟିତ୍ୱବାଦ ନାଗରିକ ହେବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ୩୦ତମ ମନ୍ କି ବାତ୍ କାର୍ଯ୍ୟକ୍ରମର ଆୟୋଜନ ଅବସରରେ ନୀଳଗିରିର ଗୋପିନାଥପୁର ଠାରେ ଏକ ବିଶାଳ ସମାବେଶ ସହିତ ପ୍ରଧାନମନ୍ତ୍ରୀଙ୍କ ସହିତ ଉକ୍ତ ସମାବେଶର ସଂଯୋଗୀକରଣ କରାଯିବ ବୋଲି ବାଲେଶ୍ୱର ସାଂସଦ ଶ୍ରୀ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ଅଧିକ ସଂଖ୍ୟାରେ ଯୋଗଦେଇ ଏହାକୁ ସଫଳ କରିବା ପାଇଁ ସେ ସମସ୍ତଙ୍କୁ ନିବେଦନ କରିଛନ୍ତି। ବିଜେପି ଜଲା ସଭାପତି ଉମାକାନ୍ତ ମହାପାତ୍ର, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ ଓ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର ଓ ସଦସ୍ୟା ଶୋଭନା ମହାନ୍ତି, ଜିଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ଜିଲ୍ଲା ଗଣମାଧମ ସଂଯୋଜକ ଶ୍ରୀନିବାସ ପ୍ରଧାନ, ଜିଲା ସମ୍ପାଦକ ବିଜୟ ସାହୁ, ମହୁଆ ପ୍ରଧାନ, ସସ୍ମିତା ଚାନ୍ଦ, ରଞ୍ଜିତ ପୁଷ୍ଟି ଓ ଅରୂପ ଜେନା ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704**

❒ Managing & Executive Editor : Srustidhar Parida
❒ Editor: Sairindhree Sahoo